

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୩ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 13 JUNE 2023
Vol.No. 34 ■ No. 156 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗୁରୁବାର ଲ୍ୟାଣ୍ଡଫଲ କରିବ ବାତ୍ୟା ବିପର୍ଯ୍ୟୟ

### ମୋଦିଙ୍କ ବୈଠକ: ଜାରି ହେଲା ହାଇଆଲର୍ଟ




ନୂଆଦିଲ୍ଲୀ,୧୨/୦୬ : ଆରବ ସାଗରରେ ସୃଷ୍ଟି ହୋଇଥିବା ବାତ୍ୟା ବିପର୍ଯ୍ୟୟ ଆସନ୍ତା ଗୁରୁବାର ଲ୍ୟାଣ୍ଡଫଲ କରିବ। ବର୍ତ୍ତମାନ ଭୟଙ୍କର ବାତ୍ୟାର ରୂପ ନେଇଥିବା ବିପର୍ଯ୍ୟୟ ଲ୍ୟାଣ୍ଡଫଲ ବେଳେ ଅତି ଭୀଷଣ ବାତ୍ୟାରେ ପରିଣତ ହେବ। ଏଥିପାଇଁ ଭାରତୀୟ ପାଣିପାଗ ବିଭଗ ଗୁଜରାଟର ସୌରାଷ୍ଟ୍ର ଓ କଚ୍ଛ ଉପକୂଳ ପାଇଁ ଆଲର୍ଟ ଜାରି କରିଛି। ବାତ୍ୟା ବିପର୍ଯ୍ୟୟ ଏବେ ଜାଖାଉ ପୋର୍ଟ ଠାରୁ ୪୨୦ କିମି ଦୂର, ପୋରବନ୍ଦର ଠାରୁ ୩୨୦ କିମି, ଦେବଭୂମି ଠାରୁ ୩୬୦ କିମି ନଲିୟା ଠାରୁ ୪୪୦ କିମି ଦୂରରେ ରହିଛି। ଏହା ୧୫ ତାରିଖ ମଧ୍ୟାହ୍ନ ବେଳରକୁ ଗୁଜରାଟର ଜାଖାଉ ପୋର୍ଟ ଦେଇ ଅତିକ୍ରମ କରିବ। ଗୁଜରାଟର କଚ୍ଛ ଓ ପାକିସ୍ତାନର କରାଚି ମଧ୍ୟରେ ଲ୍ୟାଣ୍ଡଫଲ କରିବାର ଯଥେଷ୍ଟ ଆଶଙ୍କା ଥିବା ଭାରତୀୟ ପାଣିପାଗ ବିଭାଗ ଆକଳନ କରିଛି। ବାତ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଜରୁରୀ ସୀମକ୍ଷା ବୈଠକ କରିଛନ୍ତି। ବାତ୍ୟାର ମୁକାବିଲା କେମିତି କରାଯାଇ ପାରିବ ଓ ଲୋକଙ୍କୁ ସ୍ଥାନାନ୍ତର ଉପରେ ବୈଠକରେ ଆଲୋଚନା ହୋଇଛି। ବାତ୍ୟାର ପ୍ରଭାବ ଗୁଜରାଟ ସମେତ ମୁମ୍ବାଇରେ ମଧ ପଡ଼ିପାରେ। ତେଣୁ ଏଠାରେ ମଧ ହାଇ ଆଲର୍ଟ ଜାରି କରାଯାଇଛି। ପାଣିପାଗ ବିଭାଗ ସୌରାଷ୍ଟ୍ର ଓ କଚ୍ଛ ପାଇଁ ବାତ୍ୟା ଆଲର୍ଟ ଜାରି କରିଛି। ବୁଧବାର ଯାଏ ସୌରାଷ୍ଟ୍ର ଓ କଚ୍ଛ ଉପକୂଳରେ ସମୁଦ୍ର ସାମାନ୍ୟ ଅଶାନ୍ତ ରହିବ। ଗୁରୁବାର ଏହା ଅଧିକ ଅଶାନ୍ତ ହୋଇପାରେ। କଚ୍ଛ, ଜାମନଗର, ମୋର୍ବି, ଗିର ସୋମନାଥ, ପୋରବନ୍ଦର ଓ ଦେବଭୂମି ଦ୍ୱାରକା ଜିଲ୍ଲାରେ ବାତ୍ୟା ବିପର୍ଯ୍ୟୟ ଯୋଗୁ ପ୍ରବଳ ବର୍ଷା ସହ ପବନ ବହିବ। ଏପରି କି ପବନର ଘଣ୍ଟା ପ୍ରତି ୧୫୦ କିମି ଛୁଇଁବାର ଆଶଙ୍କା ରହିଛି। ୧୩ରୁ ୧୫ ତାରିଖ ଯାଏ ଏପରି ସ୍ଥିତି ରହିବ। ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ବାତ୍ୟା ବିପର୍ଯ୍ୟୟ ଘଣ୍ଟା ପ୍ରତି ୫ କିମି ବେଗରେ ଉତ୍ତର ଦିଗରେ ଗତି କରିବା ଆରମ୍ଭ କରିଛି। ଜୁନ ୧୪ ପରେ ଏହା ଦିଗ ବଦଳାଇବ। ଗୋଟିଏ ଅତି ଭୀଷଣ ବାତ୍ୟାର ରୂପ ନେଇ ଏହା ସୌରାଷ୍ଟ୍ର, କଚ୍ଛ ଓ ପାକିସ୍ତାନ ଉପରେ ୧୫ ତାରିଖ ମଧ୍ୟାହ୍ନରେ ଏହା ସ୍ଥଳ ଭାଗ ଛୁଇଁବ।

▶▶ପୃଷ୍ଠା ୭

## ୧୯ରୁ ଯୁକ୍ତ ୩ ଆଡମିଶନ ପାଇଁ ଆବେଦନ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଯୁକ୍ତ ୩ରେ ନାମଲେଖା ପାଇଁ ଆସନ୍ତା ୧୯ ତାରିଖରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ରେ ଆବେଦନ କରିପାରିବେ। ଏଥିନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସାମସ୍ ପୋର୍ଟାଲରେ ଛାତ୍ରଛାତ୍ରୀ ଆବେଦନ କରିପାରିବେ। http://samsodisha.gov.in ରେ ଲଗଇନ୍ କରି ସେମାନେ ଅନଲାଇନ୍ ଆବେଦନ କରିପାରିବେ। ବିଜ୍ଞପ୍ତି ଅନୁଯାୟୀ ଜୁନ୍ ୧୯ରୁ ଜୁଲାଇ ୪ ପର୍ଯ୍ୟନ୍ତ ଯୁକ୍ତ ୩ ଆଡମିଶନ ପାଇଁ ଆବେଦନ କରିହେବ। ଜୁଲାଇ ୧୪ରେ ପ୍ରଥମ ରାଉଣ୍ଡ ସିଟ୍ ଆଲଟମେଂଟ ପ୍ରକାଶ ପାଇବ।

▶▶ପୃଷ୍ଠା ୭

## ବିଦ୍ୟୁତ ସମସ୍ୟାର ସମାଧାନ ପାଇଁ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ରାଜ୍ୟରେ ବିଦ୍ୟୁତ୍ କାଟ୍ ସମସ୍ୟାର ସମାଧାନ ପାଇଁ ମୁଖ୍ୟ ଶାସନ ସଚିବ ପ୍ରଦାପ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟୁତ କାଟକୁ ନେଇ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସୋମବାର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଉକ୍ତ ବୈଠକରେ ବିଦ୍ୟୁତ ଯୋଗାଣ ସମସ୍ୟା ନେଇ ଆଲୋଚନା ହୋଇଥିଲା। ବିଶେଷ କରି କାଳବୈଶାଖୀ ପରେ ପୁନରୁଦ୍ଧାର କାର୍ଯ୍ୟ କିପରି ଶୀଘ୍ର ହୋଇ ପାରିବ ଏବଂ ଯେଉଁଠି ବିଦ୍ୟୁତ ସମସ୍ୟା ହେଉଛି ତାକୁ ତୁରନ୍ତ ସମାଧାନ କରିବା ପାଇଁ ବିଦ୍ୟୁତ ବିତରଣ କମ୍ପାନିମାନଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ମୁଖ୍ୟ ସଚିବ କଂଟ୍ରୋଲ ରୁମକୁ ଗୁରୁତ୍ୱ ଦେଇ ବିଦ୍ୟୁତ ଯୋଗାଇବା ଲାଗି କହିଛନ୍ତି। ବିଦ୍ୟୁତ କାଟ ସମସ୍ୟାକୁ ଦୂର କରିବା ତତ୍କାଳ ପଦକ୍ଷେପ ନେବାକୁ ଶକ୍ତି ବିଭାଗ ଓ ବିତରଣ କମ୍ପାନିଙ୍କୁ କହିଛନ୍ତି। ଉଭୟଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ବିଦ୍ୟୁତ୍ ଯୋଗାଇବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସବଷ୍ଟେସନ ଓ ଷ୍ଟେସନ ସହ ଯୋଗାଯୋଗ କରି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାଛଡ଼ା ସବଷ୍ଟେସନଗୁଡ଼ିକୁ ଆସୁଥିବା ଗ୍ରାହକଙ୍କ କଲ ରିସିଭ କରିବା ଲାଗି ମଧ ତାଗିଦ କରିଛନ୍ତି।

## ଏମ୍ସରେ ସଂରକ୍ଷିତ ମୃତକଙ୍କ ଚିହ୍ନଟ ପ୍ରକ୍ରିୟା ଏବେ ବି ଜାରି ରହିଛି: ଏମ୍ସ କର୍ତ୍ତୃପକ୍ଷ

ଭୁବନେଶ୍ୱର: ବାହାନଗା ଟ୍ରେନ ଦୁର୍ଘଟଣାର ମୃତଦେହ ପରିଚାଳନା ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୃତଦେହ ପରିଚାଳନା ନେଇ ଏମ୍ସ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ମୃତଦେହ ଡିସପୋଜ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ । ଚିହ୍ନଟ ପ୍ରକ୍ରିୟା ଜାରି ରହିଛି । ମୃତଦେହ ଚିହ୍ନଟ ନ ହେବା ଯାଏଁ କଣ୍ଟେନରରେ ରହିବ ମୃତ ଶରୀର । କଣ୍ଟେନରରେ ଥିବା ଯୋଗୁଁ ମୃତ ଶରୀର ଯେଉଁ ଅବସ୍ଥାରେ ଗ୍ରହଣ କରାଯାଇଥିଲା, ସେଭଳି ଅବସ୍ଥାରେ ରହିଛି । ଡିଏନଏ ରିପୋର୍ଟ ପାଇଁ ଅପେକ୍ଷା କରାଯାଇଛି । ରିପୋର୍ଟ କେବେ ଆସିବ, ସେନେଇ ସ୍ପଷ୍ଟତା ନାହିଁ। ଏମ୍ସ ଭୁବନେଶ୍ୱର ପରିସରରେ ୮୧ଟି ମୃତଦେହ ରହିଛି । ୭୫ ଜଣ ଦାବିଦାର ଅଛନ୍ତି, ସମସ୍ତଙ୍କ ରକ୍ତ ନମୁନା ସଂଗ୍ରହ ହୋଇଛି ।

### ମିଡିଆ ବିବାଦ

## ଭାରତର ଶେଷ ସାମ୍ବାଦିକଙ୍କୁ ଦେଶ ଛାଡ଼ିବାକୁ କହିଲା ଚାଇନା



ନୂଆଦିଲ୍ଲୀ,୧୨/୦୬ : ଭାରତ ଓ ଚାଇନା ମଧ୍ୟରେ ସୃଷ୍ଟି ହୋଇଥିବା ମିଡିଆ ବିବାଦ ତୀବ୍ର ହେବାରେ ଲାଗିଛି। ବିବାଦକୁ ଦୃଷ୍ଟିରେ ରଖି ଚାଇନାରେ କାମ କରୁଥିବା ଶେଷ ଭାରତୀୟ ସାମ୍ବାଦିକଙ୍କୁ ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛି ବେଜିଂ। ତାଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଦେଶ ଛାଡ଼ିବାକୁ ସମୟ ଦିଆଯାଇଛି। ଭାରତର ୪ ଜଣ ସାମ୍ବାଦିକ ଚଳିତ ବର୍ଷ ଚାଇନାରେ କାମ ଆରମ୍ଭ କରିଥିଲେ। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ପାସପୋର୍ଟ ଏପ୍ରିଲ ମାସରେ ରଦ୍ଦ କରାଯାଇଥିଲା। ଗତ ସପ୍ତାହରେ ଆଉ ଜଣେ ସାମ୍ବାଦିକ ବେଜିଂରୁ ଚାଲି ଆସିଥିଲେ। ଶେଷ ରିପୋର୍ଟର ଭାବେ ପିଟିଆଇର ସାମ୍ବାଦିକ ଚାଇନାରେ ରହିଥିଲେ। କିନ୍ତୁ ତାଙ୍କ ଭିସା ଚଳିତ ମାସରେ ଶେଷ ହେଉଥିବାରୁ ଚାଇନା ତାଙ୍କୁ ଦେଶରୁ ଚାଲି ଯିବାକୁ କହିଛି। ଏହାର ଅର୍ଥ ବିଶ୍ୱର ଦ୍ୱିତୀୟ ବଡ଼ ଅର୍ଥନୀତିକ ଦେଶ ଚାଇନାରେ ଭାରତର କୌଣସି ସାମ୍ବାଦିକ ରହିବେ ନାହିଁ। ଚାଇନା ଯେସେକୁ ତେସା ନୀତିରେ ଏପରି ପଦକ୍ଷେପ ନେଇଥିବା ସଫେଇ ଦେଇଛି। ଭାରତରେ ମଧ ଚାଇନା ସାମ୍ବାଦିକଙ୍କ ପ୍ରତି ପାତରଅନ୍ତର କରାଯାଉଥିବା ବେଜିଂ କହିଛି। ହେଲେ ଏହାକୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଅରିନ୍ଦମ ବାଗଚି ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଚାଇନା ସମେତ ସମସ୍ତ ବିଦେଶୀ ସାମ୍ବାଦିକ ଭାରତରେ ବିନା କୌଣସି ସମସ୍ୟାରେ କାମ କରୁଛନ୍ତି। ସେମାନଙ୍କ ପାଇଁ କୌଣସି କଟକଣା ଲାଗୁ କରାଯାଇ ନାହିଁ। ତେବେ ଚାଇନାରେ ଭାରତୀୟ ସାମ୍ବାଦିକମାନେ ବେଶ ସମସ୍ୟା ମଧ୍ୟରେ କାମ କରୁଛନ୍ତି। ସେମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ରିପୋର୍ଟର ଚୟନ କରିବାକୁ ଅନୁମତି ମିଳୁନି। ଯିବା ଆସିବାରେ ମଧ କଟକଣା ଲଗାଯାଇଛି ବୋଲି ସେ କହିଛନ୍ତି। ଚାଇନା କହିଛି ଯେ ଭାରତ ଗତ ମାସରେ ଦୁଇ ଜଣ ଚାଇନିଜ ସାମ୍ବାଦିକଙ୍କ ବିରୋଧରେ ସମାନ ଆଭିମୁଖ୍ୟ ଗ୍ରହଣ କରିଥିଲା।

## ଶିଖରଚଣ୍ଡି ପାହାଡ଼ରେ ଗଛକଟା ପ୍ରସଙ୍ଗ: ପରବର୍ତ୍ତୀ ଶୁଣାଣି ନହେବା ଯାଏଁ କାମ ବନ୍ଦ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଭୁବନେଶ୍ୱର ନିକଟ ଶିଖରଚଣ୍ଡି ପାହାଡ଼ରେ ଗଛକଟା ପ୍ରସଙ୍ଗରେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଛାଟ। ମାମଲାର ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ନକରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ତା'ସହ ସିସିଏଫଙ୍କ ଅଧ୍ୟକ୍ଷତାରେ ଏକ ୪ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଏନଜିଟି। ସପ୍ତାହ ମଧ୍ୟରେ ଘଟଣାସ୍ଥଳ ପରିଦର୍ଶନ କରି ଷ୍ଟେକ୍ ହୋଲଡରଙ୍କ ସହ ଆଲୋଚନା କରିବାକୁ ଏବଂ ୩ ସପ୍ତାହ ମଧ୍ୟରେ ଟ୍ରିବ୍ୟୁନାଲଙ୍କ ନିକଟରେ ସମ୍ପୂର୍ଣ୍ଣ ରିପୋର୍ଟ ଦାଖଲ ପାଇଁ କହିଛନ୍ତି। ଆସନ୍ତା ୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି ଏନ୍‌ଜିଟି। ସୂଚନା ଥାଉକି, ଶିଖରଚଣ୍ଡୀ ପାହାଡ଼ରେ ବୁଲଡୋଜର ସହାୟତାରେ ପଥର ଫଟାଇ ପାହାଡ଼ ସଫା କରାଯାଉଥିଲା।

▶▶ପୃଷ୍ଠା ୭

## ଅନଲାଇନ ଗେମ ଜରିଆରେ ଧର୍ମାନ୍ତରୀକରଣ: ଯୁବକ ଗିରଫ

ନୂଆଦିଲ୍ଲୀ: ବିଭିନ୍ନ ଅନଲାଇନ ଗେମ ଜରିଆରେ ଧର୍ମ ବଦଳାଇବା କାମ କରୁଥିବା ଗୋଟିଏ ଗ୍ୟାଙ୍ଗର ପର୍ଦ୍ଦାଫାସ ମହାରାଷ୍ଟ୍ରରେ ହୋଇଛି। ଏହି ଘଟଣାରେ ପୁଲିସ୍ ମୁମ୍ବାଇ ଉପକଣ୍ଠରୁ ଜଣେ ୨୩ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ଗିରଫ ପରେ ଥାନେ କୋର୍ଟ ତାଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ପଠାଇଛନ୍ତି। ୩ ଦିନ ଭିତରେ ଉତ୍ତର ପ୍ରଦେଶ ପୁଲିସ୍ ତାଙ୍କୁ ଗାଜିଆବାଦ କୋର୍ଟରେ ହାଜର କରିବ। ଗିରଫ ଯୁବକ ଜଣଙ୍କ ହେଲେ ମୁମ୍ବ୍ରାର ଶାହନୱାଜ ମକସୁଦ ଖାନ। ତାଙ୍କୁ ପୁଲିସ୍ ଧର୍ମାନ୍ତରୀକରଣ ଅଭିଯୋଗରେ ଅଲିବାଗରୁ ଗିରଫ କରିଛି। ସେ ଅନଲାଇନ ଗେମ ଜରିଆରେ ଛୋଟ ପିଲାଙ୍କୁ ପ୍ରଲୋଭିତ କରାଇ ଇସଲାମ ଧର୍ମ ଗ୍ରହଣ କରିବାକୁ ଚେଷ୍ଟା କରୁଥିଲେ ବୋଲି କୁହାଯାଉଛି। ଶାହନୱାଜ ଛଦ୍ମୟକୁ ନାଁର ବ୍ୟବହାର କରୁଥିଲେ ଓ ଅନଲାଇନରେ ଗେମ ଖେଳୁଥିବା ଛୋଟ ପିଲାମାନଙ୍କୁ ଟାର୍ଗେଟ କରୁଥିଲେ। ଅନଲାଇନ ଗେମ ଆପ୍ଲିକେସନ ଦ୍ୱାରା ଧର୍ମାନ୍ତରୀକରଣ କରୁଥିବା ରାକେଟ ଉପରୁ ଉତ୍ତର ପ୍ରଦେଶ ପୁଲିସ୍ ? କିଛି ଦିନ ତଳେ ପରାଦ ହଟାଇଥିଲା। ଗୁରୁବାର ଗାଜିଆବାଦରୁ ଉତ୍ତର ପ୍ରଦେଶ ପୁଲିସ୍ ଜଣଙ୍କୁ ଗିରଫ କରିଥିଲା।

▶▶ପୃଷ୍ଠା ୭

## ଶକ୍ତିମନ୍ତ୍ରୀଙ୍କ ଘର ଆଗରେ ବିଂଚଣା ଓ ଲଣ୍ଠନ ଧରି ବି୍ଦ୍ୟୁତକାଟର ପ୍ରତିବାଦ କଲା ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ରାଜ୍ୟରେ ଭୟଙ୍କର ବିଦ୍ୟୁତ କାଟ ହେଉଥିବା ବେଳେ ଶକ୍ତି ମନ୍ତ୍ରୀ ଏହାକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାନ୍ତି । ଜନ ସାଧାରଣ ଏହି ଅଘୋଷିତ ବିଦ୍ୟୁତ କାଟ କାରଣରୁ ହନ୍ତସନ୍ତ ହେଉଛନ୍ତି । ଏହାର ପ୍ରତିବାରେ ଆଦି ଶକ୍ତିମନ୍ତ୍ରୀଙ୍କ ଘର ଆଗରେ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅଘୋଷିତ ବିଦ୍ୟୁତ କାଟକୁ ବିରୋଧ କରି ହାତରେ ବିଂଚଣା ଓ ଲଣ୍ଠନ ଧରି ବିକ୍ଷୋଭ କରିଛି ଛାତ୍ର କଂଗ୍ରେସ । ଆନ୍ଦୋଳନ କରୁଥିବା ଛାତ୍ର କଂଗ୍ରେସ କର୍ମୀଙ୍କର କହିବା କଥା ଯେ ଭୟଙ୍କର ଗରମରେ ସାରା ରାଜ୍ୟ ଆଉଟୁପାଉଟୁ ହେଉଥିବା ବେଳେ ଅଘୋଷିତ ବିଜୁଳି କାଟ ଲୋକଙ୍କ କଷ୍ଟକୁ ବହୁଗୁଣିତ କରିଛି । ମନ ଇଛା ଘଂଟା ଘଂଟା ଧରି ବିଦ୍ୟୁତ୍ କାଟ କରୁଛନ୍ତି ବିତରଣ କମ୍ପାନି। ଅଘୋଷିତ ବିଦ୍ୟୁତ କାଟକୁ ନେଇ ଲୋକ ହନ୍ତସନ୍ତ ହେଉଥିବା ବେଳେ, ଏକଥାକୁ ଶକ୍ତି ମନ୍ତ୍ରୀ ପ୍ରତାପ ଦେବ କିନ୍ତୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହନ୍ତି। ଯାହାର ପ୍ରତିବାଦ କରି ଏହି ବିକ୍ଷୋଭ କରାଯାଉଛି।

## ଡ୍ରାଇଭର କଲ୍ୟାଣ ବୋର୍ଡକୁ ରାଜ୍ୟ ସରକାରଙ୍କ ଅନୁମୋଦନ

### ଦୁର୍ଘଟଣାରେ ମୃତ୍ୟୁ ହେଲେ ପରିବାରକୁ ମିଳିବ ୪ ଲକ୍ଷ ଟଙ୍କା



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଡ୍ରାଇଭରଙ୍କ ଦାବିକୁ ମାନିଛନ୍ତି ରାଜ୍ୟ ସରକାର। ସୋମବାର ଦିନ ଡ୍ରାଇଭରଙ୍କ ପାଇଁ କଲ୍ୟାଣ ବୋର୍ଡ ଗଠନକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ଏଣିକି ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହେଲେ ପରିବାରକୁ ୪ ଲକ୍ଷ ଟଙ୍କା ମିଳିବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଓଡ଼ିଶା ମୋଟରଯାନ ଡ୍ରାଇଭର ଓ କର୍ମଚାରୀ କଲ୍ୟାଣ ଯୋଜନା-୨୦୨୩ର ଅନୁମୋଦନ ଏବଂ କଲ୍ୟାଣ ବୋର୍ଡ ଗଠନକୁ ସ୍ୱୀକୃତି ପ୍ରଦାନ କରିବା ପରେ ରାଜ୍ୟ ଜଳସଂପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ସୋମବାର ସନ୍ଧ୍ୟାରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଯୋଜନାକୁ ଶୁଭାରମ୍ଭ କରି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ମୋଟରଯାନ ଡ୍ରାଇଭର ଏବଂ ଅନ୍ୟାନ୍ୟ ମୋଟରଯାନ କର୍ମଚାରୀମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବୋର୍ଡକୁ ପ୍ରାରମ୍ଭିକ ଭାବେ ଅନୁଦାନ ପ୍ରଦାନ କରାଯିବ । ପରବର୍ତ୍ତୀ ସମୟରେ ବୋର୍ଡ ପଞ୍ଜୀକରଣ ଶୁଳ୍କ, ଯାନ ମାଲିକଙ୍କ ଅବଦାନ ଏବଂ ଅନ୍ୟାନ୍ୟ ଉତ୍ସରୁ ପାଣ୍ଠି ସଂଗ୍ରହ କରି ଏହି ଯୋଜନାକୁ ପରିଚାଳନା କରିବ । ଏହି ଯୋଜନାରେ ଦୁର୍ଘଟଣାଜନିତ ଡ୍ରାଇଭର/କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ତାଙ୍କ ଦ୍ୱାରା ମନୋନୀତ ବ୍ୟକ୍ତିଙ୍କ ପାଇଁ ୪ ଲକ୍ଷ ଟଙ୍କା, ଅତି ଗଭୀର ଆଘାତ କ୍ଷେତ୍ରରେ ୮୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନର ବ୍ୟବସ୍ଥା କରାଯାଇଛି । ସେହିପରି ସ୍ଥାୟୀ ଭାବେ ଅକ୍ଷମତା ପାଇଁ ଡ୍ରାଇଭର କିମ୍ବା କର୍ମଚାରୀଙ୍କ ପାଇଁ ଦେଢ଼ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଏଥି ସହିତ ସ୍ୱାଭାବିକ ମୃତ୍ୟୁ କ୍ଷେତ୍ରରେ ୨ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନର ବ୍ୟବସ୍ଥା ରହିଛି । ଏଥି ନିମନ୍ତେ ଗଠିତ ହେବାକୁ ଥିବା କଲ୍ୟାଣ ବୋର୍ଡରେ ସରକାରୀ ସଦସ୍ୟଙ୍କ ସହିତ ମୋଟରଯାନ ଡ୍ରାଇଭର/କର୍ମଚାରୀମାନଙ୍କ ପ୍ରତିନିଧି ସଦସ୍ୟ ରହିବେ। ଏହି ଯୋଜନା କାର୍ଯ୍ୟକାରୀ ହେବା ଦ୍ୱାରା ରାଜ୍ୟର ୫ ଲକ୍ଷରୁ ଉର୍ଦ୍ଧ୍ୱ ମୋଟରଯାନ ଡ୍ରାଇଭର ଓ କର୍ମଚାରୀ ଉପକୃତ ହେବେ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଛନ୍ତି । ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁର ଯୋଜନାର ବିଭିନ୍ନ ଦିଗ ସଂପର୍କରେ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଡ୍ରାଇଭର/କର୍ମଚାରୀ ସଂଘର କମକର୍ତ୍ତାଙ୍କୁ ବିଶଦ ସୂଚନା ଦେଇଥିଲେ।

## ଆଷାଢ଼ରେ ଜଳୁଛି: ପଶ୍ଚିମରୁ ଉପକୂଳ ସବୁଠି ନିଆଁ ବର୍ଷା

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ସାରା ରାଜ୍ୟରେ ତାତିର ରାଜୁତି ଚାଲିଛି। ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି। ସକାଳୁ ଆରମ୍ଭ କରି ସଂଧ୍ୟା ପର୍ଯ୍ୟନ୍ତ ଖରାର ପ୍ରକୋପ କମୁନାହିଁ। ତା ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଦିନ ବେଳା ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ଗତ କିଛି ଦିନ ଧରି ଏଭଳି ସ୍ଥିତି ଲାଗି ରହିଥିବା ବେଳେ ସୋମବାର କିନ୍ତୁ ଅଧିକ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହୋଇଛି। ସୋମବାର ଦିନ ୩୧ ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା । ଯେଉଁଥିରୁ ୧୦ ଟି ସହରର ତାପମାତ୍ରା ୪୪ ଡିଗ୍ରୀ ଉପରେ ରେକର୍ଡ ହୋଇଛି। ଆଜି ତାପମାତ୍ରାରେ ରେକର୍ଡ କରିଛି ସମ୍ବଲପୁର ।

▶▶ପୃଷ୍ଠା ୭



## ପ୍ରବଳ ଗ୍ରୀଷ୍ମରେ ଜିଲ୍ଲାରେ ହୁ ହୁ ହୋଇ ଜଳୁଛି ବେଆଇନ୍ ଇଟାଭାଟି

କେନ୍ଦ୍ରାପଡ଼ା, ୧୨/୦୬ (ନି.ପ୍ର): ସମଗ୍ର ଜିଲ୍ଲାରେ ଗ୍ରୀଷ୍ମ ତାପରେ ଜିଲ୍ଲାବାସୀ ଅସ୍ତବ୍ୟସ୍ତ ଥିବାବେଳେ ଏବଂ ଘରୁ ବାହାରିପାରୁନଥିବାବେଳେ ଜିଲ୍ଲାର ବିଭିନ୍ନ ଅଂଚଳରେ ବେଆଇନ୍ ଇଟାଭାଟି ଗୁଡିକ ହୁ ହୁ ହୋଇ ଜଳୁଥିବାରୁ ସ୍ଥାନୀୟ ବାସିନ୍ଦାମାନେ ଅକଥନୀୟ ଯନ୍ତ୍ରଣା ଭୋଗିବା ସହ କେତେକ ସ୍ଥାନରେ ଇଟା ମାଫିଆଙ୍କ ଜୁଲୁମ୍‌ରେ ସ୍ଥାନୀୟ ଲୋକ ଘର ଛାଡି ବାହାରେ ରହୁଛନ୍ତି । ଜିଲ୍ଲା ପ୍ରଶାସନ ଓ ସ୍ଥାନୀୟ ତହସିଲ୍ ପ୍ରଶାସନ ଆଖି ବୁଜି ଦେଇଥିବାରୁ ବେଆଇନ୍ ଇଟାମାଫିଆ ମାନଙ୍କ ଦୌରାତ୍ମ ଜନସାଧାରଣଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁଗୁଣୀତ କରିଦେଇଛି । ଅସହାୟ ଗୁଳୁଗୁଳି ସାଙ୍ଗକୁ ଇଟାଭାଟିର ଧୁଆଁ ଓ ଧୂଳି ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି । ଖୋଲାରେ ଇଟାଭାଟି କରିବା ସମ୍ପୂର୍ଣ୍ଣ ହୋଇଥିବାବେଳେ ସ୍ଥାନୀୟ ଆର୍.ଆଇ ଓ ଅଫିସ୍‌ର କର୍ମଚାରୀ ମୋଟା ଅଙ୍କର ହାତଗୁଞ୍ଜା ପାଇ ଇଟାଭାଟି ମାଫିଆମାନଙ୍କୁ ସହଯୋଗ କରୁଥିବାରୁ ଦୁଃଖ ଦୁର୍ଦ୍ଦଶା ବଢି ବଢି ଚାଲିଛି । କେନ୍ଦ୍ରାପଡା ଇନ୍ଦୁପୁର ରାସ୍ତାର ନିକିରାଇ କଲେଜ୍ ପଛପଟେ ଓ ବାରିମୁଳ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଏହିଭଳି ବହୁସଂଖ୍ୟକ ବେଆଇନ୍ ଇଟାଭାଟି ହୋଇଥିବା ଦେଖିବାକୁ ମିଳୁଛି । ଏହାଛଡା କେନ୍ଦ୍ରାପଡା ତହସିଲ୍‌ର ବିଭିନ୍ନ ଅଂଚଳରେ ଏହିଭଳି ବେଆଇନ୍ ଇଟାଭାଟି କରାଯାଉଥିଲେ ମଧ୍ୟ ତହସିଲ୍ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଥିବାରୁ ଏହି ଇଟାମାଫିଆମାନେ ଜନବସତୀ ପୂର୍ଣ୍ଣ ଗାଁ ଭିତରେ ଇଟାଭାଟି କରି ବିକ୍ରି କରୁଛନ୍ତି । ତୁରନ୍ତ ଏହି ମାଫିଆମାନଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ସେମାନଙ୍କର ଭାଟିକୁ ଜବତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

## ଶ୍ରୀଗୁଣ୍ଡିଚାରେ ଭକ୍ତ ହେବେ ହିନସ୍ତା: ଖୋଳତାଡ଼ ହୋଇପଡ଼ିଛି ଶ୍ରୀମନ୍ଦିର ଚାରିପାଖ, ବିଛାଡ଼ି ହୋଇପଡ଼ିଛି ଜିନିଷପତ୍ର



ପୁରୀ, ୧୨/୦୬ (ନି.ପ୍ର): ଚନ୍ଦନ ଯାତ୍ରା ଗଲା । ସ୍ନାନଯାତ୍ରା ବି ସରିଗଲା । ତଥାପି ଅନ୍ତ ହେଉନି ହେରିଟେଜ୍ କରିଡର ସନ୍ଦେହ । ମୁଣ୍ଡ ଉପରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ହେଲେ ଏଯାଏଁ ସରି ପାରିଲାନି ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ କାମ । ଦିନରାତି ଖୋଳା ପୋତା ସାଙ୍ଗକୁ ବିଛାଡ଼ି ହୋଇପଡ଼ିଛି ନାନା ଯନ୍ତ୍ରପାତି । ତଥାପି ଜିଲ୍ଲା ପ୍ରଶାସନ ଜୁନ୍ ୨୦ ପୂର୍ବରୁ ସାରିଦେବାକୁ ପ୍ରତିଶ୍ରୁତି ଦେଇଛି । ଏଣେ ଅଧାପନ୍ତରିଆ କାମ ଓ ମୂଳ ଡିଜାଇନରେ ମନଇଚ୍ଛା ପରିବର୍ତ୍ତନ କରାଯାଇଥିବା ଅଭିଯୋଗ ଆଣି ଅସନ୍ତୋଷ ଝାଡ଼ିଛନ୍ତି ଖୋଦ୍ ପରିଚାଳନା କମିଟି ସଦସ୍ୟ ।

ଏବେ ପ୍ରଶ୍ନ ରଥଯାତ୍ରା ଆଗରୁ ସରିବ ତ ଶ୍ରୀମନ୍ଦିର ଐତିହ୍ୟ କରିଡରର ବାହ୍ୟ ପ୍ରକଳ୍ପ ? ବାରମ୍ବାର ନିର୍ଭର ପ୍ରତିଶ୍ରୁତି ଓ ନିଇତି ଗ୍ରାଉଣ୍ଡ ଜିରୋରେ ସମୀକ୍ଷା ପରେ ସମୀକ୍ଷା ସତ୍ତ୍ୱେ ଏବେକାର ସ୍ଥିତି ଅତି କଦର୍ଯ୍ୟ । ରାସ୍ତା, ଡ୍ରେନେଜ, ଇଲେକଟ୍ରିକ୍ ସିଷ୍ଟମ, ଫେବର ବ୍ଲକ ଅବା ସୌନ୍ଦର୍ଯ୍ୟକର, କେଉଁ ଗୋଟିଏ ବି ଠିକରେ ସରିନି । ଯାହାକୁ ନେଇ ଆଗରୁ ଭକ୍ତ ଓ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇ ଆସୁଥିଲେ । ଏବେ ଖୋଦ୍ ମହାପ୍ରଭୁଙ୍କ ସେବାୟତ ଓ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବି ଅସନ୍ତୋଷ ଝାଡ଼ିଲେଣି । କହୁଛନ୍ତି ରଥଯାତ୍ରା, ସୁନାବେଶ, ନୀଳାଦ୍ରି ବିଜେ ସମୟରେ ଶ୍ରୀମନ୍ଦିର ଚାରିପାଖେ ପ୍ରବଳ ଭକ୍ତଙ୍କ ସମାଗମ ହେବ ।

ତେଣୁ ଅଧପନ୍ତରିଆ ପ୍ରକଳ୍ପ କାମ ଯୋଗୁଁ ଜଗା ଦର୍ଶନାର୍ଥୀ ହୀନସ୍ତା ହେବା ସୁନିଶ୍ଚିତ । ତାସହ ଶ୍ରୀମନ୍ଦିରକୁ ସଂଯୋଗ କରୁଥିବା ବାଲିସାହି, ବାସେଳିସାହି, ଗଡନ୍ତି ଛକ ଓ ଦକ୍ଷିଣଦ୍ୱାର ରାସ୍ତା ସବୁଠି ଅଧାବିଧା କାମରେ ଲଟକିଛି । ସେସବୁ ସାହିର ଲୋକେ ବି ନାହିଁ ନଥିବା ଯନ୍ତ୍ରଣା ଭୋଗୁଛନ୍ତି । ବିଶେଷକରି ଆଉଟର ଆକସେସ୍ ରୋଡ କାମ ରଥଯାତ୍ରା ଆଗରୁ ସାରିବାକୁ ଓବିସିସି ଓ ଟାଟାକୁ ଡେଡ୍ ଲାଇନ୍ ଦିଆଯାଇଥିଲେ ବି ତାହା କାର୍ଯ୍ୟକ୍ଷମ ହେବା ନେଇ ସନ୍ଦେହ ତୁଟୁନି । ଏମିତିକି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଯେଉଁ ଡିଜାଇନ୍ ଅନୁମୋଦନ ପାଇଁ ପରିଚାଳନା କମିଟିକୁ ଆସିଥିଲା, ସେଥିରେ ଏବେ ପରିବର୍ତ୍ତନ ଘଟିଛି ବୋଲି ଅଭିଯୋଗ ଆଣିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସହସ୍ୟ ।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ପ୍ରକଳ୍ପ ସ୍ଥଳରେ କଣ ତିଆରି ହେଉଛି, କଣ ଭଙ୍ଗା ଯାଉଛି ? ସେନେଇ ପରିଚାଳନା କମିଟି ସଦସ୍ୟ ବି ଅନ୍ଧାରରେ ଅଛନ୍ତି । ସବୁକିଛି ଲୁଚାଛପା ଚାଲିଛି । ସ୍ପଷ୍ଟ କରାଯାଉନି । ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର କହିଛନ୍ତି, ଯଦି ରଥଯାତ୍ରା ସୁଦ୍ଧା କାମ ଠିକ୍ ନ ସରେ ତେବେ ଭକ୍ତ ଅସୁବିଧା ଭୋଗିବା ସୁନିଶ୍ଚିନ୍ତ । ତେଣୁ ତୁରନ୍ତ କାମ ସରିବା ଠିକ୍ ହେବ ।

ଐତିହ୍ୟ କରିଡର ପ୍ରକଳ୍ପର ବାସ୍ତବ ସ୍ଥିତି ଯାହା ଥାଉନା କାହିଁକି, ଶୀଘ୍ର ସାରିବାକୁ ପ୍ରତିଶ୍ରୁତି ଦେବାରେ କିନ୍ତୁ ଜମା ଢିଲା ଦେଉନି ଜିଲ୍ଲା ପ୍ରଶାସନ । ଗତ ୮ ତାରିଖ ଦିନ ପୁରୀ ଜିଲ୍ଲାପାଳ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଓବିସିସି ଓ ଟାଟା ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟମାନେ ପ୍ରକଳ୍ପ ସ୍ଥଳ ବୁଲି କାମ ଅନୁଧ୍ୟାନ କରିଥିଲେ । ଆଉଟର ଆକସେସ୍ ରୋଡ କାମ ରଥଯାତ୍ରା ପୂର୍ବରୁ ସରିଯିବ ବୋଲି କହିବା ସହ ସେବାଟେ ଗାଡିମଟର ଯାଆସ ଏବଂ ଭକ୍ତଙ୍କ ପାଇଁ ଟଏଲେଟ ସୁବିଧା ମିଳିଯିବ ବୋଲି କହିଥିଲେ ଜିଲ୍ଲାପାଳ ସମର୍ଥ ବର୍ମା ।

ତେଣୁ ଦେଖିବାର କଥା, ଜୁନ ୨୦ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ହେଲେ ତାପୂର୍ବରୁ ପରିକ୍ରମା ପ୍ରକଳ୍ପ ଭକ୍ତଙ୍କ ସେବାରେ ଲାଗିଯିବ ନା ପୁଣି ଡେରି ହେବ, ଏବେ ତାକୁ ଅପେକ୍ଷା ।

## ଶିକ୍ଷା ସଚେତନତା ପରାମର୍ଶ ଶିବିର ଅନୁଷ୍ଠିତ

ଜୟପୁର, ୧୨/୦୬ (ନି.ପ୍ର): ଜୟପୁର ସ୍ଥିତ ସ୍ୱାମିନାଥନ ଗବେଷଣା କେନ୍ଦ୍ରରେ ଫେଂଟିଆ ହଲବା ସମାଜର ୧୦ମ, ୨ ଓ ୩ ଉତୀର୍ଣ୍ଣ ହୋଇଥିବା ଶିକ୍ଷାର୍ଥୀ ମାନଙ୍କୁ ନେଇ ଏକ ଶିକ୍ଷା ସଚେତନତା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ ଶିବିରରେ ପ୍ରାୟ ୨୨୦ ବିଦ୍ୟାର୍ଥୀ ଓ ୨୦ ଜଣ ସମାଜର ସକ୍ରିୟ ବୁଦ୍ଧିଜୀବୀ ଏବଂ ପ୍ରଶିକ୍ଷକ ପଡକ୍ଟର ପୂର୍ଣ୍ଣଚନ୍ଦ୍ର ତନ୍ତୀ ସହକାରୀ ପ୍ରଫେସର, କୋରାପୁଟ, ଶ୍ରୀକାନ୍ତ ଜାନୀ ଶିକ୍ଷା ଅଧିକାରୀ ଜୟପୁର ଓ କୋରାପୁଟ), ଉମାକାନ୍ତ ମାଝୀ ସହକାରୀ ପ୍ରଫେସର, ଆସାମ , ସୁରେଶ ସାଉନ୍ତା ପିଏଚ୍ ଡି ସ୍କୋଲାର କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟ, ଗୁଜରାଟ), ଡକ୍ଟର ସରୋଜ କୁମାର ହାଲବା ମେଡିକାଲ ଅଫିସର, କୋଟପାଡ଼ ଏବଂ ଦୀନବନ୍ଧୁ ହଲବା ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ, ଜୟପୁରଙ୍କ ପୂର୍ବପ୍ରସ୍ତୁତି ସୂଚୀ ଅନୁଯାୟୀ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା । ପରିଶେଷରେ ଉପସ୍ଥିତ ସମସ୍ତ ବିଦ୍ୟାର୍ଥୀ, ପ୍ରଶିକ୍ଷକ, ସକ୍ରିୟ ବୁଦ୍ଧିଜୀବୀ ତଥା ଆୟୋଜକ ମଣ୍ଡଳୀଙ୍କୁ ଆନ୍ତରିକ ଧନ୍ୟବାଦ୍ ଜ୍ଞାପନ କରାଯାଇ ଶିବିରଟିର ସଫଳ ପରିସମାପ୍ତି କରାଯାଇଥିଲା ।

## ଝୁଲନ୍ତା ଅବସ୍ଥାରେ ଶବ ଉଦ୍ଧାର

ଜୟପୁର, ୧୨/୦୬ (ନି.ପ୍ର): ନିଖୋଜ ବ୍ୟକ୍ତିଙ୍କ ଝୁଲନ୍ତା ଗଳିତଶବ ଉଦ୍ଧାର ହୋଇଛି । ଏଭଳି ଏକ ଅଭାବନୀୟ ଘଟଣା ଆଜି ସକାଳେ କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଦଶମନ୍ତପୁର ପଂଚାୟତ ସଦର ମୋହକୁମାଠାରେ ଘଟିଛି । ମୃତକ ବ୍ୟକ୍ତି ଜଣକ ଦଶମନ୍ତପୁର ଗ୍ରାମର ୫୮ ବର୍ଷୀୟ ଗୌର ପ୍ରଧାନୀ ବୋଲି ଜଣା ପଡିଛି । ଆଜି ସକାଳେ ଦଶମନ୍ତପୁର ଗାଁ ନିକଟରେ ଥିବା କାଜୁ ବାଡ଼ରୁ ଦୁର୍ଗନ୍ଧ ବାହାରିବାରୁ ସ୍ଥାନୀୟ ଲୋକେ ସନ୍ଦେହରେ କାଜୁ ବାଡ଼ି ଭିତରକୁ ଯାଇଥିଲେ । ସେଠାରେ ଗଛରେ ଝୁଲନ୍ତା ଗଳିତଶବ ଦେଖି ଗ୍ରାମବାସୀ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣା ସ୍ଥଳରେ ପହଂଚି ଗଳିତଶବକୁ ଉଦ୍ଧାର କରିଥିବା ବେଳେ ମୃତକ ବ୍ୟକ୍ତି ଉକ୍ତ ଗ୍ରାମର ଗୌର ପ୍ରଧାନୀ ବୋଲି ଜଣା ପଡିଥିଲା । ଗୌର ପ୍ରାଧନୀ ପାରିବାରିକ କଳହକୁ ନେଇ ଗତ ୦୮-୦୬-୨୩ତାରିଖ ଠାରୁ ଘରୁ ନିଖୋଜ ଥିବା ବେଳେ ଆଜି ତାଙ୍କ ଝୁଲନ୍ତା ମୃତ୍ୟୁ ଦେହ ଉଦ୍ଧାର କରାଯାଇଛି । ଏନେଇ ବୈପାରୀଗୁଡା ପୋଲିସ ପକ୍ଷରୁ ଏକ ଅପମୃତ୍ୟ ମାମଲା ରୁଜୁ କରିଥିବା ଜଣା ପଡିଛି ।

## କୋର୍ଟ କର୍ମଚାରୀଙ୍କ ପାଇଁ ଲାଗୁ ହେଲା ଡ୍ରେସ କୋଡ୍: ସରକାର ଦେବେ ୟୁନିଫର୍ମ ଭତ୍ତା

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ରାଜ୍ୟର ସମସ୍ତ ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ କର୍ମଚାରୀମାନେ ଏଣିକି ନିୟମିତ ୟୁନିଫର୍ମ ପିନ୍ଧିବେ । ଏହି କର୍ମଚାରୀମାନଙ୍କୁ ୟୁନିଫର୍ମ ଭତ୍ତା ଓ ପୋଷାକ ସଫା ପାଇଁ ମଧ୍ୟ ଭତ୍ତା ରାଜ୍ୟ ସରକାର ପ୍ରଦାନ କରିବେ । ଜଷ୍ଟିସ ସେଟ୍ଟୀ କମିଶନଙ୍କ ସୁପାରିଶରେ ୟୁନିଫର୍ମ ଭତ୍ତା ଓ ଓଡ଼ିଶା ହାଇକୋର୍ଟଙ୍କ ସୁପାରିଶରେ ଡ୍ରେସ୍ କୋଡ୍ ଲାଗୁ କରିବାକୁ ରାଜ୍ୟ ସରକାର ବିଧିବଦ୍ଧ ନିଷ୍ପତ୍ତି ନେଇଛନ୍ତି । ଆଜି ଏନେଇ ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ୪ହଜାର ଟଙ୍କାର ୟୁନିଫର୍ମ ଭତ୍ତା(ପ୍ରତି ଦୁଇବର୍ଷ ପାଇଁ) ଓ ଡ୍ରେସ ସଫା ପାଇଁ ୨୦୦ଟଙ୍କା(ପ୍ରତି ୩ମାସକୁ) ଭତ୍ତା ପ୍ରଦାନ କରିବେ । କୋର୍ଟରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ପିଛିଲା ଭାବେ ୨୦୨୩ ଏପ୍ରିଲ ୧ରୁ ଏହି ଭତ୍ତା ମିଳିବ ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ଜଷ୍ଟିସ ସେଟ୍ଟୀ କମିଶନଙ୍କ ସୁପାରିଶକୁ ଆଧାର କରି ରାଜ୍ୟ ସରକାର ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ ଗ୍ରୁପ-ଏ,ବି ଓ ସି ବର୍ଗର କର୍ମଚାରୀମାନଙ୍କୁ ୟୁନିଫର୍ମ ଭତ୍ତା ଓ ଡ୍ରେସ ସଫା ଭତ୍ତା ଯୋଗାଇ ଦେବେ । ଏହି କର୍ମଚାରୀମାନେ ପ୍ରତି ୨ବର୍ଷରେ ୟୁନିଫର୍ମ ଭତ୍ତା ବାବଦରେ ୪ହଜାର ଟଙ୍କା ଓ ଡ୍ରେସ ସଫା ବାବଦରେ ପ୍ରତି ୩ମାସରେ ୨୦୦ଟଙ୍କା ପାଇବେ । ଅର୍ଥ ବିଭାଗର ଅନୁମୋଦନ ପରେ ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ସେହିପରି ଓଡ଼ିଶା ହାଇକୋର୍ଟଙ୍କ ସୁପାରିଶରେ ଜିଲ୍ଲା ଓ ତଳ କୋର୍ଟରେ କାର୍ଯ୍ୟରତ ସମସ୍ତ ଗ୍ରୁପ-ଏ,ବି ଓ ସି ବର୍ଗର କର୍ମଚାରୀମାନଙ୍କ ପାଇଁ ଡ୍ରେସ କୋଡ୍ ନିର୍ଦ୍ଧାରିତ ହୋଇଛି । କାର୍ଯ୍ୟାଳୟରେ ଶୃଙ୍ଖଳା ଓ ଶାଳୀନତା ରକ୍ଷା ନିମନ୍ତେ ଜିଲ୍ଲା ଓ ତଳ କୋର୍ଟ ମହିଳା ଓ ପୁରୁଷ କର୍ମଚାରୀମାନେ ଭିନ୍ନ ଭିନ୍ନ ଡ୍ରେସ କୋଡ୍ ପିନ୍ଧିବେ । ଗ୍ରୁପ-ଏ,ବି ଓ ସି ବର୍ଗର ପୁରୁଷ କର୍ମଚାରୀମାନେ ନିର୍ଣ୍ଣିତ ଭାବେ ଧଳା ଫୁଲ୍ ସ୍ଲିଭ୍ ସାର୍ଟ ଓ ନୀଳ ରଙ୍ଗର ଫର୍ମାଲ ଫୁଲ୍ ପ୍ୟାଣ୍ଟ ପିନ୍ଧିବେ । ସେହିପରି ଗ୍ରୁପ-ଏ,ବି ଓ ସି ବର୍ଗର ମହିଳା କର୍ମଚାରୀମାନଙ୍କୁ ଧଳା ଶାଲୱାର ସୁଟ୍ ଓ ଚୁଡ଼ିଦାର ସହ ନୀଳ ରଙ୍ଗ ଚୁନୁରି ଅବା ନୀଳ ବର୍ଡର ଥିବା ଧଳା ଶାଢ଼ୀ ପିନ୍ଧିବାକୁ ପଡ଼ିବ ବୋଲି ଆଇନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି ।




## ଫେଲ୍ ମାରିଲା 'ବସୁଧା' ଯୋଜନା: ଚୁଆ ପାଣି ପିଉଛନ୍ତି ଗାଁ ଲୋକେ



କେନ୍ଦୁଝର, ୧୨/୦୬ (ନି.ପ୍ର): ପାନୀୟ ଜଳ ଯୋଗାଇଦେବା ପାଇଁ ରାଜ୍ୟ ସରକାର ବସୁଧା ଯୋଜନା କାର୍ଯ୍ୟକାରୀ କରିଛନ୍ତି । ହେଲେ ତାହା କାମରେ ଆସୁନାହିଁ । ତେଣୁ ଶୋଷ ମେଣ୍ଟାଇବା ପାଇଁ ଗାଁ ଲୋକେ ନଦୀର ଚୁଆ ଉପରେ ନିର୍ଭର କରୁଛନ୍ତି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ଚୁଆ ଶୁଖି ଯାଇଛି । ଏପରି ସ୍ଥିତିରେ ପାଣି ମୁନ୍ଦାଏ ପାଇଁ ଡହଳ ବିକଳ ହେଉଛନ୍ତି କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍ ତାଳପଦା ଗାଁର ଲୋକେ ।

ସମାକୋଇ ନଦୀ କୂଳରେ ଛିଡ଼ା ହୋଇଛି ତାଳପଦା ଗାଁ । ଏହି ଗାଁର ଲୋକ ସଂଖ୍ୟା ୨୦୦୦ରୁ ଅଧିକ ହେବ । ସମସ୍ତେ ପ୍ରାୟତଃ ଚାଷ ଉପରେ ନିର୍ଭର କରୁଛନ୍ତି । ଗାଁଟି ନଦୀ କୂଳରେ ଥିବା ସତ୍ତ୍ୱେ ପାନୀୟ ଜଳ ସମସ୍ୟା ଦେଖାଦେଉଛି । ଏନେଇ ଗାଁ ଲୋକେ ବାରମ୍ବାର ପ୍ରଶାସନ ପାଖରେ ଗୁହାରୀ କରିଥିଲେ । ଶେଷରେ ପ୍ରଶାସନ ଗାଁ ଲୋକଙ୍କ କଥା ଶୁଣିଥିଲା । ୨୦୧୪ ମସିହାରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଯୋଜନାରେ ପ୍ରାୟ ୩୦ ଲକ୍ଷ ଟଙ୍କାରେ ନଦୀ କୂଳରେ ଖୋଲା କୂଅ ଖନନ କରାଯାଇଥିଲା । ଆଉ ସେଥିରୁ ମୋଟର ମାଧ୍ୟମରେ ପାଣିକୁ ଓଭରହେଡ୍ ଟାଙ୍କିକୁ ଉଠା ଯାଉଥିଲା । ତା'ପରେ ସେଠାରୁ ଗାଁ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଥିଲା ।

ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଗାଁ ଲୋକେ ଭାବିଥିଲେ । ହେଲେ ୬ ମାସ ପରେ ଗାଁ ଲୋକଙ୍କ ସବୁ ସ୍ୱପ୍ନ ଧୂଳିସାତ ହୋଇଯାଇଥିଲା । ହଠାତ୍ କୂଅ ଧସି ଯାଇଥିଲା । ଆଉ ପାଣି ଉଠି ପାରିଲା ନାହିଁ । ଯାହାଫଳରେ ଲୋକମାନେ ପାନୀୟ ଜଳ ମୁନ୍ଦାଏ ପାଇଁ ନାହିଁନଥିବା ଅସୁବିଧାରେ ପଡ଼ିଲେ । ଏନେଇ ଅଭିଯୋଗ ହେବା ପରେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ବସୁଧା ଯୋଜନାରେ ପ୍ରାୟ ୫୦ ଲକ୍ଷ ଟଙ୍କାରେ ବୋରୱେଲ ନିର୍ମାଣ କରାଯାଇ ପୂର୍ବରୁ ନିର୍ମାଣ ହୋଇଥିବା ଓଭରହେଡ୍ ଟାଙ୍କିକୁ ପାଣି ଉଠାଇବାର ବ୍ୟବସ୍ଥା କରାଯାଇଥିଲା । ଏଥିସହ ସାହି, ସାହିକୁ ପାଇପ୍ ବିଛା ଯାଇଥିଲା । ହେଲେ ତାହା କୌଣସି କାମରେ ଆସୁନାହିଁ ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି ।

ପାଣି ମୁନ୍ଦାଏ ପାଇଁ ଗାଁ ଲୋକେ ଡହଳ ବିକଳ ହେଉଛନ୍ତି । କିଛି ଉପାୟ ନପାଇ ଗାଁ ଲୋକେ ସମାକୋଇ ନଦୀ ଚୁଆରୁ ପାଣି ସଂଗ୍ରହ କରି ଚଳୁଛନ୍ତି । ଏଥିପାଇଁ ଗାଁ ମହିଳାଙ୍କୁ ବହୁବାଟ ଅତିକ୍ରମ କରିବାକୁ ପଡୁଛି । ଏବେ ଗ୍ରୀଷ୍ମ ପ୍ରବାହ ଜାରି ହୋଇଥିବାରୁ ଚୁଆ ଗୁଡ଼ିକ ଶୁଖିଗଲାଣି । ଯେଉଁଥିପାଇଁ ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏନେଇ ସ୍ଥାନୀୟ ଲୋକେ ତେଲକୋଇ ବିଡ଼ିଓଙ୍କ ପାଖରେ ଗୁହାରୀ କରିଥିଲେ । ଅଭିଯୋଗ ଶୁଣିବା ପରେ ଟାଙ୍କର ମାଧ୍ୟମରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଆଜି ପର୍ଯ୍ୟନ୍ତ ଗାଁକୁ ପାଣି ମୁନ୍ଦାଏ ଦେଇପାରିଲା ନାହିଁ ପ୍ରଶାସନ ।

ପାନୀୟ ଜଳ ସମସ୍ୟା ନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିନଥିବା ବେଳେ ଜଡଝଝ ଯନ୍ତ୍ରୀ ଅଶୋକ କୁମାର ଦେ'ଙ୍କ କହିବା ଆନୁସାରେ ଚଳିତବର୍ଷ ବର୍ଷା ନାହିଁ । ନଦୀ ଶୁଖିଲା ପଡିଛି । ତେଣୁ ନଦୀରେ ଥିବା କୂଅରେ ପାଣି ପର୍ଯ୍ୟପ୍ତ ହେଉନାହିଁ । ଏହା ଛଡା ଖୋଳା ଯାଇଥିବା ଗଭୀର ନଳକୂପ ମଧ୍ୟ ପାଣି ଯୋଗାଇବାରେ ସକ୍ଷମ ହେଉନାହିଁ । ତେଣୁ ପାଣି ଯୋଗାଇବାରେ ଅସୁବିଧା ହେଉଛି । ଏନେଇ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ଶ୍ରୀ ଦେ କହିଛନ୍ତି ।

## ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସଦସ୍ୟ ଓ ସଦସ୍ୟାଙ୍କ ଯୋଜନା ଓ ସମନ୍ୱୟ ବୈଠକ

କନ୍ଧମାଳ, ୧୨/୦୬ (ନି.ପ୍ର): ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘର ସମସ୍ତ ସଭ୍ୟ ଅନୁଷ୍ଠାନର ସାଧାରଣ ବୈଠକ ଏ.ସି,ଏମ, କନ୍ଧମାଳ ଜିଲ୍ଲା କୋଟଗଡ ରଡିଗୁମା ଠାରେ ଅନୁଷ୍ଠିତ ହୋଇଯାଇଛି । ଚତୁର୍ଥ ସାଧାରଣ ପରିଷଦ ବୈଠକ, ସାବିତ୍ରୀ ପାତ୍ରଙ୍କ ପୌରହିତ ରେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟ ସଦସ୍ୟ ଅନୁଷ୍ଠାନ ମାନଙ୍କର ମୂଖ୍ୟ ଅଧିକାରୀ, ଏ.ସି,ଏମ, ସେବା ଭାରତୀ, ଓ.ସି.ଆଇ, ହାଇ ହୋପ ସୋସାଇଟ, ଡିଭୋଟି ଟ୍ରଷ୍ଟି; ଜି.ଏମ.ଏସ; ଫାରେଲ, ଆଜକା, ଲଭ ଇଣ୍ଡିଆ, ଜାଗୃତି, ସ୍ୱାତୀ, ବନବାସୀ ସେବା ସମିତି, ଅଗ୍ରଗାମୀ, ଶାନ୍ତି ମୈତ୍ରି, ଜନ ବିକାଶ, ପ୍ରଦାତ, ପରିବେଶ ; ନିୟୁ ଭିଜନ ଇଣ୍ଡିଆ, ଓରିଶା, ସେବା, ଟେରେସା ଓ ଆଇ.ଆଇ.ଏସ.ଡବ୍ଲୁ ଉପସ୍ଥିତ ରହି ପି.ଏ.ଜି ର ବିଭିନ୍ନ କାର୍ଯ୍ୟପ୍ରଣାଳି ବିଷୟରେ ଆଲୋଚନା କରିଥିଲେ । ସଭାର ପ୍ରାରମ୍ଭରେ ସର୍ବଧର୍ମ ସଭା ଓ ନିକଟ ଅତିତରେ ଘଟିଥିବା ରେଳ ଦୃଘଟଣା ରେ ମୃତକ ଓ ପିଡିତଙ୍କ ଆଶୁ ଆରୋଗ୍ୟ ପାଇଁ ନିରବ ପ୍ରାର୍ଥନା କରିଥିଲେ । ଏହି ସଭା ରେ ଗତ ଆର୍ଥିକ ବର୍ଷର ଆର୍ଥିକ ଓ କାର୍ଯ୍ୟକ୍ରମ ବିବରଣୀ ପୁସ୍ତିକା ମାଧ୍ୟମରେ ସଭ୍ୟଙ୍କ ଦ୍ୱାରା ଗୃହିତ କରାଯାଇଥିଲା । ଜିଲ୍ଲା ପ୍ରଶାସନ କିପରି ସାମାଜିକ ଅନୁଷ୍ଠାନ ମାନଙ୍କ ସହିତ ସଂଯୋଜନା କରି ଜିଲ୍ଲାର ବିକାଶ କାର୍ଯ୍ୟକ୍ରମରେ ସାମିଲ ହେବ ଓ ଆଲୋଚନା କରିବ ସେ ଦିଗରେ ମତ ରଖିଥିଲେ । ଆଗାମି ଦିନରେ ଲଘୁ ବନଜାତ ଦ୍ରବ୍ୟର ଉପଯୁକ୍ତ ପ୍ରାପ୍ୟ କିପରି ପାଇବେ ସେହିଦିଗରେ ସଚେତନତା ଓ ଆଲୋଚନା ସବୁ ସ୍ତରରେ କରିବା ପାଇଁ ସଭ୍ୟମାନେ ପ୍ରସ୍ତାବ ରଖିଥିଲେ । ବାଲ୍ୟବିବାହ କିପରି ବନ୍ଦରଖି ଜିଲ୍ଲାକୁ ବାଲ୍ୟବିଭା ମୁକ୍ତ କରିବା ସେଦିଗରେ ଆଲୋଚନା କରାଯାଇଥିଲା । ସଭ୍ୟ ଅନୁଷ୍ଠାନ ପଂଚାୟତ , ବ୍ଲକ ଓ ଜିଲ୍ଲା ରେ ପ୍ରଶାସନର କାର୍ଯ୍ୟକ୍ରମକୁ ସଫଳ ରୂପାୟନ ପାଇଁ ବିଭିନ୍ନ ସଭା ସମିତି ରେ ଆଲୋଚନା ଜାରି ରଖିବା ପାଇଁ ପି.ଏ.ଜି ର ଆବାହକ ଇଂ,ହରିଶଙ୍କର ରାଉତ କହିଥିଲେ । ଜିଲ୍ଲାରେ ହେଉଥିବା ସମନ୍ୱୟ ବୈଠକ ବହୁତ ଦିନ ହେବ ହୋଇପାରୁନି, ଏହାକୁ କିପରି କରିହେବ ଯେଉଁଠି ପ୍ରଶାସନ ଓ ସାମାଜିକ ଅନୁଷ୍ଠାନ ନିଜର ମତ ରଖିପାରିବେ ସେଦିଗରେ ପ୍ରଶାସନ ସହିତ ଆଲୋଚନା ଆବଶ୍ୟକ ବୋଲି କହିଥିଲେ । ପି.ଏ.ଜି. ସଭ୍ୟ ଅନୁଷ୍ଠାନ ସହିତ ମିସି ଏହି ମାସରେ ୨ ଟି ସ୍ୱଚ୍ଛାକୃତ ରକ୍ତଦାନ ସିବିର କରିବା ପ୍ରସ୍ତାବ ଗୃହିତ ହୋଇଥିଲା । କୈଳାସ ଦଣ୍ଡପାଟ, ପ୍ରଦିପ ଦାସ, ଲିଙ୍ଗରାଜ ପ୍ରଧାନ, ମଦନ ସୁଆଲ ସିଂ, କେଶମତି ପ୍ରଧାନ, କିଶୋର ବଳିଆର ସିଂ, ଶାନ୍ତନୁ ମିଶ୍ର, ଚନ୍ଦ୍ରକାନ୍ତ ନାୟକ, ବରଦା ପ୍ରସନ ନାୟକ, ଡା ଦିପକ ରଞ୍ଜନ ସ୍ୱାଇଁ ଅନୁଷ୍ଠାନ ର ବିଭିନ୍ନ କର୍ଯ୍ୟଖସଡା ଦିଗରେ ମତ ରଖିଥିଲେ । ଜଳନ୍ଧର ବେହେରଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏ.ସି,ଏମ, ର ଆତିଥ୍ୟ ସମସ୍ତ ସଭ୍ୟ ଅନୁଷ୍ଠାନର ମନଛୁଇଁ ପାରିଥିଲା, ସେହି ଅନୁଷ୍ଠାନରୁ ଆସିଥିବା ବରିଷ୍ଠ ଅଧିକାରୀ ପିତାମ୍ବର ଭାଇ ମହାସଂଘର ବିଷୟକୁ ସୁଦୁର ମୟୁରଭଞ୍ଜରେ କହିବେ ବୋଲି କହିଥିଲେ । ସଭାର ଆଭିମୁଖ୍ୟ ସଫଳତା ସହିତ ସଂଚାଳନ ହୋଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ ।

## ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ସମ୍ମିଳନୀ

ଜୟପୁର, ୧୨/୦୬ (ନି.ପ୍ର): ଆଜି ଜୟପୁରସ୍ଥିତ ଟାଉନ୍ ହଲ୍ ଠାରେ ଅଲ୍ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ୍ କୋରାପୁଟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ପ୍ରଜ୍ୱଳନ ପରେ ସଭାପତି ଶ୍ରୀ ନଳିନୀ ରଥ ସଭାକାର୍ଯ୍ୟ ଆରମ୍ଭ କରି ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅତିଥି ମାନଙ୍କୁ ସଭା ମଂଚ ଉପରକୁ ଆମନ୍ତ୍ରିତ କରିଥିଲେ । ସର୍ବନିମ୍ନ ପେନସନ ୯୦୦୦/ ଟଙ୍କା ମୁଳ ଦାବି ସହ ଡିଏ ଓ ସ୍ୱାସ୍ଥ୍ୟ ସେବା ଦାବି କରି ଆନ୍ଦୋଳନ କୁ ଆହୁରି ମଜବୁତ୍ କରିବା ପାଇଁ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଆଜିର ସଭାରେ ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ମୁଖ୍ୟ ବକ୍ତା ଭାବେ ସଂଘର ଅଲ୍ ଓଡିଶା ସାଧାରଣ ସମ୍ପାଦକ ଶ୍ରୀ ଭାଗ୍ୟଧର ବ୍ରହ୍ମା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୁଧିଷ୍ଠିର ରାଉଳ, ପ୍ରଫୁଲ୍ଲ କୁମାର ଦାସ,ଯୁଗ୍ମ ସମ୍ପାଦକ ସରୋଜ କାନ୍ତ ମଲ୍ଲିକ, ମାଲକାନଗିରି, ରାୟଗଡ଼ା ନବରଙ୍ଗପୁର ଜିଲ୍ଲା ସଭାପତି ମାନେ ମଂଚାସୀନ ହୋଇଥିଲେ । ସାଧାରଣଣ ସମ୍ପାଦକ ପ୍ରଦୀପ ମହାନ୍ତି ଜିଲ୍ଲା ରେ ନିଆଯାଇଥିବା କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିବା ସହ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରିବାକୁ ଆହ୍ୱାନ ଦେଇ ଥିଲେ । ମୁଖ୍ୟ ବକ୍ତା ଭାଗ୍ୟଧର ବ୍ରହ୍ମା ଓଡ଼ିଶା ସରକାର ଙ୍କ ପାଖରେ ଦାବି ରଖିଥିଲେ ଯେ ସମସ୍ତ ଇପିଏଫ ପେନସନର୍ସ ମାନଙ୍କୁ ବିଜୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ସାମିଲ କରିବା ଏବଂ ସର୍ବନିମ୍ନ ପେନସନ ମାସିକ ୯୦୦୦ ଟଙ୍କା ଘୋଷଣା ପାଇଁ କେନ୍ଦ୍ର ସରକାର ଙ୍କୁ ସୁପାରିଶ କରାବା ପାଇଁ ଦାବି କରିଥିଲେ । ସେବା କାଗଜ କଳ ର ପି ଏଫ୍ ପେନସନ ବିଷୟରେ ରାଜ୍ୟ ଓ କେନ୍ଦ୍ର ସହିତ ଯୋଗାଯୋଗ କରି ସମାଧାନ ପାଇଁ ପଦକ୍ଷେପ ନେବାକୁ ଘୋଷଣା କରିଥିଲେ । ବିଜୁ ସ୍ୱାସ୍ଥ୍ୟ ସେବା ଯୋଜନା ବିଷୟ ବିଧାନସଭା ରେ ଉଠେଇ ଦାବି କରିବାକୁ ବିଧାୟକ ଘୋଷଣା କରିଥିଲେ । ସଭା ଶେଷରେ କେସିସି ବ୍ୟାଙ୍କ କର୍ମଚାରୀ ତଥା ସଂଘର ସଭାପତି ଉମାକାନ୍ତ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିଶୁର ଉଜ୍ଜ୍ୱଳ ତ୍ୱଚା

## ପିଲାର ଦାନ୍ତ ଉଠୁଥିଲେ ସଚେତନ ହୁଅନ୍ତୁ



ଦେଢ଼ ବର୍ଷ ଦୁଇବର୍ଷରେ ପିଲାଙ୍କ ଦାନ୍ତ ଉଠେ । ଦାନ୍ତ ଉଠିବା ସମୟରେ ପିଲାଟି ଆଗରେ ଏଣୁତେଣୁ ଜିନିଷ ଯାହା ପଡିଥାଏ ତାକୁ ଉଠାଇ ସେ ପାଟିରେ ପୂରାଏ । କାରଣ ତା'ମାଡି ସେହି ସମୟରେ ସୁଲେଇ ହୁଏ । କିଛି ଜିନିଷ କାମୁଡିବା ଦ୍ୱାରା ମାଡି ଘୋରି ହୋଇ ଦାନ୍ତ ପଦାକୁ ବାହାରି ଆସେ । ତେଣୁ ଏହି ସମୟରେ ମା'କୁ ଟିକେ ସଚେତନ ହେବାକୁ ପଡେ । ପିଲା ଯେପରି ପାଟିରେ ଏଣୁତେଣୁ ନ ପୁରାଇବ ସେ ପ୍ରତି ସତର୍କ ରହିବାକୁ ପଡିବ। ଏହାଦ୍ୱାରା ପିଲାକୁ ବିଭିନ୍ନ ରୋଗ ସଂକ୍ରମଣ କରିବାର ସମ୍ଭାବନା ଥାଏ । ତେଣୁ ଏହି ସମୟରେ ପିଲାକୁ ଗୋଟାଫଳ କାମୁଡିବାକୁ ଦିଅନ୍ତୁ ଅବା ଗୋଟିଏ ଛୋଟ ସଫ୍ଟବ୍ରଶ୍ ତା' ହାତରେ ଧରାଇ ଦିଅନ୍ତୁ । ଏହାକୁ ସେ ଚୋବାଇବା ଦ୍ୱାରା ଦାନ୍ତ ଅଳ୍ପଦିନ ଭିତରେ ବାହାରକୁ ବାହାରି ଆସେ। ଏହି ଦାନ୍ତ

**ପ୍ରତ୍ୟେକ ମହିଳାଙ୍କ ଜୀବନରେ ମା' ହେବା ଏକ ସ୍ମରଣୀୟ ମୁହୂର୍ତ୍ତ। ମାତୃତ୍ୱ ହିଁ ନାରୀ ଜୀବନର ସମ୍ପୂର୍ଣ୍ଣତା ଆଣିଦିଏ। ଅଧିକାଂଶ ମା' ଚାହାନ୍ତି ସେମାନଙ୍କ ଶିଶୁର ରଙ୍ଗ ସଫା ଏବଂ ତା'ର ତ୍ୱଚା ଉଜ୍ଜ୍ୱଳ ହେଉ। ତେବେ ଶିଶୁର ରଙ୍ଗ କିପରି ଉଜ୍ଜ୍ୱଳ ହେବ ତାହା ଅଧିକାଂଶ ମା' ଜାଣନ୍ତିନି। ଏନେଇ କିଛି ଟିପ୍ସ....**

■ ଶିଶୁର ତ୍ୱଚାକୁ ଅଧିକ ସଫା କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିପ୍ସ ହେଉଛି ହଟ୍ ଅଏଲ ମସାଜ୍। ଏହା ଏକ ପୁରୁଣା ପଦ୍ଧତି ଏବଂ ଅନେକ ପିଢ଼ି ହେବ ଚାଲି ଆସିଛି। ପ୍ରତିଦିନ ଶିଶୁର ତ୍ୱଚାକୁ ଉଷୁମ ତେଲର ମସାଜ୍ କରିବା ଉଚିତ୍।

■ ଶିଶୁର ତ୍ୱଚା ଅନ୍ୟମାନଙ୍କ ତୁଳନାରେ ୧୦ଗୁଣ ଅଧିକ ସମ୍ବେଦନଶୀଳ ତେଣୁ ସେମାନଙ୍କ କ୍ଷେତ୍ରରେ କିଛି ବଡ଼ି ପ୍ୟାକ ଆପ୍ଲାଏ କରିପାରିବେ ଯାହା ପ୍ରକୃତରେ ନ୍ୟାଚୁରାଲ ହୋଇଥିବ। ସପ୍ତାହରେ ଥରେ ଆପଣଙ୍କ ଶିଶୁର ଶରୀରରେ ବଡ଼ିପ୍ୟାକ ଆପ୍ଲାଏ କରନ୍ତୁ। ବଡ଼ି ପ୍ୟାକ କିଣିବା ପରିବର୍ତ୍ତେ ଆପଣ ହଳଦୀ, ଦୁଗ୍ଧ ଏବଂ ଚନ୍ଦନ ଗୁଣ୍ଡ ମିଶାଇ ପ୍ୟାକ୍ ପ୍ରସ୍ତୁତ କରିପାରିବେ। ଏହି ପ୍ୟାକ ତ୍ୱଚାରେ ଭଲଭାବେ ମାରନ୍ତୁ ଏବଂ ଅଳ୍ପ ଦିନରେ ଶିଶୁ ତ୍ୱଚାର ଉଜ୍ଜ୍ୱଳତାକୁ ବୃଦ୍ଧି କରାନ୍ତୁ।

■ ସ୍କ୍ରବ୍ ଶବ୍ଦକୁ ନେଇ ଆଦୌ କନଫ୍ୟୁଜ ହୁଅନ୍ତୁନି। ଏହା କୌଣସି ଅର୍ଡ଼ିନାରୀ ସ୍କ୍ରବ ନୁହେଁ ଯାହା ଆପଣ ସବୁ ସ୍ଥାନରେ ପାଇପାରିବେ। ଏହାକୁ ଆପଣ ବେସନ, ଦୁଗ୍ଧ, ଗୋଲାପ ଜଳ ଏବଂ ହଳଦୀ ମିଶାଇ ପ୍ରସ୍ତୁତ କରିପାରିବେ। ଏହି ସ୍କ୍ରବ୍ ସୁଥ୍ ଏବଂ ଶିଶୁର ତ୍ୱଚାରେ କୌଣସି କ୍ଷତି ନପହଞ୍ଚାଇ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ।

■ ଶିଶୁର ତ୍ୱଚାକୁ ଆଦୌ ଶୁଷ୍କ ହେବାକୁ ଦିଅନ୍ତୁନି। ମାର୍କେଟରେ ଉପଲବ୍ଧ ହେଉଥିବା ବେବି ମଏଶ୍ଚରାଇଜିଙ୍ଗ କ୍ରିମ ଆପ୍ଲାଏ କରନ୍ତୁ। ଶିଶୁ



ପାଇଁ ବେଷ୍ଟ ପ୍ରଡକ୍ଟ କିଣିବାବେଳେ ଆପଣଙ୍କୁ ଟିକେ ଅଧିକ ଯତ୍ନଶୀଳ ହେବାକୁ ପଡ଼ିବ। ଯଦି ଆପଣ ଜାଣିପାରୁନାହାନ୍ତି କେଉଁଟି ଆପଣଙ୍କ ପାଇଁ ଠିକ୍ ତେବେ କୌଣସି ଡର୍ମାଟୋଲୋଜିଷ୍ଟଙ୍କ ଉପଦେଶ ନିଅନ୍ତୁ।

# କାମରେ ବାଧା ଏବଂ ଖରାପ ନଜର ଦୂର କରେ କଳା ଶୋରିଷ

ସମସ୍ତେ ଜୀବନରେ ଅଗ୍ରଗତି କରି ଟଙ୍କା, ଧନ ଏବଂ ଗୌରବ ଲାଭ କରିବାକୁ ଚେଷ୍ଟା କରନ୍ତି ।ଏଥିପାଇଁ ସେ କଠିନ ପରିଶ୍ରମ କରନ୍ତି, କିନ୍ତୁ ଅନେକ କାରଣରୁ ସେ ଅଗ୍ରଗତି କରିବାକୁ ସକ୍ଷମ ହୋଇପାରନ୍ତିନି । ଏହା ପଛର କାରଣ ହେଉଛି, ଅନେକ ପ୍ରକାରର ତ୍ରୁଟି ଏବଂ ମନ୍ଦ ଆଖି ହୋଇପାରେ । ଏପରି ପରିସ୍ଥିତିରେ, ଆଜି ଆମେ ଖାଦ୍ୟରେ ବ୍ୟବହୃତ କଳା ସୋରିଷର ପ୍ରତିକାର ବିଷୟରେ ସୂଚନା ଦେବୁ । କଳା ସୋରିଷର ପ୍ରତିକାରଗୁଡିକ ଅତି ସଠିକ୍ ଭାବରେ ବିବେଚନା କରାଯାଇଛି । ଏହି ପ୍ରତିକାରଗୁଡିକ କରିବା ଦ୍ୱାରା ଖରାପ ନଜର ଚାଲିଯାଏ ଏବଂ ଘରେ ସୁଖ, ଶାନ୍ତି ଏବଂ ସମୃଦ୍ଧତା ବୃଦ୍ଧି ପାଏ । ଯଦି ଆପଣ ଭାଗ୍ୟର ସମର୍ଥନ ପାଇ ନାହାଁନ୍ତି, ତେବେ ଶୋଇଥିବା ଭାଗ୍ୟକୁ ଜାଗ୍ରତ କରିବା ପାଇଁ ଏକ ପାତ୍ରରେ ପାଣି ଭର୍ତ୍ତି କରନ୍ତୁ ଏବଂ ସେଥିରେ କଳା ସୋରିଷ ମଞ୍ଜି ରଖନ୍ତୁ । ଏହା ପରେ ଏହି ପାଣିରେ ସ୍ନାନ କରନ୍ତୁ । ଏହା କରିବା ଦ୍ୱାରା, ଭାଗ୍ୟ ଜାଗ୍ରତ ହୁଏ ଏବଂ ଭାଗ୍ୟର ସମର୍ଥନ ପାଇବା ଆରମ୍ଭ କରେ । ବ୍ୟକ୍ତି ଜୀବନରେ କଠିନ ପରିଶ୍ରମ କରେ, କିନ୍ତୁ କିଛି ତାର ଫଳାଫଳ ପାଏ ନାହିଁ । ତାଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ହଠାତ୍ ଖରାପ ହେବାକୁ ଲାଗେ ଏବଂ କାର୍ଯ୍ୟରେ ବାଧା ଉପୁଜିଥାଏ । ଏଭଳି ପରିସ୍ଥିତିରେ ଗୁରୁବାର ଦିନ କଳା ସୋରିଷ ଅର୍ଥାତ୍ ସୋରିଷ ଦାନ କରନ୍ତୁ। ଆପଣଙ୍କ ଘରେ କିମ୍ବା ସଦସ୍ୟଙ୍କ ଉପରେ ଯଦି କେହି ଖରାପ ନଜର ପକାଇଛନ୍ତି, ତେବେ ସୋରିଷ ମଞ୍ଜି, ସାତୋଟି ଲାଲ୍ ଲଙ୍କା ଏବଂ ଲୁଣ ସେହି ବ୍ୟକ୍ତିଙ୍କ ମୁଣ୍ଡରେ ସତ ଥର ଘୂର୍ଣ୍ଣନ କରି ଜ୍ୱଳନ୍ତ ନିଆଁରେ ପକାଇ ଦିଅନ୍ତୁ । ଆପଣ ଏହି ପ୍ରତିକାରକୁ ବାମ ହାତରେ କରିବା ଉଚିତ୍ । କଳା ସୋରିଷର ଏହି ପ୍ରତିକାର ଖରାପ ନଜରରୁ ରକ୍ଷା କରିବାରେ ସାହାଯତ ହୋଇଥାଏ ।




# ନୂଆ ଜୋତା ଡବାରେ କାହିଁକି ଥାଏ ଛୋଟ ଧଳା ପୁଡିଆ: ଜାଣନ୍ତୁ କାରଣ

ଘରକୁ ଯେତେବେଳେ କିଛି ନୂଆ ଇଲେକଟ୍ରୋନିକ ଆଇଟମ କିମ୍ବା ବ୍ୟାଗ ଜୋତା କିଣା ହୋଇ ଆସିଥାଏ ସେଥିରେ ଏକ ଧଳା ଛୋଟ ପ୍ୟାକେଟ ଦେଖିବାକୁ ମିଳିଥାଏ । ଏହାକୁ ଦେଖି ଆମେ ଭାବି ଥାଉ ହଁ ଏମିତି କିଛି କାରଣ ପାଇଁ ଏଥିରେ ଅଛି । ହେଲେ ଏହି ପ୍ୟାକେଟ ଏକ ଜରୁରୀ ଉଦ୍ଦେଶ୍ୟ ନେଇ ନୂଆ ଜିନିଷରେ ଦିଆଯାଇଥାଏ ।




ଆପଣ ଜାଣିଛନ୍ତି କି ଏହା ପଛରେ ଥିବା କାରଣ କଣ ? ଯଦି ଆପଣ କେବେ ଏହି ପ୍ୟକେଟକୁ ହାତରେ ସ୍ପର୍ଶ କରିଥିବେ ଲାଗେ ଏଥିରେ ଯେମିତି ଛୋଟ ଛୋଟ ମାଳି ଅଛି । ତେବେ ତାହା ହେଉଛି ଛୋଟ ଛୋଟ ମୋତି ପରି ସିଲିକା ଜେଲ । ବାୟୁରେ ଥିବା ଓଦାପଣକୁ ଟାଣିବାର କ୍ଷମତା ରଖିଥାଏ ସିଲିକା ଜେଲ । ଏହି କ୍ଷମତା ପାଇଁ ନୂଆ ପ୍ରଡକ୍ଟ ଖୋଳରେ ଏହାକୁ ଦିଆଯାଇଥାଏ । ତେବେ ଏହା ପଛରେ କଣ ରହିଛି କାରଣ ? କହିବାକୁ ଗଲେ ଜୋତା ତିଆରି ଠାରୁ ଆରମ୍ଭ କରି ଷ୍ଟୋରରେ ରଖିବା ଏବଂ ବିକ୍ରି ହେବା ପର୍ଯ୍ୟନ୍ତ ତାହା ଗୋଟେ ଡବା ଭିତରେ ବନ୍ଦ ହୋଇ ରହିଥାଏ । ତେବେ ଏତେ ସମୟ ଧରି ଯଦି ଗୋଟେ ବନ୍ଦ ଡବାରେ ଜିନିଷ ରୁହେ ଏବଂ ବାୟୁରେ ଥିବା ଓଦା କରଣରୁ ଖରାପ ହୋଇଯାଏ । କାରଣ ଓଦାପଣ ପାଇଁ ବ୍ୟାକ୍ଟେରିଆ ଲାଗିଯାଆନ୍ତି । ଫଳରେ ଜିନିଷ ବା ଜୋତାରୁ ଦୁର୍ଗନ୍ଧ ଆସିଥାଏ । ଏପରି ହେବା ଦ୍ୱାରା ପ୍ରଡକ୍ଟ ଖରାପ ହୋଇପାରେ ଯାହାଫଳରେ ଦୋକାନୀଙ୍କୁ ଏହାର କ୍ଷତି ସହିବାକୁ ପଡିବ । ସିଲିକାଜେଲ ଏହି କାରଣ ପାଇଁ ନୂଆ ପ୍ୟାକେଟରେ ଦିଆଯାଏ ।

# ପାଦର ଚିହ୍ନ, ରଙ୍ଗ, ଆକାର କହିବ ଆପଣଙ୍କ ଭବିଷ୍ୟତ: କିଏ ହେବ ଧନୀ, କିଏ ହେବ ଗରିବ



ମଣିଷର ହାତ, ଗୋଡ଼, ମୁହଁ, ଆଖି, ନାକର ଆକାରକୁ ଜ୍ୟୋତିଷ ଶାସ୍ତ୍ରରେ ଭବିଷ୍ୟତ ବିଷୟରେ ବହୁତ କିଛି ସୂଚନା ମିଳିଥାଏ । ତେବେ ପାଦରୁ ମଧ ଜଣଙ୍କ ବିଷୟରେ ଅନେକ ତଥ୍ୟ ଜାଣି ହୋଇଥାଏ । ପାଦରେ ଥିବା ଏପରି କିଛି ଚିହ୍ନକୁ ଅତ୍ୟନ୍ତ ଶୁଭ ଭାବେ ବିବେଚନା କରାଯାଇଥାଏ । ପାଦକୁ ଠିକ ରଖି ଧନ ଓ ସ୍ୱାସ୍ଥ୍ୟ ସହିତ ଜଡ଼ିତ ସମସ୍ୟାକୁ ଠିକ୍ କରାଯାଇ ପାରିବ ବୋଲି କୁହାଯାଇଥାଏ । ପାଦ ଓ ହାତର ସମ୍ପର୍କ ଧନ ଓ ସାମର୍ଥ୍ୟ ସହିତ ଜଡ଼ିତ ଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ପାଦରୁ ଜଣେ ବ୍ୟକ୍ତିର ଯାତ୍ରା ବିଷୟରେ ମଧ ଜଣାପଡ଼ିଥାଏ । ହାତରେ ରହିଥିବା ଚିହ୍ନକୁ ସାଧାରଣ କୁହାଯାଉଥିବା ବେଳେ ପାଦର ଚିହ୍ନର ବିଶେଷ ମହତ୍ତ୍ୱ ରହିଥାଏ । ଲମ୍ୱା ପାଦକୁ ମୁର୍ଖତାର ପ୍ରତୀକ କୁହାଯାଇଥାଏ । ମାତ୍ର ଲମ୍ୱା ପାଦ ଥିବା ବ୍ୟକ୍ତିମାନେ ଜୀବନରେ ଅନେକ ସଫଳତା ହାସଲ କରୁଥିବା ଦେଖାଯାଉଛି । ଆବଶ୍ୟକଠାରୁ ଛୋଟ ପାଦ ଥିବା ଲୋକମାନେ ମାନସିକ ଚିନ୍ତାରେ ବୁଡ଼ି ରୁହନ୍ତି । ସେମାନେ ଅନେକ ସଂଘର୍ଷ କରିବା ପରେ ସଫଳତାର ସ୍ୱାଦ ଚାଖିଥାନ୍ତି। ପାଦ ନିକଟରେ ରହିଥିବା ଆଙ୍ଗୁଠିର ରେଖା ଭଲ ଥିଲେ ବହୁତ ଲାଭ ମିଳିଥାଏ । ଯଦି ପାଦର ଗୋଟିଏ ଆଙ୍ଗୁଠି ପାଖ ଆଙ୍ଗୁଠି ଠାରୁ ଛୋଟ ହୋଇଥାଏ, ତେବେ ବ୍ୟକ୍ତି ବଡ଼ ଭାଗ୍ୟଶାଳୀ ହୋଇଥାନ୍ତି । ଯଦି ପାଦର ସବୁଠାରୁ ଛୋଟ ଆଙ୍ଗୁଠିର ନଖ ବହୁତ ଛୋଟ ତେବେ ଜଣେ ଜୀବନରେ ବହୁତ ମୁସ୍କିଲ ସମୟ ଦେଇ ଗତି କରିଥାଏ । ଯଦି ସବୁଠାରୁ ଛୋଟ ଆଙ୍ଗୁଠି ଲମ୍ୱା ହୋଇଥାଏ ତେବେ ଜଣଙ୍କ ପାଖରେ ଅର୍ଥର ଅଭା ରହିନଥାଏ । ଯଦି ପାଦର ଆଙ୍ଗୁଠିଗୁଡ଼ିକ ତେଢ଼ିମେଢ଼ି ହୋଇଥାନ୍ତି ତେବେ ବ୍ୟକ୍ତିଙ୍କ ଭାଗ୍ୟରେ ଦୁଇଥର ବିବାହ ଯୋଗ ରହିଥାଏ । ପାଦର ଆଙ୍ଗୁଠି ଅଧିକ ବଡ଼ ହୋଇଥିଲେ ଏହାକୁ ବୀମାରୀର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ । ଯଦି ପାଦର ଆଙ୍ଗୁଠିରୁ ଏକ ସିଧା ରେଖା ତଳକୁ ଯାଇଥିବ ତେବେ ବ୍ୟକ୍ତି ବୁଦ୍ଧିମାନ ହୋଇଥାଏ । ଯେତେ କମ୍ ରେଖଥିବ ଜଣେ ସେତେ ଅଧିକ ଭାଗ୍ୟବାନ ହେବ । ପାଦରେ ଅଧିକ ରେଖା ଥିଲେ ଜଣଙ୍କୁ ଜୀବନରେ ଅଧିକ ଜାଲରେ ପଡ଼ିବାକୁ ହୋଇଥାଏ । ଏପରି ଲୋକମାନେ ବହୁତ ପ୍ରୟାସ ପରେ ମଧ ସାଧନ ଯୋଗାଡ଼ କରିବାରେ ଅସମର୍ଥ ହୋଇଥାନ୍ତି । ପାଦରେ ଶଙ୍ଖ ବା ଚକ୍ର ରହିଥିଲେ ତାହାକୁ ଅତ୍ୟନ୍ତ ଦୁର୍ଲ୍ଲଭ ଓ ମହାପୁରୁଷଙ୍କ ପାଦ ବୋଲି ଗ୍ରହଣ କରାଯାଇଥାଏ। ଏପରି ଲୋକମାନେ ଜୀବନରେ ବଡ଼ ସଫଳତା ହାସଲ କରିଥାନ୍ତି । ପାଦର ରଙ୍ଗ ହାଲୁକା ଗୋଲାପୀ ବା ଧଳା ରହିଥିଲେ ବ୍ୟକ୍ତି ସର୍ବସ୍ୱ ସ୍ୱାସ୍ଥ୍ୟବାନ ରହିଥାଏ । ପାଦର ରଙ୍ଗ ହଳଦିଆ ହୋଇଥିଲେ ବ୍ୟକ୍ତି ଖରାପ ଦାମ୍ପତ୍ୟ ଜୀବନର ସାମ୍ନା କରିଥାନ୍ତି। ସେ ସର୍ବଦା ନିଜ ପାର୍ଟନରଙ୍କ ସହିତ ଝଗଡ଼ା କରିଥାନ୍ତି ।

# ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ବଢ଼ିଯାଏ ହାର୍ଟ ଆଟାକର ସମ୍ଭାବନା



ସାଧାରଣତଃ ଆମ ଶରୀରର ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଥାଏ। ଏଥିପାଇଁ ପିଇବା ପାଣିର ତାପମାତ୍ରା ୨୦ ରୁ ୨୨ ଡିଗ୍ରୀ ମଧ୍ୟରେ ରହିବା ଉପଯୁକ୍ତ। କେତେକ ବ୍ୟକ୍ତି ଖାଇବା ପରେ ଫ୍ରିଜ୍ ପାଣି ପିଇଥାଆନ୍ତି। କିନ୍ତୁ ଏହି ପାଣି ଯଦି ଅତ୍ୟଧିକ ଥଣ୍ଡା ହୋଇଥାଏ, ତେବେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

ପାଣି ଅଧିକ ଥଣ୍ଡା ଥିଲେ ଏବଂ ତାହାକୁ ପିଇଲେ ଏହା ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ। ଅପରପକ୍ଷରେ ଏହାର ସିଧାସଳଖ ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଥଣ୍ଡା ପାଣି ପିଇବା ମାତ୍ରକେ ଢୋକିବା ପାଇଁ ସମୟ ଲାଗେ। କାରଣ ଏହି ପାଣିର ତାପମାତ୍ରା କିଛି ପରିମାଣରେ ସାମାନ୍ୟ ହେବା ପରେ ଗଳାରୁ ଖସିଥାଏ। କିନ୍ତୁ ନିରନ୍ତର ଖାଇବା ପରେ ସ୍ୱାସ୍ଥ୍ୟ ଥଣ୍ଡାପାଣି ପିଇବା କ୍ଷତିକାରକ ଭାବେ ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡା ପାଣି ପିଇବା ଦ୍ୱାରା ଟନ୍‌ସିଲ ସମସ୍ୟା ଉପୁଜିଥାଏ। ଥଣ୍ଡା ପାଣି ଦ୍ୱାରା ପେଟର ଅନ୍ତଃନଳୀ ସଙ୍କୁଚିତ ହୋଇଯାଏ, ଯଦ୍ୱାରା କଫ ସମସ୍ୟା ଦେଖାଦିଏ। ତେଣୁ କଫ ସମସ୍ୟା ଭୋଗୁଥିବା ଲୋକେ ଥଣ୍ଡା ପାଣିଠୁ ଦୂରରେ ରହିବା ଭଲ। ଖାଇବା ପରେ ଅତ୍ୟଧିକ ଥଣ୍ଡା ପାଣି ପିଇବା ଦ୍ୱାରା ହୃଦ୍‌ଘାତର ଆଶଙ୍କା ବଢ଼ିଥାଏ ବୋଲି ଆମେରିକୀୟ ବିଶେଷଜ୍ଞମାନେ ଗବେଷଣାରୁ ଜାଣିବାକୁ ପାଇଛନ୍ତି।

# ଖାଦ୍ୟ ପସନ୍ଦ ଶୈଳୀରୁ ଜାଣିପାରିବେ ଝିଅଙ୍କ ଲଭ୍ ଲାଇଫ୍ ସମ୍ପର୍କିତ ରୋମାଞ୍ଚକର ତଥ୍ୟ

ଖାଦ୍ୟପେୟରେ ସମସ୍ତଙ୍କ ରୁଚି ଭିନ୍ନ ଭିନ୍ନ ହୋଇଥାଏ। କାହାକୁ ଖଟା ଖାଇବାକୁ ଭଲ ଲାଗୁ ଥିବାବେଳେ କାହାକୁ ମିଠା ଅଧିକ ପସନ୍ଦ ହୋଇଥାଏ। ତେବେ ଆପଣ ଜଣକର ଖାଦ୍ୟ ପସନ୍ଦ ଶୈଳୀରୁ ତାଙ୍କ ଲଭ୍ ଲାଇଫ୍ ସମ୍ପର୍କରେ ଜାଣିପାରିବେ। ତେବେ ଜାଣନ୍ତୁ ଝିଅଙ୍କ ଖାଦ୍ୟରୁଚି ଶୈଳୀରୁ ସେମାନଙ୍କ ଲଭ୍ ଲାଇଫ୍ ସମ୍ପର୍କିତ କିଛି ରହସ୍ୟପୂର୍ଣ୍ଣ କଥା।

**ଚକୋଲେଟ୍:** ସାଧାରଣତଃ ଝିଅମାନଙ୍କୁ ଚକୋଲେଟ୍ ପସନ୍ଦ ହୋଇଥାଏ। ତେବେ ଅଧିକ ଚକୋଲେଟ୍ ଖାଉଥିବା ଝିଅ ନରମ ସ୍ୱଭାବର ହୋଇଥାନ୍ତି। ସେମାନେ ମୁହାଁମୁହିଁ ସିଧା କଥା କହିଥାନ୍ତି।

**ଆଇସ୍‌କ୍ରିମ୍:** ଝିଅମାନଙ୍କୁ ଆଇସ୍‌କ୍ରିମ ଖାଇବା ବେଶି ପସନ୍ଦ ହୋଇଥାଏ । ତେବେ ଅଧିକାଂଶ ଝିଅଙ୍କୁ ଷ୍ଟ୍ରବେରୀ ଓ ଚକୋଲେଟ ଆଇସ୍‌କ୍ରିମ୍ ପସନ୍ଦ ଆସିଥାଏ। ସେମାନେ ସ୍ୱଭାବରେ ରୋମାଣ୍ଟିକ୍ ହେବା ସହ ଚଗଲୀ ଥାଆନ୍ତି।

ଆହୁରି ପଢନ୍ତୁ

**ମିଠା:** ମିଠା ପସନ୍ଦ କରୁଥିବା ଝିଅ ରାଗୀ ସ୍ୱଭାବର ହୋଇଥାନ୍ତି। ସେମାନେ ତାଙ୍କ ପାର୍ଟନରଙ୍କୁ ତାଙ୍କଠାରୁ ଅଲଗା ହେବାକୁ ଦିଅନ୍ତି ନାହିଁ।

**କଫି:** କଫି ପସନ୍ଦ କରୁଥିବା ଝିଅ ମଧ ରୋମାଣ୍ଟିକ ହୋଇଥାନ୍ତି। ଆତ୍ମନିର୍ଭରଶୀଳ ଓ କର୍ତ୍ତବ୍ୟନିଷ୍ଠା ଏମାନଙ୍କ ସ୍ୱଭାବରେ ସମ୍ପୂର୍ଣ୍ଣ ବାରି ହୋଇପଡେ। ଏମାନେ ପାର୍ଟନରଙ୍କ ବିଶ୍ୱାସୀ ହୋଇଥାନ୍ତି।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୩ ଜୁନ୍ ୨୦୨୩, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଉପାଧି...

ନବ ଭାରତରେ ଅପରିମେୟ ବା ଅଯୌକ୍ତିକ କଥାରେ ସମ୍ପୃକ୍ତ ରହିବା ନିମନ୍ତେ ପରିମେୟକରଣ ବା ଯୌକ୍ତିକତାକୁ ଏକ ସାହାରା ଭାବରେ ଗ୍ରହଣ କରାଯାଉଥିବା ମନେ ହୋଇଥାଏ। ବିଜ୍ଞାନ ଓ ସାହିତ୍ୟରେ ସଫଳତା ନିମନ୍ତେ ଲାଭ କରାଯାଇଥିବା ଅସଂଖ୍ୟ ପୁରସ୍କାର ବା ଉପାଧିଗୁଡ଼ିକୁ ବାତିଲ କରାଯିବା ବ୍ୟତୀତ 'ଯୁକ୍ତିବାଦୀ' ଆଭିମୁଖ୍ୟ,ମନେହୁଏ, ବିଦ୍ୟାଳୟ ସ୍ତରରେ ଶୈକ୍ଷିକ ସୌଧର ଏକ ପୁନଃସଂରଚନା ଆରମ୍ଭ କରିବା ପାଇଁ ନିଯୋଗ କରାଯାଉଛି। ଏପରି କହିବାର କାରଣ, ଜାତୀୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଯାହା ବର୍ତ୍ତମାନ ସୁଦ୍ଧା ଜବାହାରଲାଲ ନେହରୁଙ୍କ ସମ୍ପର୍କରେ ବର୍ଣ୍ଣିତ କିଛି ଉପାଦେୟ କଥା ଏବଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ହତ୍ୟା ପାଇଁ ଦାୟୀ ଗୋଷ୍ଠୀଙ୍କ ଉପରେ ପାଠ୍ୟପୁସ୍ତକରେ ରହିଥିବା ଅଧ୍ୟାୟଗୁଡ଼ିକୁ ବାଦ୍ ଦେବା ବା କାଣ୍ଟଛାଣ୍ଟ କରିବାର ପକ୍ଷପାତିତା ନିମନ୍ତେ ଅଭିଯୋଗକୁ ସାମନା କରୁଛି, ତାହା ସମ୍ପ୍ରତି ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଅନୁମୋଦିତ ପାଠ୍ୟପୁସ୍ତକରୁ ଡାରୱିନ୍‌ଙ୍କ ବିବର୍ତ୍ତନବାଦ ତତ୍ତ୍ୱ, ପିରିୟଡିକ୍ ସାରଣୀ ବା ମୌଳିକ ଉପାଦାନଗୁଡ଼ିକର ପର୍ଯ୍ୟାୟକ୍ରମିକ ବର୍ଗୀକରଣ ସାରଣୀ, ଏବଂ ଗଣତନ୍ତ୍ରର କାର୍ଯ୍ୟ ସମ୍ପର୍କିତ ବିଷୟବସ୍ତୁଗୁଡ଼ିକୁ ବାଦ୍ ଦେବାକୁ ନେଇ ତୀବ୍ର ସମାଲୋଚନାର ଶିକାର ହୋଇଛି। ଏନ୍‌ସିଆଇଆରଟି ଅବଶ୍ୟ ତୁରନ୍ତ ଏହାର ପ୍ରତିକ୍ରିୟା ରଖିଛି: ଛାତ୍ରଛାତ୍ରୀଙ୍କ ପାଠପଢ଼ାର ବୋଝକୁ କମାଇବା ପାଇଁ 'ପରିମେୟକରଣ ବା ଯୌକ୍ତିକତା'କୁ ଏକ ନିୟମିତ କାର୍ଯ୍ୟ, ଗୋଟିଏ ପରେ ଗୋଟିଏ ଶ୍ରେଣୀରେ ବିଷୟବସ୍ତୁ ଗୁଡ଼ିକର ଅଧିକ ବିସ୍ତାରିତ ହେବାରୁ ରୋକିବା, ଏବଂ ସମୟର ଆବଶ୍ୟକତା ଅନୁସାରେ ପାଠ୍ୟ ଖସଡ଼ାକୁ ଆଧୁନିକୀକରଣ କରିବା ପାଇଁ ଏପରି କରାଯାଇଛି ବୋଲି ବର୍ଣ୍ଣନା କରିଛି। ପୁନଶ୍ଚ, ଏନ୍‌ସିଇଆର୍‌ଟି ଏହାକୁ ବିଶଦ୍ ଭାବରେ ବୁଝାଇ ଦେଇଛି: ଏହା ଯୁକ୍ତି ଦର୍ଶାଇଛି ଯେ ଯେଉଁ ଛାତ୍ରଛାତ୍ରୀମାନେ ଏସବୁ ବିଷୟବସ୍ତୁ ଉପରେ ଅଧିକ ଅଧ୍ୟୟନ କରିବାକୁ ଚାହିଁବେ, ସେମାନେ ନିଜେ ନିଜେ ଅନଲାଇନରେ ଏହାକୁ ପଢ଼ି ପାରିବେ, ବା ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀରେ ଏହି ବିଷୟଗୁଡ଼ିକୁ ପାଠ କରିବାପାଇଁ ଅତିରିକ୍ତ ବିଷୟବସ୍ତୁ ଭାବରେ ବାଛି ପାରିବେ। ତେବେ ଏନ୍‌ସିଇଆରଟିର ଏପରି ନିଷ୍ପତ୍ତି ବୈଜ୍ଞାନିକ ଏବଂ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ସେମାନଙ୍କର ଏପରି ପ୍ରତିକ୍ରିୟା ପ୍ରକାଶ କରିବା ପଛରେ ମଧ୍ୟ କାରଣ ରହିଛି। ଛାତ୍ରଛାତ୍ରୀମାନେ, ବିଶେଷକରି ଯେଉଁମାନେ ଦଶମ ଶ୍ରେଣୀ ପରେ କଳା ବା ବାଣିଜ୍ୟ ବିଭାଗରେ ନାମ ଲେଖାଇବେ, ସେମାନେ ଯେ ଏସବୁ ବିଷୟକୁ ପାଠ କରିବା ପାଇଁ ଆଗ୍ରହ ପ୍ରଦର୍ଶନ କରିବେ ବା ସମୟ ପାଇବେ, ଏପରି ଭାବିବା ଯଥାର୍ଥ ନୁହେଁ। ଏହା ମଧ୍ୟ ପିଲାଳିଆମି କଥା। ବୈଜ୍ଞାନିକ ସିଦ୍ଧାନ୍ତଗୁଡ଼ିକ ସମ୍ପର୍କରେ ଜାଣିବାକୁ କାହିଁକି ଛାତ୍ରଛାତ୍ରୀମାନଙ୍କ ଉପରେ ଛାଡ଼ି ଦିଆଯିବ; ଏହା ଜଣାଇବାର ଭାର କାହିଁକି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଉପରେ ନ୍ୟସ୍ତ କରାନଯିବ ? ଆଉ ଏଇଠି ହିଁ ରହିଛି ଅସଲ ଖଳତା। ଅଦ୍ୟାବଧି ଯେଭଳି ଦେଖାଯାଇ ଆସିଛି ଯେ ଅନୁସନ୍ଧିତ୍ସାର ବୈଜ୍ଞାନିକ ମନୋଭାବ ଏବଂ ଇଚ୍ଛା ସତ୍ତାବାଦୀ ଶାସନ କଳଗୁଡ଼ିକଙ୍କ ଦ୍ୱାରା ସବୁବେଳେ ପଦ ଦଳିତ କରି ରଖାଯାଇଥାଏ, ତାହା ବର୍ତ୍ତମାନ ସମୟରେ ବଜାୟ ରହିଛି ଏବଂ ଏହା ନିରନ୍ତର ଭାବରେ ହୋଇ ଚାଲିଛି। ବସ୍ତୁତଃ, ସୂକ୍ଷ୍ମ ଭାବରେ ଯାଂଚ କରି ଦେଖିଲେ ଜାଣିହେବ ଯେ ବିଜ୍ଞାନ ଏବଂ ଗଣତନ୍ତ୍ର ପରସ୍ପର ସହିତ ସମ୍ପର୍କିତ ବିଷୟବସ୍ତୁ। ବିଜ୍ଞାନ ପିଲାମାନଙ୍କୁ ଶିକ୍ଷା ଦେଇଥାଏ ଗଭୀର ଭାବରେ ଯେ କୌଣସି ବିଷୟରେ ଚିନ୍ତା କରିବାକୁ, ପ୍ରଶ୍ନ ପଚାରିବାକୁ, ଏବଂ ପ୍ରମାଣ ଉପସ୍ଥାପନ ସମ୍ପର୍କରେ ଦାବି କରିବାକୁ। ଗଣତାନ୍ତ୍ରିକ ପ୍ରକଳ୍ପ ପାଇଁ ମଧ୍ୟ ଏସବୁଯାକ ଗୁଣ ମୌଳିକ ବା କେନ୍ଦ୍ରୀୟ ବୈଶିଷ୍ଟ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ପୁଣି ଧର୍ମାନ୍ଧତା ଓ ଅଯୌକ୍ତିକତା ଉପରେ ଆଧାର କରିଥିବା ବା ଏହାକୁ ପ୍ରୋତ୍ସାହନ ଦେଉଥିବା ରାଜନୀତିକ ପ୍ରକଳ୍ପଗୁଡ଼ିକ ପାଇଁ ମଧ୍ୟ ଏଥିରୁ ପ୍ରତ୍ୟେକଟି ବିରୋଧାତ୍ମକ ହୋଇଥାଏ। ସମ୍ଭବତଃ ସାମ୍ପ୍ରତିକ ସମୟରେ ଭାରତର ବିଜ୍ଞଗଣ ଯାହା ଇଚ୍ଛା କରୁଛନ୍ତି, ତାହା ହେଉଛି ନିଷ୍କ୍ରିୟତା, ଯାହା ଏଭଳି ଏକ ବଛା ଯାଇଥିବା ଶିକ୍ଷାର ପରିଣତି ହେବ। ଇତିହାସରେ ପ୍ରମାଣ ରହିଛି ଯେ ଶାନ୍ତ ରହୁଥିବା ଅର୍ଥାତ କୌଣସି କଥାରେ ପ୍ରତିବାଦ କରୁନଥିବା କି କୌଣସି ପ୍ରସଙ୍ଗକୁ ଗୁରୁତର ଭାବରେ ଚିନ୍ତା କରୁନଥିବା ମସ୍ତିଷ୍କଗୁଡ଼ିକ ରାଜନୀତିକ ଶାସନ କଳକୁ ସ୍ୱଚ୍ଛନ୍ଦରେ ଦୀର୍ଘ କାଳ ପର୍ଯ୍ୟନ୍ତ ଶାସନ କରିବାରେ ସହାୟତା ପ୍ରଦାନ କରିଥାଏ। ଦେଶର ସମ୍ପ୍ରତି କାର୍ଯ୍ୟକାରୀ ହେଉଥିବା ନୂଆ ଜାତୀୟ ଶିକ୍ଷା ନୀତି ୨୦୨୦ 'ସୃଜନଶୀଳ ମାନସିକ ଅବସ୍ଥା ସହିତ ଅନୁଭୂତିମୂଳକ ଶିକ୍ଷଣ' ଉପରେ ପ୍ରାଥମିକତା ପ୍ରଦାନ କରିଛି। ପରନ୍ତୁ, ବିରୋଧାଭାସର କଥା ହେଉଛି, ଏହି ଶିକ୍ଷା ନୀତିର ପୃଷ୍ଠପୋଷକ କେନ୍ଦ୍ର ସରକାର ସୃଜନଶୀଳ ମନମାନଙ୍କ ଉପରେ ପ୍ରତିବନ୍ଧକ ଲଗାଇବାକୁ ଆଗ୍ରହ ପ୍ରଦର୍ଶନ କରୁଛନ୍ତି। କହିବା ବାହୁଲ୍ୟ, ପର୍ଯ୍ୟାୟକ୍ରମିକ ଭାବରେ ଏକ କାର୍ଯ୍ୟସୂଚ-ପରିଚାଳିତ ଏନ୍‌ସିଇଆଟି ଏବଂ ସରକାରଙ୍କର ପକ୍ଷରୁ ଯେତେ ସଫେଇ ଦିଆଗଲେ ସୁଦ୍ଧା ତା' ପରେ ବି ଏହାଦ୍ୱାରା ଯେ ଏକ ନିବେଦନକାରୀ, ଅଣ-ଅସନ୍ତୋଷ ବ୍ୟକ୍ତକାରୀ ଜନସଂଖ୍ୟା ସୃଷ୍ଟି କରିବାର କାର୍ଯ୍ୟସୂଚୀ ଜଳଜଳ ହୋଇ ଦେଖାଯାଉଛି, ତାହା ଯେ କେହି ଚିନ୍ତା କଲେ ଜାଣିପାରିବେ। ଯୁକ୍ତରାଜ୍ୟରେ ଜଣେ ଫରେନସିକ୍ ନୃତତ୍ତ୍ୱ ବିଶେଷଜ୍ଞ ଭାବରେ କାର୍ଯ୍ୟ କରୁଥିବା ଡକ୍ଟର ନମ୍ରତା ଦତ୍ତ ଏନ୍‌ସିଇଆର୍‌ଟିର ଏଭଳି ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ 'ବିଶେଷଜ୍ଞମାନେ ଏଥିରେ ସ୍ତମ୍ଭୀଭୂତ ହୋଇଯାଇଛନ୍ତି, ଏବଂ ସେମାନଙ୍କ ମଧ୍ୟରୁ ଚାରି ହଜାର ପାଂଚ ଶହରୁ ଅଧିକ ସଂଖ୍ୟକ ବିଶେଷଜ୍ଞ ବିବର୍ତ୍ତନବାଦ ଉପରେ କର୍ତ୍ତିତ ବିଷୟବସ୍ତୁକୁ ପୁନର୍ବାର ପାଠ୍ୟ ଖସଡ଼ାର ଅନ୍ତର୍ଭୁକ୍ତ କରିବାପାଇଁ ପ୍ରଦାନ କରିଥିବା ନିବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି।

# ମା' ଭଦ୍ରକାଳୀଙ୍କ ମନ୍ଦିରର ଇତିହାସ

## ସ୍ମୃତିରେଖା ମହାନ୍ତି

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନ୍ଦିରର ପୌରାଣିକ ତଥ୍ୟ: "ମା' ଭଦ୍ରକାଳୀ ତାପସ ଋଷିଙ୍କ ଆରାଧ୍ୟ ଦେବୀ।" ବୈଦିକ ଯୁଗରେ ଦେବୀ ମେଘାସନ ପର୍ବତର ଗୁମ୍ଫାରେ ... ହେଉଥିଲେ।ଋଷିଙ୍କ ଦେହାବମାନ ପରେ ତାଙ୍କର ପ୍ରିୟ ଶିଷ୍ୟ ଉଦ୍ରନାଥ ଶୂନ୍ୟବାଣୀ ଅନୁଯାୟୀ ଗୁରୁଙ୍କ ଶବକୁ ମେଘାସନ ତନୟା ସାଳନ୍ଦୀ ନଦୀରେ ଭସାଇ ଚାଲିଲେ ଆଗକୁ ଆଗକୁ। ପଛରେ ଦେବୀଙ୍କ ପାଦର ରୁଣୁଝୁଣୁ ଶବ୍ଦ। ଦେବୀ ଉଦ୍ରନାଥଙ୍କ ପଛରେ ଅନେକ ଦୂର ଅତିକ୍ରମ କଲାପରେ ବାଲୁକା ଶଯ୍ୟାରେ ନୁପୁର ଧ୍ୱନି ବନ୍ଦ ହୋଇଗଲା। ଉଦ୍ରନାଥ ସନ୍ଦେହରେ ଫେରି ଚାହିଁଲେ ପଛକୁ। ସଚଳ ଦେବୀ ମୂର୍ତ୍ତି ଆକାଶବାଣୀ ଅନୁଯାୟୀ ପଥର ହୋଇଗଲେ। ସେ ସ୍ଥାନ ଭଦ୍ରକ ଚାନ୍ଦବାଲି ସଡ଼କ (ଛଡ଼ାକମହଲା)ର ଅନତି ଦୂରରେ। ତ୍ରେତୟାରେ ମହିରାବଣ ବଧ କରିଥିଲେ ଶ୍ରୀରାମଚନ୍ଦ୍ର ମା'ଙ୍କ ଆର୍ଶୀବାଦରେ। ଦ୍ୱାପରରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ପରାମର୍ଶରେ ଶ୍ରୀ ଅର୍ଜ୍ଜୁନ ଭଦ୍ରକାଳୀଙ୍କ ଆଶୀର୍ବାଦରେ ଅଶେଷ ଶକ୍ତିର ଅଧିକାରୀ ହୋଇ ଧର୍ମ ପ୍ରତିଷ୍ଠାରେ ସହାୟକ ହୋଇଥିଲେ। ମା' ଭଦ୍ରକାଳୀ ମନ୍ଦିର ଭଦ୍ରକର ପ୍ରସିଦ୍ଧ ମନ୍ଦିର ଅଟେ। ଭଦ୍ରକାଳୀ ମା' କାଳୀଙ୍କର ଶାନ୍ତ ସ୍ୱରୂପ ଅଟେ। ଏହି ରୂପରେ ମା' କାଳୀ ଶାନ୍ତ ରୁହନ୍ତି ଏବଂ ବର ପ୍ରଦାନ କରନ୍ତି।

ପୂଜା ପର୍ବାଣୀ: ଦୁର୍ଗାପୂଜାରେ ମା'ଙ୍କ ମନ୍ଦିରରେ ୯ ଦିନ ଧରି ଯଜ୍ଞ ଅନୁଷ୍ଠିତ ହୋଇଥାଏ। ସେହିପରି କାଳୀ ପୂଜାରେ ମା'ଙ୍କର ସ୍ୱତନ୍ତ୍ର ପୂଜା ନୀତି ଅନୁଷ୍ଠିତ ହୋଇଥାଏ। ଏହି କାଳୀପୂଜାରେ ମା'ଙ୍କର ସପ୍ତମାତୃକା ବେଶ ଅନୁଷ୍ଠିତ ହୋଇଥାଏ।

ମା'ଙ୍କ ପୀଠରେ ଅନୁଷ୍ଠିତ ହେଉଥିବା ସପ୍ତମାତୃକା ବେଶ୍ ସମୂହ:

୧.ବେଦମାତା ବେଶ: କାଳୀପୂଜା ସମୟରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ପ୍ରଥମ ଦିନର ବେଶ ହେଉଛି ବେଦମାତା ବେଶ। ବେଦମାତା ବେଶରେ ମା' ଭଦ୍ରକାଳୀ ପଦ୍ମ ଆସନରେ ବିରାଜମାନ କରିବା ସହ ହଂସ ବାହନ ସାଜିଥାନ୍ତି। ଏହି ବେଶରେ



ମା'ଙ୍କର ମୁଖମଣ୍ଡଳ ହଳଦିଆ ରଙ୍ଗ ହେବା ସହ ହଳଦିଆ ରଙ୍ଗର ପାଟବସ୍ତ୍ର ପରିଧାନ କରିଥାନ୍ତି ଏବଂ ସ୍ୱର୍ଣ୍ଣ-ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଦକ୍ଷିଣଣ ହସ୍ତରେ ଜପାମାଳୀ ଏବଂ ବାମ ହସ୍ତରେ ଶଙ୍ଖ ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି।

୨.ମହାକାଳୀ ବେଶ: ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିନର ବେଶ ହେଉଛି ମହାକାଳ ବେଶ। ମା' ଭଦ୍ରକାଳୀ ମହାକାଳୀ ବେଶରେ ନାଲି ପାଟବସ୍ତ୍ର ପରିଧାନ କରିବା ସହ ମା'ଙ୍କର ମୁଖମଣ୍ଡଳ ଶ୍ୟାମଳ ବର୍ଣ୍ଣ ହୋଇଥାଏ। ମୁକ୍ତ କେଶ, ରକ୍ତ ଜିହ୍ୱା ଏବଂ ହାତରେ ଖଡ୍‌ଗ ଓ ତ୍ରିଶୁଳ ଧାରଣ କରି ମୁଣ୍ଡମାଳରେ ମା' ସାଜିଥାନ୍ତି ଉଗ୍ରରୂପା।

୩. ରାଜରାଜେଶ୍ୱରୀ ବେଶ: ମହାଯଜ୍ଞର ତୃତୀୟ ଦିନରେ ମା' ଭଦ୍ରକାଳୀ ରାଜରାଜେଶ୍ୱରୀ ବେଶରେ ସୁସଜ୍ଜିତ ହୋଇଥାନ୍ତି। ଏହି ବେଶରେ ମା ସିଂହ ଓ ହସ୍ତୀ ବାହାନାରେ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଗୋଲାପି ପାଟବସ୍ତ୍ର ପରିଧାନ କରିଥାନ୍ତି। ଶଙ୍ଖ, ଚକ୍ର, ଗଦ, ପଦ୍ମ ସହିତ ଚତୁର୍ଦ୍ଧା ମୂର୍ତ୍ତିରେ ମା' ସୃଷ୍ଟିର ସମସ୍ତ ଶକ୍ତିର ଅଧିକାରିଣୀ ବୋଲି ସମଗ୍ର ଜଗତକୁ ବାର୍ତ୍ତା ଦେଇଥାନ୍ତି ।

୪. ସିଂହବାହିନୀ ବେଶ: ବିଶ୍ୱଶାନ୍ତି ମହାଯଜ୍ଞର ଚତୁର୍ଥ ଦିନରେ ବେଶ ହେଉଛି ସିଂହ ବାହିନୀ ବେଶ। ଏହି ସିଂହ ବାହିନୀ ବେଶରେ ସିଂହ ସାଜିଥାନ୍ତି ମା' ଭଦ୍ରକାଳୀଙ୍କର ବାହନ। ନାଲିପାଟବସ୍ତ୍ର ପରିଧାନ କରି ସ୍ୱର୍ଣ୍ଣ, ରୌପ୍ୟ, ଅଳଙ୍କାରରେ ଭୂଷିତ ହୋଇ ଚାରିହାତରେ ଖଡ୍‌ଗ, ତ୍ରିଶୂଳ, ଶଙ୍ଖ, ଚନ୍ଦ୍ର ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ପ୍ରକଟିତ ହୋଇଥାନ୍ତି ମା' ଭଦ୍ରକାଳୀ।

୫. ଜଗଦ୍ଧାତ୍ରୀ ବେଶ: ସପ୍ତମାତୃକା ବେଶର ପଂଚମ ଦିନର ବେଶ ହେଉଛି ଜଗଦ୍ଧାତ୍ରୀ ବେଶ। ଏହି ବେଶରେ ବାଘ ବାହନ ସାଜିଥିବା ବେଳେ ମା' ଭଦ୍ରକାଳୀଙ୍କର ମୁଖମଣ୍ଡଳ କୃଷ୍ଣ ବର୍ଣ୍ଣ ହୋଇଥାଏ। ମା' ନାଲି ପାଟ ବସ୍ତ୍ର ପରିଧାନ କରିଥିବାବେଳେ ସ୍ୱର୍ଣ୍ଣ-ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇଥାନ୍ତି। ହସ୍ତରେ ଖଡ଼୍‌ଗ୍, ଗଦା, ଶଙ୍ଖ, ଚକ୍ର ଧାରଣ କରି ଚତୁର୍ଦ୍ଧା ମୂର୍ତ୍ତିରେ ପ୍ରକଟ ହୋଇଥାନ୍ତି।

୬. ମହା ସରସ୍ୱତୀ ବେଶ: ସପ୍ତମାତୃକା ବେଶରେ ଷଷ୍ଠ ଦିନରେ ବେଶ ହେଉଛି ମହାସରସ୍ୱତୀ ବେଶ। ଏହି ବେଶରେ ହଂସ ମା' ଭଦ୍ରକାଳୀଙ୍କର ବାହନ ହୋଇଥିବାବେଳେ ମୁଖମଣ୍ଡଳ ଶ୍ୱେତବର୍ଣ୍ଣ ହୋଇଥାଏ। ମା' ଭଦ୍ରକାଳୀ ଶ୍ୱେତବସ୍ତ୍ର ପରିଧାନ କରିବା ସହ ପଦ୍ମାସନରେ ବିରାଜମାନ କରିଥାନ୍ତି। ଏହି ବେଶରେ ମା' ଭଦ୍ରକାଳୀ ହସ୍ତଯୁଗଳରେ ବୀଣା, ତୃତୀୟ ଓ ଚତୁର୍ଥ ହସ୍ତରେ ଜପାମାଳି ଏବଂ ପୁସ୍ତକ ଧାରଣ କରିଥାନ୍ତି। ସ୍ୱର୍ଣ୍ଣ ଏବଂ ରୌପ୍ୟ ଅଳଙ୍କାରରେ ଭୂଷିତ ହୋଇ ଚତୁର୍ଦ୍ଧା ମୂର୍ତ୍ତିରେ ପ୍ରକଟ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେଇଥାନ୍ତି।

୭. ମହାଲକ୍ଷ୍ମୀ ବେଶ: ମା' ଭଦ୍ରକାଳୀଙ୍କର ସପ୍ତମାତୃକା ବେଶ ମଧ୍ୟରେ ମହାଲକ୍ଷ୍ମୀ ବେଶ ହେଉଛି ଅନ୍ତିମ ବା ସପ୍ତମ ବେଶ। ମହାଲକ୍ଷ୍ମୀ ବେଶରେ ମା' ଭଦ୍ରକାଳୀ ହଳଦିଆ ବସ୍ତ୍ର ପରିଧାନ କରିବା ସହ ମା'ଙ୍କର ମୁଖମଣ୍ଡଳ ହଳଦିଆ ବର୍ଣ୍ଣ ହୋଇଥାଏ। ପଦ୍ମାସନରେ ମା' ଭଦ୍ରକାଳୀ ବିରାଜମାନ କରିଥିବାବେଳେ ହସ୍ତୀ ଓ ପେଚା ତାଙ୍କର ବାହନ ସାଜିଥାନ୍ତି। ସ୍ୱର୍ଣ୍ଣ-ରୌପ୍ୟ ଅଳଙ୍କାରରେ ସଜ୍ଜିତ ହୋଇ ମା' ଭଦ୍ରକାଳୀ ଚାରିହସ୍ତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥାନ୍ତି।

ମା' ଭଦ୍ରକାଳୀଙ୍କର ପ୍ରିୟ, ଫୁଲ, ପଦ୍ମ ଫୁଲ, ଜାଭା, ରକ୍ତ ଜାଭା ଅତ୍ୟନ୍ତ ପ୍ରିୟ ଅଟେ। ଏହି ମନ୍ଦିର ପ୍ରତ୍ୟେକ ଦିନ ସକାଳ ୬.୩୦ରୁ ୧ଟା ପର୍ଯ୍ୟନ୍ତ ଏବଂ ପୁନର୍ବାର ଅପରାହ୍ନ ୩ଟାରୁ ୯.୩୦ ପର୍ଯ୍ୟନ୍ତ ଖୋଲା ରହିଥାଏ। ଦେବୀ ଭଦ୍ରକାଳୀଙ୍କର ମୁଖ୍ୟ ନୈବେଦ୍ୟ ହେଉଛି କୋରାଖଇ, ଲଡ୍ଡୁ, ଅତ୍ୟଧିକ ମିଠାର ଗାଢ଼ ପାୟସମ୍ ଏବଂ ନାଲି ରଙ୍ଗର ମିଠା ବ୍ୟବହାର କରି ତିଆରି ହୋଇଥିବା କ୍ଷୀରି ମା'ଙ୍କର ଅତ୍ୟନ୍ତ ପ୍ରିୟ ଅଟେ। ମା' ଭଦ୍ରକାଳୀଙ୍କ ପାଖରେ ଅନ୍ନ ମଧ୍ୟ ଭୋଗ କରାଯାଇଥାଏ। ଦୀକ୍ଷିତ୍ ବଂଶର ବ୍ରାହ୍ମଣମାନେ ମା' ଭଦ୍ରକାଳୀଙ୍କର ସେବା କରିବାପାଇଁ ନିୟୋଜିତ ହୋଇଥିଲେ। କାଳୀପୂଜାରେ ମା' ଭଦ୍ରକାଳୀଙ୍କ ମନ୍ଦିରରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥାଏ। ଚୈତ୍ର ପୂର୍ଣ୍ଣିମାରେ ମଧ୍ୟ ଏହି ମନ୍ଦିରରେ ଯଜ୍ଞ ହୋଇଥାଏ।

ଶେଷକଥା: ସୁଖୀ ଏବଂ ସମୃଦ୍ଧି ଜୀବନ ଯାପନ କରିବାପାଇଁ ଗ୍ରାମବାସୀ ମା'ଙ୍କ ପାଦତଳେ ଆଶ୍ରୟ ନେଇଛନ୍ତି। ସେ ସାରଳା, ପାଟନେଶ୍ୱରୀ, ମହାମାୟୀ, ଜାଗୁଳାଇ, ବାଟ ମଙ୍ଗଳା, ବାସୁଳେଇ, ସୁରେଶ୍ୱରୀ, ମାଣିକେଶ୍ୱରୀ, ବିରଜା କିମ୍ବା ଭଦ୍ରକାଳୀ ହୋଇପାରନ୍ତି। ବିଭିନ୍ନ ରୂପରେ ମାତା ଦେବୀଙ୍କର ଅବତାର। ସମସ୍ତ ପିଲା ମା'ଙ୍କ ଆଗରେ ସମାନ। ତାର ପିଲାମାନେ ତାଙ୍କ ପ୍ରେମ, ସ୍ନେହ ଏବଂ କରୁଣାର ବସ୍ତୁ ଅଟନ୍ତି। ତା'ର ପିଲାମାନେ ତାଙ୍କ ପ୍ରେମ, ସ୍ନେହ ଏବଂ କରୁଣାର ବସ୍ତୁ ଅଟନ୍ତି। ସେ ଜାତି, ଧର୍ମ କିମ୍ବା ବର୍ଣ୍ଣର ବାହାରେ। ସେ ହେଉଛନ୍ତି 'ଆଦ୍ୟାଶକ୍ତି ଚଣ୍ଡୀ'। ତାଙ୍କ ଆସନ ହେଉଛି ସମସ୍ତ ଧାର୍ମିକଙ୍କର ତରଳିବାର ସ୍ଥାନ। ସେ ସର୍ବଭାରତୀୟ ମାତା। ମାତା ଭଦ୍ରକାଳୀ ମାନବ ଜାତିର ସାଧାରଣ କଲ୍ୟାଣ ଏବଂ ଦୟା ପାଇଁ ତାଙ୍କର ସମସ୍ତ ଆଶୀର୍ବାଦ ଦିଅନ୍ତୁ। (ସମାପ୍ତ)

+ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ, ଉତ୍ତରାବଳିନୀ, ଭଦ୍ରକ

# ବାହାନଗା ରେଳ ଦୁର୍ଘଟଣା ସମ୍ପର୍କରେ

## ଅନୀତା ପଟ୍ଟନାୟକ

ରାଜନୀତି ବିଜ୍ଞାନର ଶିକ୍ଷକ ସେଦିନ ପାଠ ନପଢ଼ାଇ ୨ଜୁନ ୨୦୨୩ରେ ହୋଇଥିବା ଭୟାବହ ରେଳ ଦୁର୍ଘଟଣାରେ ରେଳମନ୍ତ୍ରୀଙ୍କର ଇସ୍ତଫା ଦାବି କରିବା ଯଥାର୍ଥ ହେବନା ନାହିଁ ସେ ବିଷୟରେ ଆଲୋଚନା କରିବା ପାଇଁ ଛାତ୍ର ମାନଙ୍କୁ କହିଲେ। ପ୍ରଥମେ ଏକ ଛାତ୍ର ପ୍ରଚଣ୍ଡର ପାଳି ପଡ଼ିଲା। ସେ ତାର ବକ୍ତବ୍ୟ ରଖି କହିଲା ରେଳ ଦୁର୍ଘଟଣା ସମୟରେ କଣ ଘଟେ ତାହା ପ୍ରଥମେ ଆମେ ଜାଣିବା ଦରକାର।

ମୁଣ୍ଡ ଓ ଶରୀରରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇ ଲୋକମାନେ କୋମା ଅବସ୍ଥାକୁ ଚାଲି ଯାଆନ୍ତି। ସେମାନେ ମରି ନଥାନ୍ତି। ରାତି ଅଧରେ କୌଣସି ଡାକ୍ତର ନଥିଲେ କାହାକୁ ମୃତଘୋଷଣା କରିବା ପାଇଁ ଦୂରଦର୍ଶନରେ ଓ ବିଭିନ୍ନ ସମ୍ବାଦ ସରବରାହରେ ଏଡା ଦେଖାଯାଉଥିଲା। ସେଠାରେ ସାହାଯ୍ୟ କରୁଥିବା ସ୍ଥାନୀୟ ଯୁବକମାନେ ଅଚେତ ହୋଇ ପଡ଼ିଥିବା ବ୍ୟକ୍ତି ମାନଙ୍କୁ ମୃତ ଭାବି ଗାଡ଼ିରେ ଲଦି ଦେଉଥିଲେ ଏବଂ ସେମାନଙ୍କୁ ବାହାନଗା ସ୍କୁଲକୁ ନିଆଯାଉଥିଲା। ମୃତବ୍ୟକ୍ତି ବୋଲି ଧାରଣା କରି ରେଳ ଧାରଣାରେ ଶହ ଶହ ଶବକୁ ଜରିରେ ବାନ୍ଧି ରେଳ ଧାରଣାରେ ଥୋଇଥିବା ଦୃଶ୍ୟକୁ ମୁଁ ଦେଖିଛି।

ଦ୍ୱିତୀୟରେ ରେଳଡ଼ବାରେ ଥିବା ଲୋକ ମାନଙ୍କର ଛାତିରେ ମାଡ଼ ହୋଇ ପଞ୍ଜରାହାଡ଼ ଭାଙ୍ଗି ଯାଇଥାଏ ଓ ସେମାନେ ବେହୋସ ହୋଇଯାଇଥାନ୍ତି। ରାତି ଅଧରେ ସେମାନେ ଜୀବିତ ବା ମୃତ ଦେଖିବା ପାଇଁ କେହି ନଥିଲେ। ତୃତୀୟରେ ପେଟରେ ଥିବା ଯକୃତ, ଅନ୍ତନଳୀ, ଲିଭର ପ୍ରଭୃତି ଶକ୍ତ ଜିନିଷର ଆଘାତରେ ଆସି ପ୍ରଚୁର ରକ୍ତସ୍ରାବ ହୋଇଥାଏ। ସେ ସମୟରେ ଅନେକ ଲୋକ ବେହୋସ ହୋଇ ଯାଆନ୍ତି ଓ ମରିଯାଆନ୍ତି। ରାତି ଅଧରେ କିଏ ଜୀବିତ ଓ ମୃତ ଚିହ୍ନଟ କରିବାର କୌଣସି ବ୍ୟବସ୍ଥା ନଥିଲା। ଡାକ୍ତରୀ ସେବା ଓ ରକ୍ତ ପ୍ରଦାନର କୌଣସି ସେବା ରେଳ ଧାରଣାରେ ନଥିଲା। ପରବର୍ତ୍ତୀ ସମୟରେ ଅନେକଙ୍କୁ ଜୀବିତ ଅବସ୍ଥାରେ ଶବ ଗୃହରୁ ଉଦ୍ଧାର କରାଗଲା। ଚତୁର୍ଥରେ ହାଡ଼ଗୋଡ଼ କଟି ଯାଇଥିବା ଲୋକମାନେ ପ୍ରଚୁର ରକ୍ତସ୍ରାବ ହେତୁ କେତେକ ମୃତ୍ୟୁବରଣ କରିଥାନ୍ତି ଓ କେତେକ ବେହୋସ ହୋଇଯାଇଥାନ୍ତି। ରାତିରେ ସେମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିଲା। ପଞ୍ଚମରେ ଆହତ ମୃତଶିଶୁ ମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନଥିଲା। ଷଷ୍ଠରେ ଆହତ ବ୍ୟକ୍ତି ମାନଙ୍କର ଆସବାବପତ୍ର ସୁରକ୍ଷାର କୌଣସି ବ୍ୟବସ୍ଥା ନଥିଲା। ତେଣୁ ମୋ ମତରେ ଏପରି ସ୍ଥଳେ ମନ୍ତ୍ରୀ ଉପଯୁକ୍ତ ବ୍ୟବସ୍ଥା କରିନଥିବାରୁ ଓ ଦୁର୍ଘଟଣା ସମ୍ପର୍କରେ ପୂର୍ବାନୁମାନ ନଥିବାରୁ ସେ ନୈତିକତା ଦୃଷ୍ଟିକୋଣରୁ ଇସ୍ତଫା ଦେବାକୁ ବାଧ୍ୟ।

ସୂର୍ଯ୍ୟ ନାମକ ଏକ ଛାତ୍ରକୁ ଏ ବିଷୟରେ କହିବା ପାଇଁ ଏଥର ଅନୁମତି ମିଳିଲା। ଛାତ୍ରଟି କହିଲା ମୋର ଘର କୋଣାର୍କ। ସୂର୍ଯ୍ୟ ଉପାସନାର ଶାସ୍ତ୍ରମୋଦିତ ୧୦୦୮ ନାମ ସକାଳୁ କୋଣାର୍କରେ ପଣ୍ଡିତମାନେ ସୂର୍ଯ୍ୟ ଉଦୟର ସମୟରେ ପାଠ କରିଥାନ୍ତି। ଏହା ସମାଜର ମଙ୍ଗଳ ପାଇଁ କରାଯାଏ। କିନ୍ତୁ ଏ କଣ! ସଞ୍ଜ ହେଉ ହେଉ ସମଗ୍ର ଭାରତର ଶରୀର ଖଣ୍ଡ ବିଖଣ୍ଡିତ ହୋଇ ପ୍ରଚୁର ରକ୍ତସ୍ରାବ ହେଉଥିବା କଥା ମୁଁ ଶୁଣିଲି। ସମସ୍ତ ସମ୍ବାଦ ସରବରାହ ଓ ଦୂରଦର୍ଶନରେ ସେ ଲୌହଦାନବର କଷଣ ସଂକ୍ରାନ୍ତରେ ଆଲୋଚନା ହେଉଥାଏ। ଏଥିପାଇଁ କିଏ ଦାୟୀର ନୈତିକତା ଅଛିନା ନାହିଁ? ନୈତିକତା ଦୃଷ୍ଟିକୋଣରୁ କେହି ଜଣେ ଉତ୍ତରଦାୟୀ ହୋଇ ଇସ୍ତଫା ଦେବା ଉଚିତ କି ନୁହେଁ? ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦେଶର ରାଜନେତା ଓ ଭାରତ ସରକାରଙ୍କର ମନ୍ତ୍ରୀ ମାନଙ୍କର ଭିଡ଼ ଲାଗିଥାଏ। ଦୁର୍ଘଟଣାର ସମସ୍ତ ଆହତଙ୍କୁ କିପରି ଉପଯୁକ୍ତ ଚିକିତ୍ସା ଯୋଗାଇଦିଆଯାଇପାରିବ ସେଥିପାଇଁ ସମସ୍ତେ ବ୍ୟସ୍ତ ଥାନ୍ତି। ମୃତ୍ୟୁ ସଂଖ୍ୟା ୨୭୫ ହୋଇଯାଇଥାଏ ଆହାତଙ୍କ ସଂଖ୍ୟା ୧୦୦୦ରୁ ଉର୍ଦ୍ଧ ହୋଇଯାଇଥାଏ। କ୍ରନ୍ଦନରେ ବାହାନଗା ରେଳଷ୍ଟେସନ ଭାଙ୍ଗି ପଡୁଥାଏ। ସବୁ ରାଜନେତାମାନେ ସେଠାରେ ଆବାସିକ ମାନଙ୍କର ଉଦ୍ୟମକୁ ପ୍ରଶଂସା କରୁଥାନ୍ତି। ମୋର ସୂର୍ଯ୍ୟ ଉପାସନାର ୧୦୦୮ ଶାସ୍ତ୍ର ଅନୁମୋଦିତ ନାମ ମଧ୍ୟରୁ ଯେଉଁ ଚାରଟି ଅର୍ଥ ବୋଧକ ତାହା ମନେପଡୁଥାଏ। ସେ ନାମ ଗୁଡ଼ିକ ହେଉଛି ତମଘ୍ନ (ବାହ୍ୟ ଓ ଆନ୍ତରୀକ ତମଗୁଣର ଧ୍ୱଂସକାରୀ), ହିମଘ୍ନ (ସଂଶୟର କୁହୁଡ଼ି ନାଶକାରୀ), ଶତ୍ରୁଘ୍ନ ଓ କୃତୟଘ୍ନ (ଶତ୍ରୁ ଓ କୃତଘ୍ନ ନାଶକାରୀ)।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)




## ପ୍ରଣୟ ପୀଠ

### ନିରଞ୍ଜନ ସାହୁ

ପ୍ରୀତି ନଦୀ ତୀରେ ପ୍ରଣୟ ପୀଠରେ
ପରିଣୟ ହୁଏ ଯେତେ
ସଂସାର ବନ୍ଧନେ ବାନ୍ଧି ହୋଇଥାନ୍ତି
ପ୍ରେମୀଗଣ କେତେକେତେ ।

ପ୍ରଜାପତିଙ୍କର ବିଧି ବ୍ୟବସ୍ଥାରେ
ଯାହାକୁ ଯେପରି ଯଥା
ଘଟସୂତ୍ର କାର୍ଯ୍ୟ ହୁଏ ସମ୍ପାଦନ
ଶୁଣାଯାଏ କେତେ କଥା
କା ' ସଂସାର ହସେ
କାହାର ଉଜୁଡେ
ହିସାବ କରେ କେ ' ଏତେ ?

କାହାକୁ କିଏ ସେ ଭାରି ଭଲଲାଗେ
ସେକଥା ତାହାକୁ ଜଣା
ଏତେ ଭଲପାଇ ଏତେ ଗୁଣ ଗାଇ
ତଥାପି ବି ବାଟବଣା
ସ୍ୱପ୍ନ ପାଲଟଇ ମରୁ ମରୀଚିକା
ଜୀବନ ନାଶଇ ସେତେ ।

ଯାହାର ସଂସାର ସ୍ୱପ୍ନର ସମ୍ଭାର
ଅଚିରେ ପୂରଣ ହୁଏ
ତାହାରି ଜୀବନେ ଖୁସି ଭରିଥାଏ
ରାତିରେ ଶାନ୍ତିରେ ଶୁଏ
ସବୁ ଜାଣିଶୁଣି ତରୁଣ ତରୁଣୀ
ଆସନ୍ତି ପ୍ରଣୟ କ୍ଷେତ୍ରେ ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ --- ୭୫୯୦୧୬
ମୋ :-- ୯୯୩୮୭୪୧୫୮୩

## ଶୀତ କର୍ଫ୍ୟୁ : ଖରା କର୍ଫ୍ୟୁ

### ଧ୍ରୁବ ଚରଣ ଘିବେଲା

ଶୀତ କର୍ଫ୍ୟୁ ସିନା ଲାଗେ
ଶୀତ ସଞ୍ଜଠୁ ପରଦିନ
ଶୀତ ସକାଳ ପର୍ଯ୍ୟନ୍ତ
ଶୀତକୁ ବେଶ ଛିନା ହୁଏ
ରାସ୍ତାଘାଟ
ଶୂନଶାନ ପାଲଟେ
ଗାଆଁ ଦାଣ୍ଡ
ତମାମ ଶୀତ କାଳେ
ଶୀତ କର୍ଫ୍ୟୁ ବେଳେ
ଶୋଇଯାନ୍ତି ଗାଆଁ ସହର
ଶୀତ ଚାଦର ଘୋଡ଼ି ହୋଇ
ପୁଣି ଶୀତ ସଞ୍ଜ ହେଉଣୁ
ଘରେ ଘରେ ପଡ଼ିଯାଏ
ଟାଟି କବାଟ ।
ଖରାଦିନର କର୍ଫ୍ୟୁ
ଲାଗେନି ରାତିକୁ
ଶୀତ କର୍ଫ୍ୟୁ ବେଳ
କାଳର ଠିକ ଓଲଟା
ଖରା କର୍ଫ୍ୟୁ ଲାଗିଯାଏ
ସୂର୍ଯ୍ୟୋଦୟଠୁ ସୂର୍ଯ୍ୟାସ୍ତ ଯାଏ ।
ଖରାଦିନେ ସୂର୍ଯ୍ୟ ଉଇଁବା ପରଠୁ
ଖରା ଦେହରେ ଲାଗିଯାଏ ନିଆଁ
ସକାଳ ପହରୁ
ସୂର୍ଯ୍ୟ ହସିଲେ ନିଆଁ ବର୍ଷେ
ନିଆଁ ଝୁଲ ଖସେ
ନିଆଁ ଧାସ ପ୍ରଭାବରେ
ସଭିଏଁ ଦିଶନ୍ତି ମଳିନ
ଦେଖାଯାନ୍ତି ନିସ୍ତେଜ
ମୁହଁରୁ ଲିଭିଯାଏ ହସ ସୁଖ
ସବୁରି ମୁହଁରେ ଶୁଷ୍କ ଶୁଷ୍କ ଭାବ।
ଦିନରେ ପାରଦ ପାରା ବଢ଼େ
କେବେ କେବେ ପାରଦ
ପଇଁଚାଳିଶ ଛୟାଳିଶ ଛୁଏଁ
ତା' ଉପରକୁ ବି ଚଢ଼େ
ଜନଜୀବନ ଅସ୍ତବ୍ୟସ୍ତ ହୁଏ
ରାସ୍ତାରେ ଚାଲିବା ଥମିଯାଏ
ବହୁଚକିଆ ଭାରୀ ଯାନ ବି
ଗଡ଼େନି
ଶ୍ରମିକ କରେନି କାମ
କାଁ ଭାଁ କାମଥିଲେ କିଏ ବା
ଯାଏ ବାହାରକୁ
ଘରୁ ଗୋଡ଼ କାଢ଼େ
ନ ହେଲେ ଛାତ ଛାଇ ତଳେ
ହାଇ ମାରେ ଓ
ପାଣି ପିଅ, ଛାଇ ତଳେ ରୁହ
ଖରା କରଫ୍ୟୁ ଜାରୀ ରହିଛି ବାହାରେ
ଖରାକୁ ବାହାରିଲେ ବିପଦ
ତେଣୁ ତରକି ରୁହ
ଖରା କର୍ଫ୍ୟୁ ନ ହଟିବା ଯାଏ
ସବୁଠୁ ଭଲ ତରକି ରହିବା
ସତର୍କ ରହିବା ଓ
ସମୟ ସୁଅରେ
ଟଳିଯିବ ନିଶ୍ଚେ
ଦୁଷ୍ଟ ଖରା କର୍ଫ୍ୟୁ
ଆଦ୍ୟ ଆଷାଢ଼ ପରଶେ
ଲଭିବେ ଶାନ୍ତି,ବର୍ଷା ଆଗମନେ ତୃପ୍ତି।

+ବଉଦରାଜ, ଜି. ବୌଦ୍ଧ
ମୋ.୯୪୩୭୪୭୮୪୬୬

## ଭୋକ

### ସୁଦର୍ଶନ ମହାପାତ୍ର

ଟ୍ରାଫିକ ଛକରେ ଅବା
ବସଷ୍ଟାଣ୍ଡ ଗହଳିରେ
ମା' କୋଳର ଝୁଲଣା ଭିତରୁ
ମାଟି ମିଟି ଚାହିଁଥାଏ - 'ଭୋକ'
ଦୁର୍ବିସହ ଲାଗେ ଜୀବନ
ହାହାକାର ନାଚିଉଠେ
ପେଟ ଚାଖଣ୍ଡରେ
ସତେ ଅବା ଖାଣ୍ଡବ ଧ୍ୱଂସିବ
ଅଗ୍ନିର ସ୍ଫୁଲିଙ୍ଗ ଛିଟିକାଏ - 'ଭୋକ'
କେବେ ପୁଣି ଭାଙ୍ଗେ ପ୍ରତିମୂର୍ତ୍ତି
ଡିଏଁ ତାରବାଡ
ଅବମାନନା କରେ ସମ୍ବିଧାନ
ଅମାନ୍ୟ କରେ
ଆଇନର କର୍ତ୍ତନ - 'ଭୋକ'
ଦେହ ଦେଉଳରେ
କେବେ ଖୋଦନ କରେ
କଳଙ୍କିତ ବିଗ୍ରହ
ଅଦୃଶ୍ୟ ନିହାଣ ମୁନରେ ଆଙ୍କୁଥାଏ
ବଦନାମର କ୍ଷତଚିହ୍ନ - 'ଭୋକ'
ଭୋକ ଯେତେ ପରିବ୍ୟାପ୍ତ
ସେତିକି ଅବ୍ୟକ୍ତ
କେବେ ଦେହ ସର୍ବସ୍ୱ ତ'
କେବେ ଦେହାତୀତ...!!

+କୁଞ୍ଜବିହାରୀ ଲେନ, କଟକ

## ସତ୍ୟ ସିଂ ବାଗ

### ଦୀପକ କୁମାର ନାଏକ

ମହା ଭାରତ ଯୁଦ୍ଧ
ରକ୍ତ ସପମ୍ପର୍କର କଳହ
ଦୁର୍ଯ୍ୟୋଧନ ମାନ ଅହଂକାରେ
ମାଟି ମାୟାରେ ହେଲା ମୁହ !

ମହା ବିଷାଦରେ ଶୋକ
ମହା ଗାଣ୍ଡିବଧାରୀ ଅର୍ଜୁନ
କଣ ଭଲ କଣ ଖରାପ
କି କର୍ତ୍ତବ୍ୟ ପଥର ଆଗମନ !

ହରିଙ୍କ ଶରଣା ଗତି ନେଇ
ଜମାନେନାହିଁ ଲାଭ ହାନି ର ମନ୍ତବ୍ୟ
ହରି ଇଚ୍ଛା ଭାବି ନିତ୍ୟ କରିଚାଲ
ନିଷ୍କାମ କର୍ମ କର୍ତ୍ତବ୍ୟ.......।

କୃଷ୍ଣ ମହା ପ୍ରଭୁ ଗୀତା
ଉପଦେଶେ ଅର୍ଜୁନଙ୍କୁ ଦେଲେ ଶିକ୍ଷା
ତୁ କର୍ତ୍ତା ହୁଅନା କେବଳ
ମଧ୍ୟମ ମାତ୍ର ଏହା ତୋ ସୁରକ୍ଷା !

କୋଟି କୋଟି ପୁଣ୍ୟ ଫଳେ
ଦୁର୍ଲଭ ଏ ମାନବ ଜୀବର ଜନମ
କର୍ତ୍ତବ୍ୟରୁ ଜମା ଭାଗନାହିଁ ପାର୍ଥ
କେବଳ ତୋହାତେ କର୍ମରଭିୟାମ !

ହରିଙ୍କ ଶରଣା ଗତି ନେଇ
ଜମା ନେନାହିଁ ଲାଭହାନି ମନ୍ତବ୍ୟ
ହରି ଇଚ୍ଛା ଭାବି ନିତ୍ୟ କରିଚାଲ
ନିଷ୍କାମ କର୍ମ କର୍ତ୍ତବ୍ୟ...........
ଆହାର ମିଥୁନ ନିଦ୍ରା ଖାଲି
ଏ ନୁହେଁ ତୋହରି ହିତ
ଏହି କାମତକ ପଶୁବି କରୁଛି
ଗୀତାପଢି ଶ୍ରେଷ୍ଠ କର୍ମେ ହୁଅ ରତ !
ନହେଲେ ଜମା ବୁଝି ପାରିବୁ ନାହିଁ
ତୋହରି କର୍ତ୍ତବ୍ୟ କଣ ?
ମିଛଟା ରେ କର୍ତ୍ତା ଭାବ ଧରଇ
ମାୟା ଖେଳରେ କରୁ ରମଣ !

ହରିଙ୍କ ଶରଣା ଗତି ନେଇ
ଜମା ନେନାହିଁ ଲାଭହାନିର ମନ୍ତବ୍ୟ
ହରି ଇଚ୍ଛା ଭାବି ନିତ୍ୟ କରିଚାଲ
ନିଷ୍କାମ କର୍ମ କର୍ତ୍ତବ୍ୟ.....।

+ତେରେସିଂହା, ରିଷିଡା,
କଳାହାଣ୍ଡି - ୭୬୬୦୩୧
ମୋ - ୬୩୫୩୩୭୪୫୦୯

# କବିତାମାଳା

## ବୋହିବାକୁ ଦିଅମତେ ଜଳୁଛି ମୋ ମୁହାଣ

### ଅଳକା ରାୟ



କ୍ଷୁଦ୍ର କ୍ଷୁଦ୍ର ବନ୍ଧ ବାନ୍ଧି କରନାହିଁ
ଖଣ୍ଡ ବିଖଣ୍ଡିତ ମୋ ଜଳକୁ
ବାଲୁକା ଗର୍ଭରେ ଲୀନ କରାଇ
କରନାହିଁ ହତଶ୍ରୀ ମୋ ଶ୍ରୋତକୁ
ଅଟକାଅ ନାହିଁ ଆଉ ମୋ
ଆଭିଜାତ୍ୟ ପୂର୍ଣ୍ଣ ମୋଡକୁ
ବୋହିବାକୁ ଦିଅ ମୋତେ
ଚାଷିଙ୍କ ଜୀବନ ଦୀପ ମୁଁ
ଆସନ୍ନ ପ୍ରସବା ରବିଫଳ
ଗଜଉଥିବା ଧାନ
ପ୍ରତିକ୍ଷାରେ ମୋର
ସିଞ୍ଚନ କରି ଜଳ
ଭରିଦେବି ଶିରା ପ୍ରଶିରାରେ
ନୂତନ ଉନ୍ମାଦମାନ।
ଅଟକାଅ ନାହିଁ
ବୋହିବାକୁ ଦିଅମତେ
ମେଣ୍ଟାଇବି ତୃଷିତର ତୃଷାର୍ତ୍ତ

ବନାନିର ପ୍ରାଣିଯେତେ
ଅପେକ୍ଷାରେ ମୋର ଆତୁର ଅଧିର ।

ଗିରି ବନାନୀ ଅତିକ୍ରମ କରି
ସମତଳ ଭୂମି ପ୍ଲାବିତ କରି
ତ୍ରିକୋଣ ଭୂମି ସୃଷ୍ଟି କରି
ନରଖି ନୀଜ ପାଇଁ କିଛି ଅବଶିଷ୍ଟ
ଅମାନିଆ ପରି ବୋହୁଥିଲି
ସାଗର ସଙ୍ଗମ ପାଇଁ
କାହିଁ ନ ଥିଲା ତ କିଛି ଅବଶୋଷ !
ହେଲେ ଆଜି ମୋ ଏନ୍ତୁଡିରେ ବାନ୍ଧି ବନ୍ଧ
ଉଚ୍ଛନ୍ନ କରି ମୋ ଶୈଶବ
ଶୁଖାଇ ମୋ ଉଚ୍ଛୁଳା ଯୌବନ
ବାଲୁକା ଶର୍ଯ୍ୟାରେ

ଜଳୁଛି ମୋ ମୁହାଣ।
ବିବାଦରେ ମୋ ଜଳ
ଭାଇ ଭଗାରି ବାଦରେ
ଗଭିର ହୁଏ ଦିନୁ ଦିନ ମୋ ମୋଡ଼ ।

କିଏ ଗଢ଼ି ଚାଲିଛି ବନ୍ଧ ପରେ ବନ୍ଧ
କରି ଖିନ୍ ଭିନ୍ନ ମାନବ ସଭ୍ୟତାର ବିକାଶ !
କିଏ ଭାଙ୍ଗି ଚାଲିଛି ଜୈବବିବିଧତା ଠାରୁ
ମାନବ ସଭ୍ୟତାର ମୂଳ ଜଡ !
କିଏ ଭାଙ୍ଗିରୁଜି ଖିନ୍ନ ଭିନ୍ନ କରିଚାଲିଛି
ମଣିଷ ଓ ପ୍ରକୃତି ମଧ୍ୟେ ଗଢ଼ି ଉଠୁଥିବା
ସମ୍ପର୍କର ପୋଲ !
ଅଟକାଇ ନାହିଁ ବୋହିବାକୁ ଦିଅମତେ
ସଜାଡ଼ି ଦେବି ଧାରେ ଲୁହରେ
ସବୁ ବିବାଦ
ଅଟକାଅ ନାହିଁ ବୋହିବାକୁ ଦିଅମତେ
ଅସିମ କର୍ତ୍ତବ୍ୟ ପଥେ ନାରି ସମ
ବିସର୍ଜି ଦେବି ସ୍ୱପ୍ନ ମାନ
ଧାରେ ଲୁହରେ
କର୍ତ୍ତବ୍ୟର କଷଣ ଦାୟରେ
ବୋହିବାକୁ ଦିଅ ମତେ ବୋହିବାକୁ ଦିଅ !

♥ନୟାପଲ୍ଲୀ, ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

## ସଂଧି

### ପ୍ର.ଗିରିଜା ଶଂକର ଶର୍ମା



ମନର ଆକାଶରେ ଅବିଶ୍ୱାସର ବାଦଲଟିଏ
କରିପାରେ ଅନେକ କିଛି ।
ବିଗାଡ଼ି ଦେଇପାରେ ଆଗାମୀ ଦିନର ସ୍ୱପ୍ନ
ଆଶାର କାନଭାସକୁ ରଂଜିତ କରିପାରେ
ରକ୍ତରେ
ଆମ ଭିତରେ ଥିବା ମଧୁର ଅନୁରାଗକୁ
ବିଦ୍ରୋହର ଧୂଆଁ ଧାସରେ ଜାଳି
ଦେଇପାରେ ।

କଦମ୍ବଟିଏ ଫୁଟିବା ବେଳେ
ମୁଁ ଜାଣିପାରିଥିଲି ତାର ଆୟୁଷକୁ ।
ମୁଁ ଜାଣିଥିଲି ବିଷାକ୍ତ ହାୱାର ପ୍ରବାହରେ
ଯେ ଶୁଖି ଯାଇପାରେ, ଝଡ଼ିଯାଇପାରେ
ଅକାରଣରେ
କଦମ୍ବ ଯେତିକି ପ୍ରୀତି ବାଣ୍ଟିପାରେ
ସେତିକି ଆସୂୟା ବି ସୃଷ୍ଟି କରିପାରେ ।

ତୁମେ ସିନା ଜାଣିଛ
ମରୁଭୂମିରେ ମରୁଦ୍ୟାନ ସୃଷ୍ଟି କରିବାର କଳା
ତୁମେ ଚାହିଁଲେ ଅସଂଭବକୁ
ସଂଭବ କରିପାର ।
ସଂଭାବନାର ଦ୍ୱାର ଖୋଲିପାର ।
ମୁଁ କିନ୍ତୁ କିଛି କରିପାରେନି ।
ପରାହତ ସୈନିକ ପରି, ଘାରିହୁଏ ନିଜ
ଅପାରଗ ପଣିଆରେ ।

ମୋ ସାମ୍ନାରେ ସିଧାସଳଖ ରାସ୍ତା ବି ନାହିଁ
ସବୁ ରାସ୍ତାର ଭୁଲ ଭୂଲେୟାରେ
ମୁଁ ବାଟବଣା ହୁଏ ।
ଯେଉଁଠୁ ବାହାରି ଥାଏ,
ସେଇଠି ପହଁଚେ ବାରଂବାର ।
ମୁଁ ଜାଣି ପାରେନା
ମୁଁ କଣ କରିବାକୁ ଚାହେଁ
କିନ୍ତୁ ଯାହାବି ଚାହୁଁଥାଏ,
ତା କେବେ ହୁଏନା

ଏବେ ଭାବୁଛି
ତୁମ ସହ ସଂଧି କରିନେବା ଭଲ ।
ଅବିଶ୍ୱାସକୁ ପୋଛା ପୋଛି କରି
ତା' ରାସ୍ତାରେ ଛାଡ଼ି ଦେବା ଭଲ ।
ସାରା ଜୀବନ ତ
ଗୋଟିଏ ପରେ ଗୋଟିଏ ସଂଧି
ତାକୁ ଛାଡ଼ିଦେଲେ ଜୀବନଟା
ଗୋଟେ ଯୁଦ୍ଧ ଭୂଇଁ ।
ଏଠି କେବଳ ମହାଭାରତ ଚାଲିଥାଏ
ଶାନ୍ତି କାହିଁ, ଶାନ୍ତି କାହିଁ ।

♥ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ:୯୪୩୭୦୮୮୬୦୨

## ଦୁର୍ଘଟଣାପର ଚାରୋଟି ଦୃଶ୍ୟ

### ସୁରଞ୍ଜନ ପାତ୍ର



॥ ଏକ ॥

ଉଠିଲାଣି ଜହ୍ନ ଉଉର କ୍ୟାବିନ ଉପରେ
ଜଳିଲାଣି ଟ୍ରାକ୍ ଛାତିରେ
ନାଲି ଆଉ ସବୁଜ ବତୀ
ଗଡିଲାଣି କରମଣ୍ଡଳ,ବନ୍ଦେ ଭାରତ
ଶୁଖିଲାଣି ଲୁହ ଆଉ ଲହୁ
କେତେ ରାତ୍ରି ଏମିତି ଶୋଇଥିବ
ଫୁଙ୍ଗୁଳା ଆକାଶର ତଳେ
ଉଠଉଠ ଚାହିଁଛନ୍ତି ଘରେ ତୁମ
ପ୍ରିୟଜନ ! ବାପା ଆଉ ବୋଉ ।

॥ ଦୁଇ ॥

କେତେ ଶବ ମୁହଁରୁ
କପଡାକୁ ଟେକି ଖୋଜିବିରେ ଧନ
ତୋ କୁନି ଝିଅକୁ ପରା
କାଲିଠାରୁ ଶହେ ଚାରି ଜ୍ୱର
ତୋ ବିନାରେ ଘରକୋଣେ ବାହୁନୁଛି ବୋହୂ
ମା'ତୋର ପଥର ସାଜି ବସିଛି ମଉନେ
କେଉଁଠି ଶୋଇଛୁରେ ଏକା
ଉଠିଆ ଉଠିଆରେ ଧନ।

॥ ତିନି ॥

ରିଙ୍ଗ୍ ହେଉଛି ମୋବାଇଲ
କେହି ଜଣେ ଫୋନ୍ ଉଠାଇ
ହ୍ୟାଲୋ କହିବା ପରେ
ଝିଅଟିଏ ପଚାରୁଛି
କେଉଁଠି ତୁମେ ଅଛ ବାପା
ବୋଉ ଦେହ ବହୁତ ଖରାପ ଉଠୁନି ଜମାରୁ
ଏପଟୁ ଉତ୍ତର ଯାଉଛି
ବାହାନଗା ହାଇସ୍କୁଲରେ ଶବ ଅଛି
ରାତ୍ରି ଦଶରୁ।

॥ ଚାରି ॥

ମୋତେ ଚିହ୍ନ,ଚିହ୍ନ ମୋତେ
ମୋ ଶବ ବ୍ୟବଚ୍ଛେଦ କର
ଗଳିତ ଅବୟବେ ମୋର
ଛାଡିଲାଣି ହାଡ଼ରୁ ମାଉଁସ
ରୁଦ୍ଧ କୋଠରୀରେ ଆଉ
ପଡ଼ିବି କେତେ ଦିନ ନିଅ ନିଅ ମୋତେ
ଗାଁ ମଶାଣିରେ ଖାଲି
ନିଆଁ ଟିକେ ଦିଅ।

♥ସଂପାଦକ ନୀହାରକନ୍ୟା ସାହିତ୍ୟ
ସଂସଦ
ନୂଆଗାଁ, ଶିଙ୍ଗାଖୁଣ୍ଟା,
ସୋର ବାଲେଶ୍ୱର-୭୫୬୦୪୫
(ମୋ) ୮୧୧୭୮୦୫୯୫୯

## ସାଗରମନ୍ଥନ

### ଡ.ହରିଶ୍ଚନ୍ଦ୍ର ବେହେରା



କାହାଭାଗରେ ଅମୃତ
କାହାଭାଗରେ ବିଷ
କେଉଁ ନୂଆକଥା ଯେ !

ଦଳେ ସୁବିଧାଭୋଗୀ/ପଞ୍ଚାଏ ବୁର୍ଜୁଆ
ପୁଞ୍ଜି ନହେଲେ ବୁଦ୍ଧି
ସର୍ବ ହରାର କ'ଣ ଥାଏଯେ !

ସେମାନଙ୍କ ସ୍ୱାର୍ଥ ଲାଗି ସବୁ ଶକ୍ତି
ଓଜାଡ଼ି ଦେଲା ମନ୍ଦର
ଅଧିକାର ଲାଗି ସବୁରକ୍ତ
ଢାଳିଦେଲା ବାସୁକୀ
ଏମାନେ କ'ଣ ବୁଝନ୍ତି
ମସ୍ତକର କେଉଁ କପଟ କୋଷରେ
ଦାନାବାନ୍ଧୁଥିଲା ଚଂଚକତା !

ଏମାନେ ତ କେବଳ ଜଣେ ଜଣେ ନିରୁପାୟ
ସାକ୍ଷୀ
ଅନ୍ଧାରି ଅଦାଲତରେ ।

ଐରାବତ ଉଚୈଶ୍ରବା ସୁନ୍ଦରୀ ରାଜକନ୍ୟା
ହୀରା ନୀଳା ମୋତିମାଣିକ୍ୟ
କିବାଲୋଡ଼ା ପ୍ରବଂଚିତର
ମେହନତୀ ହତଭାଗ୍ୟର !

ଅଧିକାର ଲଢ଼େଇରେ
ମିଳେ ଶେଷକୁ ହଳାହଳ/ନତୁବା ପରକାଳ।

ହତଭାଗ୍ୟ ମାନେହିଁ ଯୁଗେ ଯୁଗେ ତିଆରନ୍ତି
ମନ୍ଦିର ମସଜିଦ ଗୀର୍ଜା ଗୁରୁଦ୍ୱାର
ରସତୃଷ୍ଣା ଲାଗି ଶୃଙ୍ଗାର ମୟ
କୋଣାର୍କ ଖୋଜୁରାହ /ଏଲୋରା ଅଜନ୍ତା ।

ସବୁଠି ଚାଲିଛି ଭାଗ୍ୟ ଆଉ
ଭଗବାନଙ୍କୁ ନେଇ
ବାଘ ଛେଳି ଖେଳ
ଛନ୍ଦାଯାଇଛି ବୁଢ଼ିଆଣି ଜାଲ
ସେମାନଙ୍କ ପ୍ରତିଟି ଜୀବକୋଷରେ
ଖଞ୍ଜାଯାଇଛି
ଘୃଣା ଆଉ ଛିଃ ଛି କାର ।

ଲୋଡାନାହିଁ ଅମରାବତୀ କି ରନ୍ସିଂହାସନ
ପାଦତଳେ ଚାଖଣ୍ଡେ ମାଟି
ଆଉ ଆଉଜି ପଡିବାକୁ
ଦୋ-ମାଟିଆ କାଂଥ ଥାଉ ଚିରକାଳ ।

♥କଲ୍ୟାଣ ନଗର, ବାଲେଶ୍ୱର-୧
ମୋ-୯୪୩୭୮୧୩୭୦୮

## ଶବ୍ଦହୀନ ଆଜି ମୁଁ

### ଅଂଜଳି ପଣ୍ଡା



ଶୋକାକୁଳ ପରିବେଶ
ସଭିଙ୍କ ଆଖିରେ ଅସରା ଲୁହ
ଶବ ଗଦାରେ କୁଢ଼ କୁଢ଼ ଶବ
ବାପା ଅଣ୍ଡାଳୁଛି ପୁଅର ମୁହଁ
ମାଆ ଖୋଜୁଛି ବାପାର ଦେହ
ବାପା ପୁଅ ଖୋଜୁଛନ୍ତି ମାଆକୁ
ବାପା ମାଆ ହରା ଛେଉଣ୍ଡ
ପୁଅଝିଅଙ୍କର ଆକୁଳ କ୍ରନ୍ଦନ
ବେସହାରା ସେମାନେ
କେହି ନାହିଁ ଆହା କହିବାକୁ ।

ବୁହା ଚାଲିଛି ଶବ
ଶବ ଗଦା ଭିତରୁ ହଠାତ୍ କିଏ ଜଣେ
ଜାବୁଡ଼ି ଧରିରଲା ପାଦ
'ପାଣି' 'ପାଣି'ର କ୍ଷୀଣ ଚିତ୍କାର
ମୁଁ ଶବ ନୁହେଁ, ବଞ୍ଚିଛି ମୁଁ...
କି କରୁଣ ଦୃଶ୍ୟ, ହତବାକ୍ ସ୍ତବ୍ଧ ମଣିଷ ।

ରଖେ ହରି ମାରେ କିଏ ?
ଦୁଇ ପାଦ ହରାଇ ବଞ୍ଚିଛି ମଣିଷଟିଏ ।

କାହାର କେଉଁଠି କଟାହାତ ତ
କେଉଁଠି କଟା ପାଦ
ଛୋଟ କୁନି ଝିଅଟିର
ମୁଣ୍ଡରେ ପଶିଛି ଲୁହା ରଡ଼
ଆଖିର ପଲକ ପଡ଼ିପାରେ ନାହିଁ
କିଛି ବୁଝିବା ଆଗରୁ ଛାଡ଼ିଯାଏ ପ୍ରାଣ ।

ମାଆ ହାତରେ ଶଙ୍ଖା ବଳାକୁ
ଦେଖି, ଝୁରୁଛନ୍ତି ବାପଝିଅ
କୁନିକୁନି ପିଲାଙ୍କର ମୁଣ୍ଡହୀନ ସ୍କନ୍ଧ

ଯୁବକ ଯୁବତୀସବୁ ଏକାକାର
ହା' ଦଇବ ନକଲୁ କିସରେ
ଟୀକା ଗୋବିନ୍ଦ ଚନ୍ଦ୍ରର ପଦ କିଏ ଯେମିତି
ଦୋହରାଉଥିଲା ମନ ଭିତରେ
ହାତ ମୋର ଯୋଡ଼ି ଯାଉଥିଲା
ତୁମ ଉଦ୍ଦେଶ୍ୟରେ
କିନ୍ତୁ ନିଶବ୍ଦ ମୁଁ କେଉଁ ଭାଷାରେ ଜଣାଇବି
ଏ କରୁଣ ପ୍ରାର୍ଥନା
ପ୍ରଭୁ, ଫେରାଇଦିଅ
ଅବଶିଷ୍ଟଙ୍କର ବଳକା ଆୟୁଷ ।

♥ ଚୌଧୁରୀ ସାହି, ବାଲେଶ୍ୱର
(ମୋ) ୯୩୩୮୩୧୦୨୪୫

## କାଠହଣା ପକ୍ଷୀ, ଝାଳ ଓ ମୋ ଦେଶ

### ବୃନ୍ଦାବନ ଦାସ



ତରୁ ଶାଖାରୁ
ରହି ରହି ଶୁଭୁଥାଏ ଠକ୍ ଠକ୍ ଠକ୍
ଲୋହିତ ମୁକୁଟ
ଇଷତ୍ କଳା ଧଳା ଧୂସର ସାଙ୍ଗକୁ
ସୁନାରଙ୍ଗରେ ଚିତ୍ରିତ ପର
ନାତିଦୀର୍ଘ ଥଣ୍ଟ ଦୃଢ ସଂକଳ୍ପରେ
ଏକ ଲୟରେ
ହାଣି ଚାଲିଥାଏ କାଠଗଣ୍ଡି
କାଠହଣା ପକ୍ଷୀ ।

ପ୍ରତି ଠକ୍ ଠକ୍ ଆବାଜରେ
ତିଆରି ହେଉଥାଏ ନୀଡ
ପ୍ରତି ମୁଗୁର ପ୍ରହାରରେ
ଧୂଳି ହୋଇ ଝରି ପଡୁଥାଏ ପଥର
ପଥର ଭିତରୁ
ଫୁଟି ବାହାରୁଥାଏ ଏକ ଏକ ଈଶ୍ୱରୀୟ
ପ୍ରତିରୂପ ।

ପ୍ରତି ମୁହୂର୍ତ୍ତରେ ରକ୍ତ
ବୁନ୍ଦେ ବୁନ୍ଦେ ଝାଳହୋଇ ନିଗୁଡୁଥାଏ
ଭିଜୁଥାଏ ମାଟି
ମାଟି ଫଟେଇ ବାହାରୁ ଥାଏ ଗଜା
ଛନଛନ ଚାରା
ନା'ନାଦି ପତ୍ର ଫୁଲ ଫଳ
ରାଶି ରାଶି ଶସ୍ୟର ଦାନା
ଜୀବନ ବଢଉଥାଏ ପାଦ ଆଗକୁ ।

ଝାଳ ସଂଜୀବନୀ
ଜୀବନ ସବୁର ଗୋଟେ ଦେଶର... ।

ଦେଶ ବି ଏମିତି
ପ୍ରତି କ୍ଷେତରେ ଚିମନି ଧୂଆଁରେ
ସୀମନ୍ତରେ ସୀମାନ୍ତରେ
ଦପ୍ତରରେ ସଂସଦରେ ନିର୍ଗତ ଖାସ୍
ଝାଳରେ
ବଢୁଥାଏ ଦେଶ,
ମୋ ଦେଶ ଆଗକୁ ଆଗକୁ ।

♥ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା - ୭୫୪୨୮୯
ମୋ - ୯୭୭୭୮୪୩୦୩୧

## କାଳ ମଣ୍ଡଳ

### ରେଖାରାଣୀ ବାରିକ୍



କି ରେ କାଳିଆ ଏମିତି ଲୀଳା
କରିଲୁ ତୁ କଣ ପାଇଁ,
ଲକ୍ଷ ଲକ୍ଷ ଲୋକଙ୍କ ଜୀବନକୁ
ରକ୍ତରେ ଦେଲୁ ତୁ ଭସାଇ ।

ତୋ ଚକା ଆଖିରେ ସବୁ ତ ଦେଖୁଛୁ
ଦେଖିଥିବୁ ଆଗତ ଭବିଷ୍ୟ,
ନୀରିହ ଲୋକଙ୍କୁ ଜୀବନ ଦେଇ
ବଢ଼ାଇ ପାରିଲୁନି ତାଙ୍କ ଆୟୁଷ।

କୋଟି କୋଟି ଲୋକଙ୍କର ତୁ ପରା ନାଥ
ବୋଲାନ୍ତି ସମସ୍ତେ ତୋତେ ଜଗନ୍ନାଥ,
ଏତେ ଲୋକଙ୍କର ନେଲୁ ତୁ ଜୀବନ
ଥରିଲାନି ତୋର ବେନି ହାତ।

ପ୍ରାଣ ନେବୁ ବୋଲି 'କର ମଣ୍ଡଳ'କୁ
ପଠାଇଥିଲୁ ତୁ କରି 'କାଳ ମଣ୍ଡଳ',
ଭରସା କରି ତୋତେ
ଟେକି ଥିଲେ ବୋଲି ହାତ
ଦେଲୁ ତୁ ସଭିଙ୍କୁ ତାହାରି ଫଳ ।

ମହୋଦଧି ଜଳ ତୋତେ ନିଅଣ୍ଟ ପଡ଼ିଲା
ତୋ ସ୍ନାନ ଯାତରା ଲାଗି,
ସ୍ନାନ କରିବୁ ବୋଲି ନୟନ ଅଶ୍ରୁରେ
ରଚିଲୁ ତୁ ଏଇ ବିଧି ।

ତୁ ହସୁଥାଉ ତୋ ବଡ଼ ଦେଉଳେ
ଦୁଃଖୀ ମାଆଟିଏ କାନ୍ଦୁଥାଏ
ନ ପାଇ ପିଲାକୁ କୋଳରେ,
ବାପ ପୁଅକୁ ଖୋଜି ହେଉଥାଏ
ଆଖିର ଲୁହକୁ ପୋଛି ହାତରେ ।

ସୃଷ୍ଟି କର୍ତ୍ତା ହୋଇ ସୃଷ୍ଟି କରିଥିଲୁ
ତୁ ଏଇ ବିଶ୍ୱ ଭୁବନ,
ଧ୍ୱଂସ କରିବାର ଯଦି ଉଦ୍ଦେଶ୍ୟ ଥିଲା
ଦେଇ ଥିଲୁ କଣ ପାଇଁ ଜନମ ।

ସବୁ ଦେଖୁଥିଲୁ ତୋ ବେନି ନୟନେ
ଟେକି ଦେଇ ଦୁଇ ହାତ,
ଆଉ କି ଭରସା ଅଛି ତୋ ଉପରେ
ମିଛରେ ହୋଇଛୁ ତୁ ଜଗତ୍ ନାଥ ।

♥ଭୋଗପୁର, ଖଇରା, ବାଲେଶ୍ୱର

## କୃଷ୍ଣଚୂଡ଼ାର ହସ

### ତପନ କୁମାର ସାହୁ



ରଙ୍ଗୀନ ଓଢଣୀ ଭିତରେ
ତୁ ବାରମ୍ୱାର ତୋର କରୁ
ମୁଁ ଗୋଟାପଣେ
ଆକାଶ ମୁହାଁ ହେଇ ଦୌଡେ...

ତୋ ରକ୍ତାଭ କେଶ ଗୁଚ୍ଛ
ମୋ ଅସ୍ତିତ୍ୱକୁ ଦୋହଲାଇ ଦିଏ

ଆଉ କେବେ.... !

ମୁଁ ମୁକୁଳିବାର ପ୍ରୟାସରେ
ଆହୁରି ଛନ୍ଦି ହେଇଯାଏ...

ତୁ ଫୁଟୁ
ମୋ ପ୍ରେମିକାର ଦେହରେ
ଓଠରେ, ଗାଲରେ, ଗଭାରେ

ସେ ହସେ
କ୍ଷଣିକ ପାଇଁ ବୋଧେ
ଲାଲ କୃଷ୍ଣଚୂଡ଼ାର ହସ ।

♥କଳାହାଣ୍ଡି
ମୋ-୭୩୨୮୦୦୧୫୭୫

## ମନେ ପଡେ ସେହି କାଳରାତ୍ରି

### ପ୍ରଭାତ କୁମାର ଆଚାର୍ଯ୍ୟ



ଏଇ କିଛି ସମୟ ଆଗରୁ
ସନ୍ଧ୍ୟା ଆଳତି କରୁଥିଲା
ବାହାନଗା ରେଳ ଷ୍ଟେସନ।
ତା ପରେ ଖାଁ ଖାଁ
ରାତ୍ରିକୁ ନିମନ୍ତ୍ରଣ କରୁଥିଲା
ନିତି ଦିନର କର୍ତ୍ତବ୍ୟ ଭିତରେ ।
ହଠାତ୍ ଏ କି ଶବ୍ଦ !

କମ୍ପି ଉଠିଲା ମେଦିନୀ
କାନର ଅତଡ଼ା ଫାଟିଗଲା
ଜହ୍ନକୁ ଖଟେଇ ଜଳିଉଠିଥିବା
ଲାଇଟ୍ ଗୁଡିକ ଲିଭିଗଲେ
ଧୂଆଁରେ ପୂରିଗଲା ଆକାଶ
ଷ୍ଟେସନ ପାଖରେ ଘରକରି ରହିଥିବା
ସ୍ତ୍ରୀ, ପୁରୁଷ, ପିଲାଛୁଆ
ବାହାରକୁ ବାହାରି ଆସିଲେ।

ଚିତ୍କାର, ବୁକୁଫଟା ଚିତ୍କାର
ରକ୍ଷାକର, ବଞ୍ଚାଅ, ପାଣି, ପାଣି
କେତେ ଆର୍ତ୍ତ କରୁଣ ସ୍ୱର ତୋଳୁଥିଲା
ଦୁର୍ଘଟଣାଗ୍ରସ୍ତ, ଖଣ୍ଡବିଖଣ୍ଡିତ
କରମଣ୍ଡଳ ଏକ୍ସପ୍ରେସ।

ଉଦ୍ଧାର ପାଇଁ ଅଣ୍ଟା ଭିଡ଼ିଦେଲେ
ଗ୍ରାମବାସୀ, ସ୍ୱେଚ୍ଛାସେବୀ,ଅଗ୍ନିଶମ
ଓଡ୍ରାପ୍, ପୁଲିସବାହିନୀ, ଆମ୍ବୁଲାନ୍ସ
ରକ୍ତଦାତା, ନେତା, ମନ୍ତ୍ରୀ,ଜନତା।

କିନ୍ତୁ ସେତେବେଳକୁ ତାଣ୍ଡବ
ରଚି ସାରିଥିଲା କାଳରାତ୍ରି।
ମିଳୁଥିଲା ଶବ ପରେ ଶବ
କୁଢ଼ କୁଢ଼ ଶବ
କ୍ଷତ ବିକ୍ଷତ ଆହତଙ୍କ ଯନ୍ତ୍ରଣା ଜର୍ଜରିତ ସ୍ୱର
ବହୁଥିଲା ରକ୍ତର ସ୍ରୋତସ୍ୱିନୀ।

ସେବା ଓ ଉଦ୍ଧାର କାର୍ଯ୍ୟ ପରେ
ପୁଣି ସ୍ୱାଭାବିକ ହେଲା ରେଳ ଚଳାଚଳ
କିଛି କ୍ଷତିପୂରଣ ପରେ
ପରିବାର ପାଇଲେ ସାନ୍ତ୍ୱନା
କିନ୍ତୁ ଜୁନ୍ ଦୁଇ ତାରିଖରେ ଲାଗିଲା କଳଙ୍କ
ଇତିହାସ ହେଲା କାଳରାତ୍ରିର ବିଳାପ ।
ଉଜୁଡିଗଲା କେତେ କେତେ ସ୍ୱପ୍ନ ।

ଲିଭିଗଲା ସିମନ୍ତିନୀ ମଥାର ସିନ୍ଦୂର
ବାପା ହେଲା ପୁତ୍ର ହରା
ପୁତ୍ର ହେଲା ପିତୃହରା
କେତେ ମାଆ କୋଳ ହେଲା ଶୂନ୍ୟ
କେତେ ହେଲେ ଅକର୍ମଣ୍ୟ
ନିନ୍ଦାର ବୋଝ ନେଇ ଦୋଷୀ ଟିଏ ପରି
ରହିଥିବ ବାହାନଗା ଷ୍ଟେସନ।
ରେଳ ଦୁର୍ଘଟଣା ଦୈବୀକୃତ ନୁହେଁ
ମନୁଷ୍ୟକୃତ।
ବାହାନଗା ଦୁର୍ଘଟଣା ଏଇ ଶିକ୍ଷା ଦେଉ
ରେଳ କର୍ମଚାରୀ, ରେଳ ଅଧିକାରୀମାନଙ୍କୁ
ଯାତ୍ରୀଙ୍କ ଜୀବନ ସହିତ ଖେଳ ଖେଳିବା
ବହୁତ ମହଙ୍ଗା ପଡିବ ସେମାନଙ୍କୁ ।
ଫାଶୀ ଖୁଣ୍ଟରେ ଝୁଲେଇ ଦିଅ ଦୋଷୀଙ୍କୁ
ହାତ ଗୋଡ଼ କାଟି ଅକର୍ମଣ୍ୟ କରିଦିଅ
ସେମାନଙ୍କୁ ।
ଯେମିତି ତାଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତ
ମନେପଡେ ବାହାନଗାର
ସେହି ଅଶୁଭ କାଳରାତ୍ରି ।

♥ସଂସ୍କୃତ ଶିକ୍ଷକ, ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ, ବାଲେଶ୍ୱର

## ରେ କାଳିଆ

### ଲକି ମହାରଣା



ଏ କେଉଁ ଲୀଳା ତୁମର
ନେଇଗଲ କେତେ ନିରୀହ ଜୀବନ
ଲୋକଙ୍କର..
ନେଇ କେତେ ସ୍ୱପ୍ନ ମନରେ
ଯାଉଥିଲେ ସଭିଏଁ କରମଣ୍ଡଳରେ...
ଜାଣି ବି ନଥିବେ
ଏଇ ଯାତ୍ରା ଶେଷ ଯାତ୍ରା ତାଙ୍କର
ଆଖି ପିଛୁଳାରେ ଚାଲିଗଲା ପ୍ରାଣ
ତୋ ସହ ସହ ଭକ୍ତର..
କି ଦୋଷ ଥିଲା ଭରସା କରି ତତେରେ
ସବୁ କିଛି ଦେଖୁଥିଲୁ ତୋର
ଚକାଡୋଳାରେ..
ବାଧିଲାନି କି ତୋର ସେଇ ହୃଦୟକୁ
ନେଇ କାହାର ବାପା କାହାର ପୁଅକୁ..
କାହାର ମଥାରୁ ପୋଛିଦେଲୁ ସିନ୍ଦୁର
କୋଳ ଶୂନ୍ୟ କରିଦେଲୁ ଅନେକ ମାଆର...
ଆଖି ପିଛୁଳାରେ ଗଦା କରିଦେଲୁ
ଶହଶହ ଶବ
ସେସବୁ ଦେଖିଲେ କାହାର ଆଖିରୁ
ଲୁହ ନ ଝରିବ
କାହାର ନାହିଁ ମୁଣ୍ଡ ତ
ନାହିଁ ଗୋଡ ହାତ କାହାର
କିପରି ଖୋଜିପାଇବେ
ପରିବାର ତାଙ୍କ ସହଜନର...
ଏଇ ଦୃଘଟଣା ରେ ସ୍ତବ୍ଧ କରିଦେଲୁ ସଭିଙ୍କୁ
ଯେଉଁ ମାନଙ୍କୁ ନେଇଗଲୁ ତୋହରି ପାଖକୁ
ଶାନ୍ତି ଦେଇ ରଖିବୁ ତାଙ୍କର ଆତ୍ମାକୁ....
ହେ କାଳିଆ ଠାକୁର
ଦୋହରାଇବୁନି କେବେ ସ୍ଥିତି
ଏପରି ତୋ ଭକ୍ତର...
ସଭିଙ୍କୁ ରଖିବୁ ତୋ ଚକ୍ର ଆଢୁଆଳରେ
ଏତିକି ପ୍ରାଥନା କରେ ତତେ କାଳିଆରେ..

♥ଗ୍ରାମ-ଗଞ୍ଜାମ, ପୁରୁଷୋତ୍ତମପୁର

# ଗଣ୍ଡମୁଣ୍ଡା ହାଟ : ନିର୍ମାଣରେ ଖର୍ଚ୍ଚ ୭୦ ଲକ୍ଷ, ମରାମତିରେ ୮୪



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ପୁଣି ଚର୍ଚ୍ଚାକୁ ଆସିଛି ଗଣ୍ଡମୁଣ୍ଡା ହାଟ। ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଏମ୍ସି ଯାହାକୁ ନିର୍ମାଣ କରିଥିଲା, ଏବେ ତାହାର ମରାମତିରେ ଖର୍ଚ୍ଚ କରିବାକୁ ଯାଉଛି ୮୪ ଲକ୍ଷ ଟଙ୍କା। ଘୋଡ଼ା ଛଅ କୁ ଦାନା ନଅ ପରିସ୍ଥିତି ହୋଇଛି। ହେଲେ ଫଳ ଶୂନ। ବେପାର ହେଉ ନଥିବାରୁ ବ୍ୟବସାୟୀ ଦୋକାନ ଖୋଲୁ ନାହାନ୍ତି। କେମିତି ଦୋକାନ ଖୋଲିବ ବା ବେପାର ହେବ, ସେନେଇ ଚିନ୍ତା ନ କରି ବିଏମ୍ସି କେବଳ ଠିକାଦାର ପୋଷିବାରେ ଲାଗିଛି। ଖର୍ଚ୍ଚ ହେଉଥିବା ଟଙ୍କାର ପିସି ହିସାବରେ ଅଧିକାରୀମାନେ ମୋଟା ଅଙ୍କର କମିସନ କମାଉଛନ୍ତି। କାହିଁକି ବେପାର ହେଉନାହିଁ, ତାହାର କାରଣ ଖୋଜି ସମାଧାନ କରାଯାଇନଥିବାରୁ ଏହି ୮୪ ଲକ୍ଷ ଟଙ୍କା ମଧ ପାଣିରେ ପଡ଼ିବା ସାର ହୋଇଛି। ୨୦୦୯ ମସିହାରେ ଗଣ୍ଡମୁଣ୍ଡାରେ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରି ବିଏମ୍ସି ହାଟ ତିଆରି କରିଥିଲା। ଏଥିରେ ୧୭୪ ପିଣ୍ଡି ଥିଲା। ଜଗମୋହନ ନଗର, ଆଇଟିଇଆ, ଗଣ୍ଡମୁଣ୍ଡା, ପୋଖରୀପୁଟ ଓ ଏହାର ଆଖପାଖ ଅଞ୍ଚଳର ଲୋକଙ୍କୁ ବଜାର ସୁବିଧା ଯୋଗାଇ ଦେବାପାଇଁ ବିଏମ୍ସି ଏଭଳି ବ୍ୟବସ୍ଥା କରିଥିଲା। କିନ୍ତୁ ଏଠାରେ ଆବଣ୍ଟନରେ ବିଏମ୍ସିର ବଜାର ଉପବିଭାଗ ବ୍ୟାପକ ଦୁର୍ନୀତି କରିଥିଲା। ବଜାର ଉପବିଭାଗ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ କେତେକ ଅଣ ବ୍ୟବସାୟୀଙ୍କୁ ପିଣ୍ଡି ଆବଣ୍ଟନ କରିଦେଇଥିବା ଅଭିଯୋଗ ହୋଇଥିଲା। ଅଣବ୍ୟବସାୟୀ ବ୍ୟବସାୟୀଙ୍କୁ ଭଡ଼ା ଲଗାଇବା ଯୋଜନା କଲେ। କିନ୍ତୁ ବେପାରୀମାନେ ନେଲେ ନାହିଁ। ଫଳରେ ସେଗୁଡ଼ିକ ଖାଲି ପଡ଼ିଥିଲା। ୨୦୧୯ ମସିହାରେ ୬୪ ଟି ପିଣ୍ଡି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆବଣ୍ଟନ ହୋଇଥିଲା। କିନ୍ତୁ ସର୍ବନିମ୍ନ ସୁବିଧା ନ ଥିବାରୁ ଏହି ଗୋଷ୍ଠୀ ମଧ ଦୋକାନ ଖୋଲିନଥିଲେ। ଏଭଳି ୧୫୫ ଦୋକାନ ଖାଲି ପଡ଼ିଥିଲା। ମାତ୍ର ୧୯ ଜଣ କେବଳ ସକାଳେ ଦୋକାନ ଖୋଲୁଥିଲେ। ସନ୍ଧ୍ୟାରେ ଅନ୍ଧାର ସହ ଦୋକାନ ବନ୍ଦ ରହୁଥିବାରୁ ପିଣ୍ଡିଗୁଡ଼ିକ ମଦ୍ୟପଙ୍କ ଆଡ଼ାସ୍ଥଳ ପାଲଟିଥିଲା। ଏ ନେଇ ଗଣମାଧମରେ ଖବର ପ୍ରକାଶ ପାଇବା ପରେ ବିଏମ୍ସି ତତ୍ପର ହୋଇଥିଲା। ମେୟର ସୁଲୋଚନା ଦାସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋକପାତ କରିବା ସହ ହାଟ କାର୍ଯ୍ୟକ୍ଷମ କରାଇବା ପାଇଁ ଯୋଜନା ହେବ ବୋଲି କହିଥିଲେ। ଜାଗମରାରୁ ପୋଖରୀପୁଟ ପର୍ଯ୍ୟନ୍ତ ରାସ୍ତାକୁ ନୋ ଭେଣ୍ଡିଂ ଜୋନ୍ ଘୋଷଣା କରିବା ସହ ଏହି ରାସ୍ତା କଡ଼ରେ ବସୁଥିବା ବ୍ୟବସାୟୀଙ୍କୁ ରାସ୍ତାରୁ ହଟାଇ ଏଠାରେ ଲଟେରି ମାଧମରେ ସେମାନଙ୍କୁ ପିଣ୍ଡି ଆବଣ୍ଟନ କରିବାକୁ ଯୋଜନା ହୋଇଥିଲା। କଣ ସମସ୍ୟା ରହିଛି ତାହାର ରିପୋର୍ଟ ପ୍ରସ୍ତୁତ କରିବାକୁ ଏକ ଟିମ୍ ମଧ ଗଠନ ହୋଇଥିଲା। ଆବଶ୍ୟକୀୟ ମରାମତି ଓ ଲାଇଟ୍ ସହ ପାନୀୟଜଳ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସମ୍ପୃକ୍ତ ଟିମ୍ ଅନୁଧ୍ୟାନ କରି ରିପୋର୍ଟ ଦେବା ପରେ ବିଏମ୍ସି ଏହାର ପୁନରୁଦ୍ଧାର ଯୋଜନା କରିଛି। ଏଥିପାଇଁ ବିଏମ୍ସି ଟେଣ୍ଡର ଡାକିଛି। ଏଥିରେ ୮୪ ଲକ୍ଷ ୭୩ ହଜାର ୩୮୫ ଟଙ୍କା ଖର୍ଚ୍ଚ ଅଟକଳ କରାଯାଇଛି। ଆବେଦନର ଶେଷ ତାରିଖ ଚଳିତ ମାସ ୧୬ ରହିଛି। ୩ ମାସ ମଧରେ ଏହାର ପୁନରୁଦ୍ଧାର ସରିବା ପରେ ବ୍ୟବସାୟୀମାନଙ୍କୁ ଆବଣ୍ଟନ କରିଦିଆଯିବ। ଉଲ୍ଲେଖଯୋଗ୍ୟ, ହାଟର ପିଣ୍ଡି ସବୁ ନିର୍ମାଣ ପରେ ଆବଣ୍ଟନର ୩ ବର୍ଷ ପର୍ଯ୍ୟନ୍ତ ବିଏମ୍ସି ୯୫ ବ୍ୟବସାୟୀଙ୍କ ଠାରୁ ଭଡ଼ା ଆଦାୟ କରିପାରିନଥିଲା। ଏମାନଙ୍କ ଉପରେ ଭଡ଼ା ବାବଦକୁ ପ୍ରାୟ ୩୦ଲକ୍ଷ ଟଙ୍କ ବାକି ପଡ଼ିଥିଲା। ଯାହା ଅଦ୍ୟାବଧି ଆଦାୟ ହୋଇ ପାରି ନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀ ନେଇଥିବା ୬୪ ପିଣ୍ଡିରୁ ମଧ ଟଙ୍କାଟିଏ ଆଦାୟ ହୋଇନି। ସେମାନେ ଦୋକାନ ଖୋଲି ନଥିବାରୁ ଭଡ଼ା ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ପୂର୍ବରୁ ୭୦ ଲକ୍ଷ ଓ ଏବେ ୮୪ ଲକ୍ଷରୁ ଅଧିକ, ଏଭଳି ଦେଢ଼ କୋଟି ଖର୍ଚ୍ଚ ହେଉଥିଲେ ମଧ ନା ବିଏମ୍ସି ଟଙ୍କାଟିଏ ପାଉଛି ନା ବ୍ୟବସାୟୀଙ୍କ କାମରେ ଲାଗୁଛି। ଏଣେ ବାକି ପଡ଼ିଥିବା ୩୦ ଲକ୍ଷ ଟଙ୍କା ଆଦାୟ ନ କରିବାକୁ ବିଏମ୍ସି ଯୋଜନା କରିଛି। ମାର୍କେଟ୍ ଉପବିଭାଗ ଦାୟିତ୍ୱରେ ଥିବା ଡେପୁଟି କମିସନର ଅଶୋକ କୁମାର ଲେଙ୍କା କହିଛନ୍ତି, ହାଟକୁ ଚଳଚଞ୍ଚଳ କରିବା ପାଇଁ ଯୋଜନା ହୋଇଛି। ଲଟେରି ମାଧମରେ ବ୍ୟବସାୟୀଙ୍କୁ ଚିହ୍ନଟ କରାଯିବ। ଏଣୁ କୌଣସି ଅଭିଯୋଗ ରହିବ ନାହିଁ।

# ପଶ୍ଚିମ ଓଡ଼ିଶାରେ ଉତ୍କୃଷ୍ଟ କ୍ରୀଡାର ନୂତନ ଯୁଗ ଆରମ୍ଭ: ଅତ୍ୟାଧୁନିକ ଇଣ୍ଡୋର୍ ଷ୍ଟାଡିୟମ୍ ଲୋକାର୍ପିତ

ବଲାଙ୍ଗିର, ୧୨/୦୬ (ନି.ପ୍ର): ପଶ୍ଚିମ ଓଡ଼ିଶାର କ୍ରୀଡା ଭିତିଭୂମିକୁ ସୁଦୃଢ କରିବା ଓ କ୍ରୀଡାବିତଙ୍କୁ ଅଧିକ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଗେଲ (ଇଣ୍ଡିଆ) ଲିମିଟେଡ ସହାୟତାରେ ବଲାଙ୍ଗିର ପୃଥିବୀ ରାଜ ହାଇସ୍କୁଲ ଠାରେ ନିର୍ମିତ ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମ୍ ଆଜି ଉଦ୍ଘାଟିତ ହୋଇଯାଇଛି। କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରୀୟ ପେଟ୍ରୋଲିୟମ ପ୍ରାକୃତିକ ଗ୍ୟାସ ଆବାସ ନଗର ବ୍ୟାପାର ମନ୍ତ୍ରୀ ହରଦୀପ ସିଂହ ପୁରୀ ଜିଲ୍ଲା ବାସୀଙ୍କ ଉଦ୍ଦେଶ୍ୟରେ ଏହାକୁ ଲୋକାର୍ପିତ କରିଛନ୍ତି। ଏହି ନବନିର୍ମିତ ଷ୍ଟାଡିୟମ୍ ଉଦ୍ଘାଟନ ଅବସରରେ ବଲାଙ୍ଗିର ଲୋକସଭା ସାଂସଦ ସଂଗୀତା କୁମାରୀ ସିଂଦେଓ, ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଲୋଇସିଂହା ବିଧାୟକ ଡଃ. ମୁକେଶ ମହାଲିଙ୍ଗ, ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣା, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଗେଲ ଇଣ୍ଡିଆ ଲିମିଟେଡ ନିର୍ଦ୍ଦେଶକ (ପ୍ରକଳ୍ପ) ଦୀପକ ଗୁପ୍ତା, ଗେଲ ଇଣ୍ଡିଆ ଏବଂ ରାଜ୍ୟ ସରକାରୀ ଅଧିକାରୀ, କ୍ରୀଡାବିତ୍, ରାଜନୈତିକ ବ୍ୟକ୍ତିବିଶେଷ, ନାଗରିକ, ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ଗେଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ସାମାଜିକ ଦାୟିତ୍ୱ ଉଦ୍ୟମ ଆଧାରରେ ୯.୯ କୋଟି ଅର୍ଥ ବିନିଯୋଗରେ ଏହି ଷ୍ଟାଡିୟମ୍ ନିର୍ମାଣ କରାଯାଇଛି। ଏହି ଷ୍ଟାଡିୟମ୍ ସ୍ଥାନୀୟ କ୍ରୀଡା ଭିତିଭୂମିର ବିକାଶ ସହିତ ଅଧିକ ପ୍ରୋତ୍ସାହନ ଯୋଗାଇବାରେ ସହାୟକ ହେବ। ଜାତୀୟ ସ୍ତରର ୪ ଗୋଟି ବେଡମିନଟନ କୋର୍ଟ ରହିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥା ରହିଛି। ଜାତୀୟ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ ପଶ୍ଚିମ ଓଡ଼ିଶା ବିଶେଷକରି ବଲାଙ୍ଗିର ଜିଲ୍ଲାରେ ଅପାର ସମ୍ଭାବନା ରହିଛି। ଏହି ଅଂଚଳର ଯୁବ ବର୍ଗର ବିକାଶ ପାଇଁ ସେମାନଙ୍କୁ ପର୍ଯ୍ୟାପ୍ତ ଭିତିଭୂମି ଯୋଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯେଉଁଠାରେ ସେମାନଙ୍କୁ ନୂତନ ପ୍ରୋତ୍ସାହନ ମିଳିବ। ଏହି ଷ୍ଟାଡିୟମ୍ କୋଣ ଅନୁକୋଣ ରେ ରହୁଥିବା ଯୁବ ଖେଳାଳି ମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦ୍ୱାରା ସେମାନଙ୍କ ପ୍ରତିଭାକୁ ପ୍ରଦର୍ଶିତ କରିବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ : ୨ ଗିରଫ

ଜୟପୁର, ୧୨/୦୬ (ନି.ପ୍ର): ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢାଉ କରିଛି । ପୋଲିସ ସୂଚନା ଅନୁଯାଇ ଜୟପୁର ସଦର ପୋଲିସ ପାତ୍ରପୁଟ ରେ ପେଟ୍ରୋଲିଂ କରୁଥିବା ୨ ଜଣ ଅଭିଯୁକ୍ତ ଏକ ଜରି ବେଗ ଧରି ଛକ ଠାରେ ବସକୁ ଅପେକ୍ଷା କରିଥିଲେ । ପୋଲିସ ସନ୍ଦେହ କରି ଯାଂଚ କରିଥିଲା । ସେ ଜରି ବେଗରୁ ଗଞ୍ଜେଇ ଥିବା ଜାଣିବାକୁ ପାଇ ଦୁଇ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ରାଜସ୍ଥାନର ପପୁ ରାମ (୨୭) ଓ ଜାକିର ଖାନ (୨୧) । ୨ ଅଭିଯୁକ୍ତ ଠାରୁ ୨୨ କେଜି ଗଞ୍ଜେଇ ୨ଟି ମୋବାଇଲ ଜବତ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ୨୪ ଲକ୍ଷ ବିଦ୍ୟୁତ୍ ଦେୟ ହଡ଼ପ ଅଭିଯୋଗ: ବୁଦ୍ଧମ୍ ବିଲ୍ଡର୍ସର ସଂଯୋଜକ ଅଟକ



ସୁନ୍ଦରଗଡ଼, ୧୨/୦୬ (ନି.ପ୍ର): ଟାଟାପାୱାର ପଶ୍ଚିମ ଓଡ଼ିଶା ବିତରଣ କମ୍ପାନି ତରଫରୁ ସୁନ୍ଦରଗଡ଼ ବିଦ୍ୟୁତ୍ ବିଭାଜନ (ଡିଭିଜନ)ର ବିଦ୍ୟୁତ୍ ଦେୟ ସଂଗ୍ରହରେ ନିୟୋଜିତ ବୁଦ୍ଧମ ବିଲ୍ଡର୍ସ ସଂସ୍ଥାର ସଂଯୋଜକ ପ୍ରାୟ ୨୪.୪୭ ଲକ୍ଷ ଟଙ୍କା ଜମା ନକରି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ସଂସ୍ଥା ପକ୍ଷରୁ ସୁନ୍ଦରଗଡ଼ ଟାଉନଥାନାରେ ଲିଖିତ ଅଭିଯୋଗ ହେବାପରେ ପୁଲିସ ସଂଯୋଜକ ଓ ତାଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗ ଅନୁସାରେ, ଟାଟାପାୱାର ସୁନ୍ଦରଗଡ଼ ବିଦ୍ୟୁତ୍ ବିଭାଜନର ଗ୍ରାହକଙ୍କଠାରୁ ବିଦ୍ୟୁତ୍ ଦେୟ ସଂଗ୍ରହ ପାଇଁ ବୁଦ୍ଧମ ବିଲ୍ଡର୍ସଙ୍କୁ ନିୟୋଜିତ କରିଛନ୍ତି। ସଂସ୍ଥାର ଜଣେ ସଂଯୋଜକଙ୍କ ତତ୍ତ୍ୱାବଧାନରେ ୧୨ ପରିଦର୍ଶକ (ସୁପରଭାଇଜର) ବିଦ୍ୟୁତ୍ ଦେୟ ସଂଗ୍ରହ କରିଥାନ୍ତି। ତେବେ, ନିକଟରେ ପରିଦର୍ଶକମାନେ ସଂଗୃହୀତ ରାଶି ୨୪.୪୭ ଲକ୍ଷ ଟଙ୍କା ସଂଯୋଜକଙ୍କୁ ଦେଇଥିଲେ ମଧ ସେ ତାକୁ ଜମା କରି ନଥିଲେ ବୋଲି ଅଭିଯୋଗ ହୋଇଛି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସଂଯୋଜକଙ୍କଠାରୁ ୨୪.୪୭ ଲକ୍ଷ ଟଙ୍କା ଭରଣା ବା ଆଦାୟ କରିବାକୁ ସଂସ୍ଥା ପୁଲିସକୁ ଅନୁରୋଧ କରିଥିବା ଜଣାପଡ଼ିଛି।

# ସାତକୋଶିଆରୁ ହଜିଯିବ ୧୨ ଗାଁ : ବିସ୍ଥାପନକୁ ଗ୍ରାମବାସୀଙ୍କ ବିରୋଧ



ଅନୁଗୁଳ, ୧୨/୦୬ (ନି.ପ୍ର): ସାତକୋଶିଆ ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଏହାର କୋର ଅଞ୍ଚଳରୁ ଆଉ ୧୨ଟି ଗାଁ ଉଚ୍ଛେଦ ହେବ। ଏଥିନେଇ ପ୍ରଶାସନ ଓ ବନବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଆରମ୍ଭରୁ ବନବିଭାଗକୁ କଡ଼ା ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଛି। ଏହି ଗାଁଗୁଡ଼ିକ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଭିତରେ ଆସୁ ନଥିବାରୁ ଉଚ୍ଛେଦ ସମ୍ପୂର୍ଣ୍ଣ ବେଆଇନ ବୋଲି ଅଞ୍ଚଳବାସୀ ଅଭିଯୋଗ ବାଢ଼ିଛନ୍ତି। ଇକୋସେନ୍ସିଟିଭ୍ ଏରିଆ ଭିତରେ ଆସୁଥିବା ଏହି ଗାଁଗୁଡ଼ିକୁ ଉଚ୍ଛେଦ କରାଗଲେ ଏହାର ପରିଣାମ ଭୟାବହ ହେବ ବୋଲି ସାତକୋଶିଆ ଅଭୟାରଣ୍ୟ ପ୍ରଜା ସୁରକ୍ଷା ସମିତି ପକ୍ଷରୁ ଚେତାବନୀ ଦିଆଯାଇଛି। ଅନୁଗୁଳ ଜିଲ୍ଲା ପୁରୁଣାକୋଟ୍ ଗ୍ରାମ ପଞ୍ଚାୟତ ସମେତ ଟିକରପଡା, ଜଗନ୍ନାଥପୁର ଓ ବଲଙ୍ଗ ପଞ୍ଚାୟତର ୧୨ଟି ଗ୍ରାମ ଉଚ୍ଛେଦ ନେଇ ପ୍ରଶାସନ ଓ ବନ ବିଭାଗ ପ୍ରକ୍ରିୟା ଆରମ୍ଭ କରିଛି। ଅଭୟାରଣ୍ୟ ଏବଂ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରୁ ସ୍ୱେଚ୍ଛାକୃତ ଗ୍ରାମ ବିସ୍ଥାପନ ବ୍ୟବସ୍ଥାରେ ସଂପୂର୍ଣ୍ଣ ଗ୍ରାମବାସୀ ସମ୍ମତି ପ୍ରକାଶ ପରେ ବିସ୍ଥାପନ ପ୍ରକ୍ରିୟା ଆରମ୍ଭ କରିବା କଥା। ମାତ୍ର, ସାତକୋଶିଆ ବନଖଣ୍ଡ ଆଇନକୁ ଏଡ଼ାଇ ଦେଇ ମନଇଚ୍ଛା ବିସ୍ଥାପନ କରିବାକୁ ଅଣ୍ଟା ଭିଡ଼ିଛନ୍ତି। ଜିଲ୍ଲା ପ୍ରଶାସନ ଏହାର ଉପଯୁକ୍ତ ତର୍ଜମା ନ କରି ବେଆଇନ୍ ବିସ୍ଥାପନକୁ ଆଗେଇବାରେ ସହଯୋଗ କରୁଛି। ଜଙ୍ଗଲ ଅଧିକାର ଆଇନ୍ ବଳରେ ଗ୍ରାମରେ ଜଙ୍ଗଲ ଅଧିକାରର ଉଭୟ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଓ ଗୋଷ୍ଠିଗତ ଜଙ୍ଗଲ ଅଧିକାରର ଆଦୌ ପ୍ରକ୍ରିୟା ଆରମ୍ଭ ନ କରି ଗ୍ରାମ ବିସ୍ଥାପନ ବେଆଇନ୍ କାର୍ଯ୍ୟ ବୋଲି ୧୨ଟି ଗାଁର ଜନପ୍ରତିନିଧି, ବରିଷ୍ଠ ନାଗରିକ, ଗାଁ ସଭାପତି ପ୍ରମୁଖ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଏବଂ ଅଭୟାରଣ୍ୟରୁ ସ୍ୱେଚ୍ଛାକୃତ ବିସ୍ଥାପନ ବନ୍ୟଜୀବ ସଂରକ୍ଷଣ ଆଇନର ୩୮(ଭି) ଓ ୨୪ ଓ ୨୫ ଧାରାରେ ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ କୋର୍ ଏରିଆ, ସଂକଟାପନ୍ନ ବ୍ୟାଘ୍ର ବାସସ୍ଥଳୀ, ସଂକଟାପନ୍ନ ବନ୍ୟଜୀବ ବାସସ୍ଥଳୀ ଏବଂ ଅଭୟାରଣ୍ୟ, ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଓ ଜାତୀୟ ଉଦ୍ୟାନରୁ ବିସ୍ଥାପନ ସାଧାରଣ ଉଦ୍ଦେଶ୍ୟରେ ହେଇପାରିବ। କିନ୍ତୁ କେନ୍ଦ୍ର ସରକାରଙ୍କର ଅନୁମୋଦନକ୍ରମେ ଗତ ୨୦୧୮ ଡିସେମ୍ବର ୧୪ ତାରିଖରେ ରାଜ୍ୟ ସରକାର ଘୋଷଣା କରିଥିଲା ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଏବଂ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଭିତରେ ଏହି ଗାଁଗୁଡ଼ିକ ଆସୁନି। ଏପରିକି ଏହି ଗ୍ରାମଗୁଡ଼ିକ ଇକୋସେନସିଟିଭ୍ ଏରିଆ ମଧରେ ଆସୁଅଛି। ଇକୋସେନସିଟିଭ୍ ଅଞ୍ଚଳରୁ ଗ୍ରାମ ବିସ୍ଥାପନ ସରକାରୀ ଆଇନ୍ ପରିସରଭୁକ୍ତ ହୋଇ ନଥିବା ଆଇନଜୀବୀ ପ୍ରସନ୍ନ କୁମାର ବେହେରା କହିଛନ୍ତି। ଅପରପକ୍ଷରେ ଏହି ୧୨ଟା ଗାଁକୁ ସବୁଦିନ ପାଇଁ ବିସ୍ଥାପନ କରିବାକୁ ବନବିଭାଗ ଓ ପ୍ରଶାସନ ଏକପ୍ରକାର ଜିଦ୍ ଧରି ବସିଛି।

# ଯାଜପୁର ଜିଲ୍ଲାରେ କୃଷି ଯୋଜନା ଦିଗହରା : ଶତାଧିକ କ୍ଷେତ ପୋଖରୀ ଚୋରି



ଯାଜପୁର, ୧୨/୦୬ (ନି.ପ୍ର): ଚାଷୀମାନଙ୍କର ଅର୍ଥନୈତିକ ସ୍ଥିତି ସୁଧାରିବା ପାଇଁ ରାଜ୍ୟରେ ଜଳ ବିଭାଜିକା ଜରିଆରେ ୫ଲକ୍ଷ କ୍ଷେତପୋଖରୀ ଖନନ ପାଇଁ ଲକ୍ଷ୍ୟ ରହିଥିଲା। ଯାଜପୁର ଜିଲ୍ଲାରେ ୨୦୨୦ ମସିହାଠାରୁ ୨୦୨୩ ଜାନୁଆରି ପର୍ଯ୍ୟନ୍ତ ୬୬୧ ଟି କ୍ଷେତ ପୋଖରୀ ଖୋଳା ହୋଇଛି ବୋଲି ସରକାରୀ ତଥ୍ୟ କହୁଛି। ମାତ୍ର, ବଡ଼ଚଣା ବ୍ଲକ୍ରେ କେବଳ କାଗଜପତ୍ରରେ କ୍ଷେତପୋଖରୀ ଖୋଳାଯାଇଥିବା ଅଭିଯୋଗ ହେବାପରେ ଜିଲ୍ଲାପାଳ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦-୨୨ ବର୍ଷ ମଧରେ ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଚଣ୍ଡିତଳ ପଞ୍ଚାୟତର ବାଘୁଆ ଓ ତେଲିଗଡ଼ ଗ୍ରାମରେ କ୍ଷେତପୋଖରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ବାଘୁଆ ଗ୍ରାମର ଧୀରେନ୍ଦ୍ର ସାମଲ, ବିଜୟ ସାମଲ, ସଂଗ୍ରାମ ସାମଲ ଓ ପ୍ରଶାନ୍ତ ରାଉତଙ୍କ ସମେତ ତେଲିଗଡ଼ ଗ୍ରାମର ସୁରେଶ ଶୁକ୍ଳ ଓ ଇନ୍ଦୁମତୀ ଶତପଥୀଙ୍କ ନାମରେ ଫାର୍ମ ପଣ୍ଡ (ବଗିଚା ପୋଖରୀ) ଖନନ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ କ୍ଷୀରୋଦ ସାମଲଙ୍କ ପୁଅ ଧୀରେନ୍ଦ୍ର, ବିଜୟ ଓ ସଂଗ୍ରାମଙ୍କ ପୁରୁଣା ପୋଖାରୀ ଥିଲା। ସେହି ପୋଖରୀକୁ ଫାର୍ମପଣ୍ଡ ଦେଖାଯାଇଛି। ଏପରିକି ବିଭିନ୍ନ ସ୍ଥାନରେ ନିୟୋଜିତ ଲୋକଙ୍କ ନାମରେ ଥିବା ଜବ୍ କାର୍ଡ଼ ଅର୍ଥ ହଡ଼ପ କରାଯାଇଛି। ଧୀରେନ୍ଦ୍ର ଏକ ଘରୋଇ ସଂସ୍ଥାରେ ଜଣେ ନିରାପତ୍ତା ରକ୍ଷୀ ଭାବେ କାର୍ଯ୍ୟ କରି ଆସୁଥିବାବେଳେ ତାଙ୍କ ପନ୍ନୀ ସୁଜାତା ସାମଲ ଚଣ୍ଡିତଳ ପଞ୍ଚାୟତର ଏମବିକେ ଅଛନ୍ତି। ୨୦୨୧-୨୦୨୨ ବର୍ଷରେ ବିଜୟ ସାମଲଙ୍କ ପୋଖରୀରେ ଧୀରେନ୍ଦ୍ର, ସୁଜାତା ଓ ତାଙ୍କ ପୁଅ କାମ କରି ହଜାର ହଜାର ଟଙ୍କା ମଜୁରି ନେଇଥିବା ସରକାରୀ କାଗଜପତ୍ରରୁ ଜଣାପଡ଼ିଛି। ବିଜୟ ସାମଲଙ୍କ ପୋଖରୀ ବାବଦରେ ମୋଟ ୧ଲକ୍ଷ ୬୬ହଜାର ୨୮୬ ଟଙ୍କା ଏବଂ ଧୀରେନ୍ଦ୍ର ସାମଲଙ୍କ ପୋଖରୀ ବାବଦରେ ମୋଟ ୫୦ହଜାର ୬୧୬ ଟଙ୍କା ପୈଠ କରାଯାଇଛି। ସଂଗ୍ରାମ ସାମଲଙ୍କ ଦଖଲରେ ଥିବା ସରକାରୀ ଜମି ଓ ନିଜ ଜମି ମିଶାଇ ଖୋଳିଥିବା ବେଆଇନ୍ ମୋରମ ଖାଦାନକୁ ମଧ ଫାର୍ମ ପୋଖରୀ ଦର୍ଶାଯାଇଛି। ଏଥିରେ ବଡ଼ଚଣା ଥାନାରେ ମାମଲା ହୋଇଥିଲା। ଏଥିରେ ବି ୬୪ହଜାର ୬୦୨ ଟଙ୍କା ପୈଠ ହୋଇଛି। ସେହିପରି, ପ୍ରଶାନ୍ତ ରାଉତଙ୍କ ଫାର୍ମ ପୋଖରୀ ମୋଟ ପ୍ରାୟ ୨୦ହଜାର ଟଙ୍କା ବ୍ୟୟ କରି ମେସିନ୍ ସାହାଯ୍ୟରେ ଏକ ଛୋଟ ଗଡ଼ିଆ ଖୋଳାଯାଇଛି। ୧ଲକ୍ଷ ୨୮ହଜାର ୩୮୨ ଟଙ୍କା ବିଲ୍ ହୋଇଛି। ତେଲିଗଡ଼ ଗ୍ରାମର ସୁରେଶ ଶୁକ୍ଳ ଏବଂ ତାଙ୍କ ବୋହୂ ଇନ୍ଦୁମତୀ ଶତପଥୀଙ୍କ ନାମରେ ମଧ ଦୁଇଗୋଟି ପୋଖରୀ ଖନନ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା। ସୁରେଶଙ୍କ ପୋଖରୀ ବାବଦରେ ମୋଟ ୧ଲକ୍ଷ ୫୪ହଜାର ୫୧୨ ଟଙ୍କା ଓ ଇନ୍ଦୁମତୀ ପୋଖରୀ ବାବଦରେ ମୋଟ ୨ଲକ୍ଷ ୮ହଜାର ୯୮୦ ଟଙ୍କା ପୈଠ ହୋଇଛି। ଗୋଟିଏ ପୋଖରୀ ଖୋଳାଯାଇ ଦୁଇଟି ବିଲ୍ ହୋଇଛି। ଆଇନଜୀବୀ ଉଦୟନାଥ ଏନେଇ ଅଭିଯୋଗ କରିବା ପରେ ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ହାତୀପଲ ଆକ୍ରମଣରେ ୭ରୁ ଉର୍ଦ୍ଧ୍ୱ ଘର ନଷ୍ଟ : ତେଜୁଛି ଜନ ଅସନ୍ତୋଷ



ଚିତ୍ରଡ଼ା, ୧୨/୦୬ (ନି.ପ୍ର): ବର୍ଷ ତମାମ ହାତୀ ଉପଦ୍ରବ ମୋରଡା ବ୍ଲକରେ ଲାଗି ରହିଛି। ହାତୀ ଉପଦ୍ରବକୁ ନେଇ ଲୋକେ ଅତିଷ୍ଠ ହୋଇଗଲେଣି । ହାତୀ ଆକ୍ରମଣରେ ଧନଜୀବନ ହାନି ଘଟିବା ଘଟଣା ମୋରଡା ବ୍ଲକରେ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ତେବେ ଗୋଟିଏ ରାତିରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଘରକୁ ହାତୀପଲ ଭାଙ୍ଗି ସମ୍ପୂର୍ଣ୍ଣରୂପେ ନଷ୍ଟ କରିଥିବା ବେଳେ ହାତୀପଲ ଆକ୍ରମଣରେ ଏକ ବଳଦର ମୃତ୍ୟୁ ମଧ ଘଟିଥିବା ଜଣାପଡିଛି। ହାତୀ ଉପଦ୍ରବକୁ ରୋକିବାରେ ବନବିଭାଗ ଏବଂ ପ୍ରଶାସନ ଅସଫଳ ହେଉଥିବାର ସାଧାରଣରେ ଅଭିଯୋଗ ହେଉଥିବା ବେଳେ ଜନଅସନ୍ତୋଷ ଏବେ ଜନ ଆନ୍ଦୋଳନର ଦାନା ବାନ୍ଧୁଛି। ତେବେ ଶନିବାର ବିଳମ୍ବିତ ରାତିରେ ବ୍ଲକର କୋହି ପଞ୍ଚାୟତରେ ହାତୀପଲ ଏକାଧିକ ଘର ଭାଙ୍ଗିଛନ୍ତି। ଉକ୍ତ ପଞ୍ଚାୟତର ସୋନପୁରିଆ ଗ୍ରାମର କାନ୍ହୁଚରଣ ମାର୍ଣ୍ଡି ତାଙ୍କ ସ୍ତ୍ରୀ ମତି ମାର୍ଣ୍ଡିଙ୍କ ସହିତ ଘରେ ଶୋଇଥିବା ବେଳେ ରାତି ପ୍ରାୟ ବାରଟା ସମୟରେ ଏକ ସାତ ଟିକିଆ ହାତୀପଲ ତାଙ୍କ ଘର ଉପରେ ଆକ୍ରମଣ କରିଥିଲେ। ଘରକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇ ଘରେ ଥିବା ଧାନ, ଚାଉଳ ଖାଇ ନଷ୍ଟ କରିବା ସହିତ ଏକ ବଳଦକୁ କଚାଡି ମାରି ଦେଇଥିବା ଜଣାପଡିଛି। ସେହିପରି ଉକ୍ତ ଗ୍ରାମର ବାଜୁନ ମାର୍ଣ୍ଡିଙ୍କ ଘର ମଧ ହାତୀ ପଲ ଭାଙ୍ଗିବା ସହିତ ଘରେ ଥିବା ଧାନ, ଚାଉଳ ଖାଇ ନଷ୍ଟ କରିଥିଲେ ଏବଂ ଘରେ ଥିବା ଆସବାବପତ୍ର ମଧ ନଷ୍ଟ କରିଛନ୍ତି। ସେହିପରି ଉକ୍ତ ପଞ୍ଚାୟତ ର ବଡଫେରା ଗ୍ରାମର ସାନ ଫୁଲରାୟ ମୁର୍ମୁଙ୍କ ଘର କାନ୍ଥ ଭାଙ୍ଗି ଧାନ, ଚାଉଳ ଏବଂ ଅନନ୍ତ ହେମ୍ବ୍ରମଙ୍କର ମଧ ଧାନ, ଚାଉଳ ଖାଇ ନଷ୍ଟ କରିଛନ୍ତି। ସେହିପରି ଗଡ଼ିଗାଁ ପଞ୍ଚାୟତର ଫୁଲବାଡ଼ିଆ ଗ୍ରାମରେ ମଧ ଏକାଧିକ ଲୋକଙ୍କ ଘରକୁ ଆକ୍ରମଣ କରି ହାତୀପଲ ଭାଙ୍ଗିଦେଇଥିବା ଜଣାପଡିଛି। ଖବରରୁ ପ୍ରକାଶ କି ଉକ୍ତ ଗ୍ରାମର ପରେଶ ଚନ୍ଦ୍ର ମହାନ୍ତ, ଅଜିତ କୁମାର ମହାନ୍ତ ଏବଂ ଅରୁଣ ମହାନ୍ତଙ୍କ ଘର ଉପରେ ଆକ୍ରମଣ କରି ଘର ଗୁଡିକୁ ସମ୍ପୂର୍ଣ୍ଣରୂପେ ଭାଙ୍ଗି ନଷ୍ଟ କରିଦେଇଥିବା ବେଳେ ଘରେଥିବା ଧାନ, ଚାଉଳ ଏବଂ ଆସବାବପତ୍ର କୁ ମଧ ନଷ୍ଟ କରିଦେଇଥିବା ଜଣାପଡିଛି।

# ପଦ୍ମଗିରି ଜିଲ୍ଲା ପରିଷଦ ଜୋନ୍‌ର ୪ଟି ଗ୍ରାମପଂଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କ ଦଳୀୟ ବୈଠକ

ମାଲକାନଗିରି, ୧୨/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ବ୍ଲକ ପଦ୍ମଗିରି ଗ୍ରାମପଂଚାୟତରେ ଆଜି ମାଲକାନଗିରି ବିଜୁ ଜନତା ଦଳ ତରଫରୁ ପଦ୍ମଗିରି ଜିଲ୍ଲା ପରିଷଦ ଜୋନ୍ ର ୪ଟି ଗ୍ରାମପଂଚାୟତର ବିଜେଡି କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ମାଲକାନଗିରି ଜିଲ୍ଲା ଆଇନଜୀବି ସାମ୍ମୁଖ୍ୟ ସଭାପତି ତଥା ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଗୋପାଳ କୃଷ୍ଣ ପଣ୍ଡା ଯୋଗଦେଇ ଉପସ୍ଥିତ ବିଜେଡି ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ମାଲକାନଗିରି ଜିଲ୍ଲାରେ ନାରୀ ସଶକ୍ତିକରଣ, ଶିକ୍ଷା, ପର୍ଯ୍ୟଟନ, କ୍ରୀଡ଼ା, ଗମନାଗମନ ତଥା ଲୋକଙ୍କ ସୁବିଧାକୁ ଅଗ୍ରାଧିକାର ଦେଇ ପ୍ରସ୍ତୁତ ହେଉଛି ବିକାଶର ନୂଆ ନକ୍ସା ବୋଲି କହିଥିଲେ। ମାଲକାନଗିରି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ସାମୁଏଲ୍ ନାୟକ ମଧ ଅନୁଷ୍ଠିତ ବୈଠକରେ ୪ ଗ୍ରାମପଂଚାୟତ ପଦ୍ମଗିରି, ଉଡ୍ଡୁପା, ଝରାପାଲ୍ଲୀ ଓ ପେଡାକୋଣ୍ଡା ଗ୍ରାମପଂଚାୟତର ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତାଙ୍କୁ ସମସ୍ତ ୱାର୍ଡ ସ୍ତରରେ ବିଜୁ ଜନତା ଦଳର ସଂଗଠନ ମଜବୁତ କରିବା ସହ ପ୍ରତ୍ୟେକ ୱାର୍ଡରେ ବିଜେଡି ସକ୍ରିୟ ଯୁବ ଛାତ୍ର ମହିଳାଙ୍କୁ ନେଇ ୱାର୍ଡ କମିଟି ଓ ବୁଥ୍ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

## ବାହାନଗା ରେଳ ଦୁର୍ଘଟଣା ସମ୍ପର୍କରେ....

(ପୃଷ୍ଠା ୪ର ଅବଶିଷ୍ଟାଂଶ...)

ସୂର୍ଯ୍ୟ ହିଁ ଆଖିକୁ ଦେଖିବାରେ ସାହାଯ୍ୟ କରୁଥିବା ଆଲୋକ ତେଣୁ ସୂର୍ଯ୍ୟ କୃତଘ୍ନ ଠାରୁ ଦୂରରେ ରହି ତାକୁ ଦଣ୍ଡ ଦିଅନ୍ତି। ସଂସାରରୁ ଯେଉଁ ଉପକାର ମିଳେ ତାହା କୃତଘ୍ନମାନେ ଶୀଘ୍ର ଭୁଲିଯାଆନ୍ତି। ତାଙ୍କର ହୃଦୟ ପଥର ପରି ସେଥିପାଇଁ ତାଙ୍କ ଉପରେ କୌଣସି ଛାପ ପଡ଼ିନଥାଏ। କୃତଜ୍ଞ ବ୍ୟକ୍ତି ଅତି ଛୋଟ ସେବାକୁ ମଧ୍ୟ ଉପହାର ରୂପେ ମନରେ ସାଇତି ରଖିଥାଏ କିନ୍ତୁ କୃତଘ୍ନ ବ୍ୟକ୍ତି ଯେତେ ମୂଲ୍ୟବାନ ହେଲେ ବି ଉପହାରକୁ ଭୁଲିଯାଏ ଓ ଦାତାର ଅନିଷ୍ଟ କରେ।

ସେ ଦିନ ମୁଁ ଦୂରଦର୍ଶନରେ ଦେଖିଛି ରେଳମନ୍ତ୍ରୀ ଟ୍ରେନଡବା ଗୁଡ଼ିକରେ ମୃତଦେହ ରହିଯାଇଛି କି ନାହିଁ ଦେଖୁଥିବା ବେଳେ ଟ୍ରେନରୁ ବାହାରି ଆସିବା ସମୟରେ ତାଙ୍କର ଆଖୁ ଓ ହାତ ତଳେ ଲାଗିଯାଇଥିଲା। ଦିନରାତି ଠିଆ ହୋଇ ମୃତକ ମାନଙ୍କର ସଂରକ୍ଷଣର ବ୍ୟବସ୍ଥା କରିବା ଆହାତ ବ୍ୟକ୍ତି ମାନଙ୍କୁ କିପରି ଚିକିତ୍ସାଳୟକୁ ପଠାଇବା ଓ ରାଜ୍ୟ ସରକାରଙ୍କର ସାହାଯ୍ୟରେ କିପରି ବିନା ଶୁଳ୍କରେ ସାହାଯ୍ୟ କରିବା ତାର ବ୍ୟବସ୍ଥା କରିବା, ମୃତାହତଙ୍କ ପରିବାରକୁ କିପରି ଅନୁକମ୍ପା ରାଶି ପ୍ରଦାନ କରାଯାଇପାରିବ ତାର ବ୍ୟବସ୍ଥା କରିବା, ସଂପର୍କୀୟ ମାନଙ୍କର ଯିବା ଆସିବାର ସୁବିଧା କରିବା ୧୦୮ ଗାଡ଼ି ଗୁଡ଼ିକର ସୁପରିଚାଳନା କରିବା ଏପରିକି ଧୂ ଧୂ ଖରାରେ ଶ୍ରମିକ ମାନଙ୍କ ପାଖରେ ରହି ରେଳ ଲାଇନ ଗୁଡ଼ିକ ସଜାଡ଼ି ପୁନଃ ରେଳ ସଂଚାଳନର ସୁବ୍ୟବସ୍ଥା କରିବା ମୁଁ ଦୂରଦର୍ଶନରେ ଦେଖିଛି। ଜଣେ ପ୍ରଶାସନିକ ଅଧିକାରୀ ଓ ଭାରତର ଜଣେ ବରିଷ୍ଠ ମାନ୍ୟବର ମନ୍ତ୍ରୀ, ବିଚକ୍ଷଣ ବୁଦ୍ଧିମତାସମ୍ପନ୍ନ ମନ୍ତ୍ରୀ ରେଳ ଧାରଣା କଡ଼ରେ ସାଧାରଣ ବ୍ୟକ୍ତିପରି ତଳେ ବସି ସେବା କରିବାର ଦୃଶ୍ୟ ଦୂରଦର୍ଶନରେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲି। ଦୁର୍ଘଟଣା ଏକ ଦୁର୍ଘଟଣା ଅଟେ। ଏପରି ଜଣେ ମହାନ ବ୍ୟକ୍ତିଙ୍କୁ ନୈତିକତା କାରଣ ଦୃଷ୍ଟିରୁ ଇସ୍ତଫା ଦେବାକୁ କହିବା ଘୋର ପାପ। ଶିକ୍ଷକ କହିଲେ ଆଜି ସମୟ ହୋଇଯାଇଛି ପରେ ଆଲୋଚନା କରିବା।

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଣେ ଗୁରୁତର: ତିନି ଆହତ

ଲଙ୍ଗଳେଶ୍ୱର , ୧୨/୦୬ (ନି.ପ୍ର): ବାଲିଆପାଳ ଥାନା ବାଲିଆପାଳ ଗ୍ରାମର ବାବୁ ସେଠୀଙ୍କ ଏକ ପକ୍କା ଘରର ନିମଟାଲ ଢେଲାଇ କାମ ପାଇଁ ଲୁହା ଛଡ଼ ଘର ଉପରକୁ ଉଠାଉଥିବା ବେଳେ ସୋମବାର ୪ଶ୍ରମିକ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏବେ ଜଣଙ୍କର ଅବସ୍ଥା ଗୁରୁତର ହେଇଛି। ତାଙ୍କୁ କଟକ ପଠାଯାଇଛି। ଗୁରୁତର ଆହତ ଜଣକ ହେଲେ ଜାମକୁଣ୍ଡା ଗ୍ରାମର କାର୍ତ୍ତିକ ଜେନା। ସୂଚନା ମୁତାବକ ଘର ନିର୍ମାଣ କାର୍ଯ୍ୟ ଚାଲିଥିବା ସ୍ଥାନ ପାର୍ଶ୍ୱରେ ୧୧କେଭି ବିଦ୍ୟୁତ ତାର ରହିଛି। ଘର ଉପରକୁ ନିମଟାଲ ଢଳେଇ କାର୍ଯ୍ୟ ପାଇଁ ଲୁହା ଛଡ଼ ଗୋଛା କୁ ସମସ୍ତ ଶ୍ରମିକ ଓ ମିସ୍ତ୍ରୀ ଉଠାଉଥିବା ସମୟରେ ରଡ ଗୋଡ଼ିକ ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶେ ରେ ଆସିଯାଇଥିଲା । ଫଳରେ ସମସ୍ତ ଶ୍ରମିକ , ମିସ୍ତ୍ରୀ ଘର ଉପରୁ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳାରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରୁ ଚାରି ଆହତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରୀତ କରଯାଇଥିଲା। ସେଠାରେ କାର୍ତ୍ତିକର ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ପଠା ଯାଇଛି ବୋଲି ସୂଚା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### ଗୁରୁବାର ଲ୍ୟାଣ୍ଡଫଲ....

ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୨୫ରୁ ୧୩୫ ବେଳେବେଳେ ଏହା ୧୫୦ ମଧ୍ୟ ଛୁଇଁପାରେ। ଜୁନ ୧୪ ଓ ୧୫ରେ ସୌରାଷ୍ଟ୍ର ଓ କଚ୍ଛରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ସେ କହିଛନ୍ତି। ବାତ୍ୟାକୁ ଦୃଷ୍ଟିରେ ରଖି କଚ୍ଛ ପ୍ରଶାସନ ତଳିଆ ଅଞ୍ଚଳରେ ରହିଥିବା ଲୋକଙ୍କୁ ଅସ୍ଥାୟୀ ବାତ୍ୟା ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିଛି। ସମସ୍ତ ସ୍ୱେଚ୍ଛାସେବୀ ସଂଗଠନକୁ ମଧ୍ୟ ୫ ହଜାରୁ ଅଧିକ ଶୁଖିଲା ଖାଦ୍ୟ ପୁଡ଼ିଆ ପ୍ରସ୍ତୁତ କରି ରଖିବାକୁ କୁହାଯାଇଛି। ଗୁଜରାଟ, କେରଳ, କର୍ଣ୍ଣାଟକା, ମହାରାଷ୍ଟ୍ର ଓ ଲକ୍ଷଦ୍ୱୀପର ମତ୍ସ୍ୟଜୀବୀ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ମୁମ୍ବାଇରେ ୫ଟି ଏନଡିଆରଏଫ ଟିମ ମୁତୟନ ହୋଇଛନ୍ତି। ସେହିପରି ଗୁଜରାଟକୁ ଆଉ ୪ଟି ଟିମ ପଠାଇ ଯାଇଛି। ପୁଣେରେ ଥିବା ଏନଡିଆରଏଫ ଟିମକୁ ମଧ୍ୟ ଆଲର୍ଟରେ ରଖାଯାଇଛି। ଅନ୍ୟପକ୍ଷରେ ବାତ୍ୟାର ପ୍ରଭାବ ପାକିସ୍ତାନରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି। ଏଥିପାଇଁ ସିନ୍ଧ ଓ ବାଲୋଚିସ୍ତାନକୁ ଆଲର୍ଟ ଜାରି କରାଯାଇଛି। ଜୁନ ୧୩ ତାରିଖ ରାତିରୁ ସିନ୍ଧ ଓ ମାକରନ ଉପକୂଳରେ ପ୍ରବଳ ବର୍ଷା ଆରମ୍ଭ ହେବ ବୋଲୀ ପାକିସ୍ତାନ ପାଣିପାଗ ବିଭାଗ କହିଛି।

### ୧୯ରୁ ଯୁକ୍ତ ୩ ..

ଜୁଲାଇ ୧୪ରୁ ୧୮ ଯାଏଁ ସ୍ଲାଇଡ ସିଲେକ୍ସନ/ଫ୍ରିଜ୍/ଅପ୍ସନ ଫ୍ଲୋଟ୍ , ଜୁଲାଇ ୧୫ରୁ ୧୭- ଆଲଟ୍ ହୋଇଥିବା ଶିକ୍ଷାନୁଷ୍ଠାନରେ ରିପୋର୍ଟିଂ କରିବେ ଛାତ୍ରଛାତ୍ରୀ। ସେହିପରି ଜୁଲାଇ ୨୭ରେ ଦ୍ୱିତୀୟ ପର୍ଯ୍ୟାୟ ସିଟ୍ ଆଲଟମେଂଟ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ତୃତୀୟ ପର୍ଯ୍ୟାୟ ମେଧା ତାଲିକା ଅଗଷ୍ଟ ୩, ଅଗଷ୍ଟ ୨୧ରେ ଚତୁର୍ଥ ପର୍ଯ୍ୟାୟ, ପଂଚମ ପର୍ଯ୍ୟାୟ ସେପଟ୍ମେର ୧ ଏବଂ ଷଷ୍ଠ ପର୍ଯ୍ୟାୟ ୧୩ ସେପଟ୍ମେରରେ ମେଧା ତାଲିକା ପ୍ରକାଶ କରାଯିବ।

### ଆଷାଢରେ ....

ଆଜି ସମ୍ୱଲପୁରରେ ତାପମାତ୍ରା ୪୬.୧ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ୪୪.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆଜି ସମ୍ୱଲପୁରରେ ସର୍ବାଧିକ ୪୬.୧ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୪୫.୬ ଡିଗ୍ରୀ, ସୋନପୁରରେ ୪୫ , ବରଗଡରେ ୪୪.୯ , ଭୁବନେଶ୍ୱରରେ ୪୪.୩ ଡିଗ୍ରୀ ,ବଲାଙ୍ଗିର, ବୌଦ୍ଧ, ଟିଟିଲାଗଡ, ନୟାଗଡ ଓ ତାଳଚେରରେ ୪୪ ଡିଗ୍ରୀ ସେଲସିୟସ ରେକର୍ଡ ହୋଇଛି। ସେହିପରି ଅନୁଗୁଳରେ ୪୩.୯ , ଝାରସୁଗୁଡ଼ାରେ ୪୩.୪ , ରାଉରକେଲା, କଟକ, ଢେଙ୍କାନାଳ ଓ ନୂଆପଡାରେ ୪୩.୨, ସୁନ୍ଦରଗଡରେ ୪୨.୭, ଜଗତସିଂହପୁର ଓ ଖୋର୍ଦ୍ଧାରେ ୪୨.୫ , କେନ୍ଦ୍ରାପଡାରେ ୪୧.୮ , ଫୁଲବାଣୀ, ଭଦ୍ରକ, ରାୟଗଡାରେ ୪୧.୫ ଡିଗ୍ରୀ , ଭବାନୀପାଟଣା ଓ ମାଲକାନଗିରିରେ ୪୧ , କେନ୍ଦୁଝରରେ ୪୦.୮ , ଦେବଗଡ ଓ ବାରିପଦାରେ ୪୦.୨, ପାରଳାକେମୁଣ୍ଡି, ଚାନ୍ଦବାଲି ଓ ଛତ୍ରପୁରରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୫ଦିନ ଯାଏଁ ରାଜ୍ୟରେ ତାପମାତ୍ରା ରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଉପକୂଳରେ ଗୁଳୁଗୁଳି ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ଜାରି ରହିବ। ଏହି ୫ଦିନ ଯାଏଁ ରାଜ୍ୟର କିଛି ସ୍ଥାନରେ ଦିନ ତାପମାତ୍ରା ସ୍ୱାଭାବିକ ତୁଳନାରେ ୪ ରୁ ୬ ଡ଼ିଗ୍ରୀ ଅଧିକ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର।

### ଶକ୍ତିମନ୍ତ୍ରୀଙ୍କ ଘର....

ଭୁବନେଶ୍ୱରକୁ ପାଣି ଯୋଗାଣ ପାଇଁ ଏକ ବିଶାଳ ପାଣି ଟାଙ୍କି ନିର୍ମାଣ କରାଯାଉଥିବା କୁହାଯାଉଛି। ଏହି ପ୍ରକଳ୍ପକୁ ବିରୋଧ କରି ସ୍ଥାନୀୟ ଲୋକେ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ତ ହୋଇଥିଲେ। ପୂର୍ବଘାଟ ପର୍ବତମାଳାର ଅଂଶ ବିଶେଷ ଥିବା ଏହି ପାହାଡ଼ ଜୈବ ବିବିଧତାରେ ପରିପୂର୍ଣ୍ଣ। ବାଣୀବିହାର ଉଦ୍ଭିଦ ବିଜ୍ଞାନ ବିଭାଗ ଦ୍ୱାରା ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ, କେବଳ ଶିଖରଚଣ୍ଡୀ ପାହାଡରେ ୨ ଶହ ୨୦ ପ୍ରକାରର ଔଷଧୀୟ ବୃକ୍ଷ ସହ ଅନେକ ଜୀବଜନ୍ତୁ ଥିବା ଦର୍ଶାଯାଇଥିଲା। ପାହାଡ଼ ନଷ୍ଟ ସହ ଏସବୁ ଅବକ୍ଷୟ ହେଉଥିବା ଅଭିଯୋଗ ଆଣି ଏନ୍‌ଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ ଲୋକେ।

### ଅନଲାଇନ ଗେମ ଜରିଆରେ....

ତାଙ୍କୁ ଜେରା କରିବା ବେଳେ ଶାହନୱାଜଙ୍କ ନାଁ ସାମ୍ନାକୁ ଆସିଥିଲା। ଶାହନୱାଜ ଓ ଗାଜିଆବାଦର ଜଣେ ମୌଲବୀଙ୍କ ନାଁରେ ଉତ୍ତର ପ୍ରଦେଶର ସ୍ୱତନ୍ତ୍ର ଧର୍ମାନ୍ତରୀକରଣ ନିରୋଧ ଆଇନ ଅନୁସାରେ ମାମଲା କରାଯାଇଥିଲା। ଗାଜିଆବାଦର ଜଣେ ବ୍ୟକ୍ତି ଗତ ମାସରେ ଶାହନୱାଜ ଓ ମୌଲବୀଙ୍କ ବିରୋଧରେ ବେଆଇନ ଧର୍ମ ପରିବର୍ତ୍ତନ ଅଭିଯୋଗ ଆଣିଥିଲେ। ଏମାନେ କୁଆଡ଼େ ନିକଟରେ ଦ୍ୱାଦଶ ଶ୍ରେଣୀ ପାସ୍ କରିଥିବା ତାଙ୍କ ପୁଅଙ୍କୁ ଇସଲାମରେ ଦୀକ୍ଷିତ କରିଥିବା ଅଭିଯୋଗ କରିଥିଲେ। ଗୋଟିଏ ଅନଲାଇନ ଗେମ ଜରିଆରେ ଅଭିଯୋଗକାରୀଙ୍କ ପୁଅ ପ୍ରଥମେ ଶାହନୱାଜଙ୍କ ସଂସ୍ପର୍ଶରେ ଆସିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ଆରମ୍ଭ ହୋଇଥିଲା। ଏହି ସମୟରେ ଶାହଜୱାଜ ଅଭିଯୋଗକାରୀଙ୍କ ପୁଅଙ୍କୁ ଇସଲାମ ପ୍ରତି ଆକର୍ଷିତ କରିଥିଲେ ବୋଲି ଅଭିଯୋଗ ହୋଇଛି।

## ତ୍ରୁଟିପୂର୍ଣ୍ଣ ରେଳ ପରିଚାଳନାର ପ୍ରତିବାଦ: ମିଳିତ ବିରୋଧୀ ରାଜନୈତିକ ମଞ୍ଚ ପକ୍ଷରୁ ବିକ୍ଷୋଭ




ବାଲେଶ୍ୱର, ୧୨/୦୬ (ନି.ପ୍ର): ଦେଶର ତ୍ରୁଟିପୂର୍ଣ୍ଣ ରେଳ ଚଳାଚଳ ଯୋଗୁଁ ବାହାନଗା ସମେତ ବିଭିନ୍ନ ସ୍ଥାନରେ ଦୁର୍ଘଟଣା ଘଟିଚାଲିଥିବା ଅଭିଯୋଗ କରି ମିଳିତ ବିରୋଧୀ ରାଜନୈତିକ ମଞ୍ଚ ପକ୍ଷରୁ ବିକ୍ଷୋଭ ସମାବେଶ ବାଲେଶ୍ୱର ରେଳଷ୍ଟେସନଠାରେ ଅନୁଷ୍ଠିତ ହୋଇଯାଇଛି। ସିପିଆଇଏମ ଜିଲା ସମ୍ପାଦକଙ୍କ ଶିଶିର ହୁଇଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସ ଜିଲା ସଭାପତି ସଂଜୀବ ଗିରି, ପିସିସି ସାଧାରଣ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଶ୍ରମିକନେତା ବିକାଶ ଦାସ, ସିପିଆଇଏମ ଜିଲା ସମ୍ପାଦକ ମଣ୍ଡଳୀ ସଭ୍ୟ ସୀତାଂଶୁ ସେନାପତି, ପ୍ରେମ ରଞ୍ଜନ ପାତ୍ର, ବିଜୟ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ,ଦିଲୀପ କୁମାର ଗିରି, ସିପିଆଇର ଜିଲା ସମ୍ପାଦକ ନିରଞ୍ଜନ ବାରିକ, ଭାଗବତ ପ୍ରତିହାରୀ, ଗୌରାଙ୍ଗ ପାଣିଗ୍ରାହୀ, ଆପର ଜିଲା ସମ୍ପାଦକ ନିକୁଞ୍ଜ କୁମାର ମହାନ୍ତି, ଫରୱାର୍ଡବ୍ଲକର ସର୍ବେଶ୍ୱର ମିଶ୍ର, ଲକ୍ଷ୍ମୀଧର ଗିରି, ସିପିଆଇଏମ ଭଦ୍ରକ ଜିଲା ସମ୍ପାଦକ ଦିବ୍ୟସିଂହ ନାୟକ, ରାଜ୍ୟ ନେତା ନିର୍ମଳ ନାୟକ, ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ, ମୟୂରଭଞ୍ଜ ଜିଲା ସିପିଆଇଏମ ନେତା ମୃତ୍ୟୁଞ୍ଜୟ ବେହେରା, ବିର୍କତନ କବି, ହରିଶ ସିଂ, ପ୍ରଶାନ୍ତ ରାଏ, ଚାଷୀ ମୂଳିଆ ନେତା ଅରୁଣ ଜେନା, ନିରଞ୍ଜନ ବେହେରା, ପ୍ରଭାକର ବେହେରା, ମଣ୍ଟୁ ନାୟକ, ସିକନ୍ଦର ଖାଁ, ଆଜମତ ଖାଁ, ପ୍ରତାପ ବାରିକ, ସୁଦର୍ଶନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବାହାନଗା ରେଳ ଦୁର୍ଘଟଣାର ସିବିଆଇ ପରିବର୍ତ୍ତେ ସୁପ୍ରିମ କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସଆଇଟି) ଦ୍ୱାରା ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। କେନ୍ଦ୍ର ସରକାରଙ୍କ ହାତବାରିସୀ ସାଜି ଲୋକଙ୍କର ବିଶ୍ୱାସ ହରାଇଥିବା ସିବିଆଇ ତଦନ୍ତ ପ୍ରତ୍ୟାହାର କରଯାଉ ବୋଲି ସେମାନେ କହିଥିଲେ। ଏଥି ସହିତ ନିରପେକ୍ଷ ତଦନ୍ତ ପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ, ସମସ୍ତ ମୃତକଙ୍କ ନାମ ତାଲିକା ଫୋଟୋ ସହିତ ସାର୍ବଜନୀନ ଭାବେ ସବୁ ଭାଷାରେ ଦୈନିକ ଖବର କାଗଜରେ ପ୍ରକାଶ କରାଯାଉ, ମୃତକଙ୍କୁ ଚିହ୍ନଟ ପ୍ରକ୍ରିୟା ସରଳୀକରଣ କରିବା, ପ୍ରତ୍ୟେକ ମୃତକ ପରିବାରକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, ସମସ୍ତ ଆହତଙ୍କୁ ଉନ୍ନତ ଏବଂ ଅତ୍ୟାଧୁନିକ ମାଗଣା ଚିକିତ୍ସା ପ୍ରଦାନ, ସମସ୍ତ ଆହତଙ୍କୁ ଆର୍ଥିକ ସହାୟତା, ପ୍ରତ୍ୟେକ ମୃତକ ପରିବାର ଏବଂ ଗୁରୁତର ଆହତ ହୋଇ ସମ୍ପୂର୍ଣ୍ଣ ଭିନ୍ନକ୍ଷମ ହୋଇଥିବା ପରିବାରର ଜଣକୁ ନିଯୁକ୍ତି, ରେଳ ବିଭାଗରେ ଖାଲି ପଡ଼ିଥିବା ୩ ଲକ୍ଷ ୧୨ହଜାର ପଦ ଅବିଳମ୍ବେ ପୂରଣ କରିବା, ରେଳ ବ୍ୟବସ୍ଥାର ସାମଗ୍ରିକ ଭିତ୍ତିଭୂମି ବିକାଶ, ରେଳ ଧାରଣାର ରକ୍ଷଣା-ବେକ୍ଷଣ, ଆସନ୍ନ ଦୁର୍ଘଟଣା ରୋକିବା ପାଇଁ ଅତ୍ୟାଧୁନିକ କାରିଗରୀ କୌଶଳ 'କବଚ' ବ୍ୟବହାର କରିବା, ଘରୋଇକରଣ ପ୍ରକ୍ରିୟା ବନ୍ଦ କରିବା, ରେଳ ଯାତ୍ରାରେ ସବୁ ଯାତ୍ରୀଙ୍କ ନିରାପତ୍ତା, ପାନୀୟ ଜଳ, ଉନ୍ନତ ଧରଣର ପାଇଖାନା, ସଫେଇ ବ୍ୟବସ୍ଥା, ଖାଦ୍ୟ ସାମଗ୍ରୀର ଗୁଣ ବୃଦ୍ଧି, ସାଧାରଣ ଯାତ୍ରୀଙ୍କ ଯାତାୟତ ପାଇଁ ଅଧିକରୁ ଅଧିକ ସ୍ଲିପର କୋଚ, ସାଧାରଣ କୋଚ ପ୍ରଚଳନ କରିବା ସହିତ ସୁଲଭ ମୂଲ୍ୟରେ ରେଳ ଯାତ୍ରା ସୁବିଧା ଇତ୍ୟାଦି ଯୋଗାଇବା ନିମନ୍ତେ ମିଳିତ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଏନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଷ୍ଟେସନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା।

## ବଜ୍ରାଘାତରେ ଯୁବକ ମୃତ

ଲଙ୍ଗଳେଶ୍ୱର, ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ଗ୍ରାମର ମଧୁ ଦଳାଇ (୩୦)ଙ୍କ ଆଜି ବଜ୍ରାଘାତ ରେ ମୃତ୍ୟୁ ହୋଇଛି। ସୂଚନା ରୁ ପ୍ରକାଶ ମଧୁ ଦଳାଇ ସନ୍ଧ୍ୟା ରେ ଦେଉଳାରୁ ଘରକୁ ଫେରୁ ଥିବା ସମୟରେ କାଳ ବୈଶାଖୀ ଯୋଗୁଁ ବର୍ଷା ପବନ ସାଙ୍ଗ କୁ ଘଡଘଡି ମାରୁଥିଲା। ଦେଉଳା ରୁ ସାଇକେଲ ରେ ଘରକୁ ଫେରୁ ଥିବା ସମୟରେ ବଜ୍ରାଘାତ ରେ ତଳେ ପଡ଼ିଯାଇ ଥିଲେ। ଗୁରୁତର ଅବସ୍ଥାରେ ଲୋକେ ୧୦୮ ଆମ୍ବୁଲାନ୍ସ ଯୁଗେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ନେଇ ଥିଲେ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରେଳ ଦୁର୍ଘଟଣାରେ ଦିବଂଗତ ଆତ୍ମା ପାଇଁ ଶାନ୍ତିକାନନରେ କବିତାରେ ଶ୍ରଦ୍ଧାଞ୍ଜଳି




ବାଲେଶ୍ୱର, ୧୨/୦୬ (ନି.ପ୍ର): ଜୁନ୍ ୨ ତାରିଖରେ ବାହାନଗାଠାରେ ଘଟିଥିବା ଛାତିଥରା ରେଳ ଦୁର୍ଘଟଣାରେ ଶତାଧିକ ବ୍ୟକ୍ତି ମୃତ ଓ ସହସ୍ରାଧିକ ବ୍ୟକ୍ତି ଆହତ ହୋଇଥିବା ପରିପ୍ରେକ୍ଷୀରେ ଅଶ୍ରୁତର୍ପଣ କରି ରବିବାର ସନ୍ଧ୍ୟାରେ ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନରେ 'ରେଳ ଦୁର୍ଘଟଣାର ଶୋକଚ୍ଛ୍ୱାସ' ଶୀର୍ଷକ କବିତାପାଠର ଆୟୋଜନ କରାଯାଇଥିଲା। ଆସରକୁ ପୌରୋହିତ୍ୟ କରି ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଦୁର୍ଘଟଣାରେ ଜୀବନ ହାରିଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ଉଦ୍ଧାର କାର୍ଯ୍ୟରେ ସମୟୋଚିତ ପଦକ୍ଷେପ ପାଇଁ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। କବି ବିମଳ ଜେନା, ଶ୍ରୀଦେବ, ଡ. ହରିଶ୍ଚନ୍ଦ୍ର ବେହେରା, ଗାଳ୍ପିକ ନିବାରଣ ଜେନା ଓ ବ୍ୟଙ୍ଗକାର ଶ୍ରୀ ଅବାଗିଆ ଅତିଥି ଭାବରେ ଯୋଗ ଦେଇ ଦିବଂଗତ ଆତ୍ମାଙ୍କ ପ୍ରତି ଶୋକବ୍ୟକ୍ତ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ସ୍ୱାଗତ ଭାଷଣ ଦେବା ପରିପ୍ରେକ୍ଷୀରେ ବାହାନଗା ଦୁଃଖରେ ପରିଷଦର ଯେଉଁ ସଦସ୍ୟମାନେ ସେବା ଯୋଗାଇ ଦେଇଥିଲେ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଯୁଗ୍ମ ସଂପାଦକ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। କବି ମଧୁସୂଦନ ମିଶ୍ରଙ୍କ ସଂଯୋଜନାରେ ଶରତ କୁମାର ମହାପାତ୍ର, ଡ. ଶିରୀଶ ଚନ୍ଦ୍ର ଜେନା, ଅଞ୍ଜଳୀ ପଣ୍ଡା, ନିରଞ୍ଜନ ରାଉତ, କମଳାକାନ୍ତ ଦାଶ, ସତ୍ୟ ସାହୁ, ଗଗନ କୁମାର ସେଠୀ, ପ୍ରଭାତ କୁମାର ଆଚାର୍ଯ୍ୟ, ଜୟନ୍ତ ହଂସରାଜ, ପଦ୍ମଲୋଚନ ଦତ୍ତ, ମହେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ହିଂମାଂଶୁ ଦାସ, ନିରଞ୍ଜନ ପତି, ନିତ୍ୟାନନ୍ଦ ରାଉତ, ସୌଭାଗିନୀ ମିଶ୍ର, କୃଷ୍ଣା ପ୍ରଧାନ, ସୁଷମା ମହାପାତ୍ର, ଅର୍ଚ୍ଚନା ନନ୍ଦୀ, ପ୍ରଭାକର ସାହୁ, ସଞ୍ଜୟ ପଣ୍ଡା, ପ୍ରବୀର କୁମାର କମିଲା, ଜଳଧର ପଣ୍ଡା, ଡା. ଅଭିମନ୍ୟୁ କାନୁନ୍‌ଗୋ, ସୁବ୍ରତା ମହାନ୍ତି, ବାସନ୍ତୀ ଦେ, ସଂଗୀତା ବାରିକ ପ୍ରମୁଖ କବିତାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଜନସମ୍ପର୍କ ଅଭିଯାନରେ ୬୦ହଜାର ପରିବାରକୁ ଭେଟିବେ ବିଜେପି କର୍ମୀ




ବାଲେଶ୍ୱର, ୧୨/୦୬ (ନି.ପ୍ର): ନରେନ୍ଦ୍ର ମୋଦି ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଜିଲାରେ ଜନସମ୍ପର୍କ ଅଭିଯାନ କାର୍ଯ୍ୟକାରିତା ନେଇ ଜାରି ରହିଛି ଉଦ୍ୟମ। ଏନେଇ ବାଲେଶ୍ୱରରେ ପହଞ୍ଚିଛନ୍ତି ଦଳର ରାଜ୍ୟ ସହପ୍ରଭାରୀ ତଥା ରାଜ୍ୟସଭା ସାଂସଦ ବିଜୟପାଲ ସିଂ ତୋମାର। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଶ୍ରୀ ତୋମାର ଯୋଗଦେଇ କେନ୍ଦ୍ର ସରକାରଙ୍କ ୯ ବର୍ଷର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଗତ ୯ ବର୍ଷ ଭାରତବର୍ଷ ପାଇଁ "ନବନିର୍ମାଣ" ଏବଂ "ଗରୀବ କଲ୍ୟାଣ"ର ବର୍ଷ ବୋଲି ସେ କହିଛନ୍ତି । ଏହି ସମୟ ମଧ୍ୟରେ ଦେଶ 'ପଲିସି ପାରାଲିସିସ୍' ରୁ 'ଡିସାଇସିଭ'(ନିର୍ଣ୍ଣାୟକ)କୁ' ଏବଂ ଅର୍ଥନୀତିରେ 'ଦୁର୍ବଳ ୫ ରୁ ଶ୍ରେଷ୍ଠ ୫' କୁ ଯାତ୍ରା କରିଛି ବୋଲି ଶ୍ରୀ ତୋମାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମୋଦି ସରକାରଙ୍କ ସୁଶାସନ ଓ ୯ ବର୍ଷର ଗରୀବ କଲ୍ୟାଣ ସଫଳତାକୁ ପ୍ରତ୍ୟେକ ଘରେ ପହଞ୍ଚାଇବା ପାଇଁ ଦଳର ରାଷ୍ଟ୍ରୀୟ ସଭାପତି ଜଗତ ପ୍ରକାଶ ନଡ୍ଡାଙ୍କ ଆହ୍ୱାନ କ୍ରମେ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏକ ମାସ ବ୍ୟାପୀ 'ମହା ଜନସଂପର୍କ ଅଭିଯାନ' ଜାରି ରହିଥିବା ସେ କହିଛନ୍ତି । ଏହି କ୍ରମରେ ଓଡ଼ଶାରେ ୪ଟି ମହାସଭା ଅନୁଷ୍ଠିତ ହେବା ସହିତ ଏଥିରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସମେତ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏହା ସହିତ ରାଜ୍ୟରେ ୧ହଜାରରୁ ଉର୍ଦ୍ଧ୍ୱ ଜନସଭା ଅନୁଷ୍ଠିତ ହେବ । ସେହିପରି ବାଲେଶ୍ୱର ଜିଲ୍ଲାର ସମସ୍ତ ୧୮୮୭ ବୁଥର ୬୦ହଜାର ପରିବାରକୁ ଦଳର କାର୍ଯ୍ୟକର୍ତ୍ତାମାନେ ସାକ୍ଷାତ କରି ମୋଦି ସରକାରଙ୍କ ସଫଳତା ବିଷୟରେ ଚର୍ଚ୍ଚା କରିବେ। ଏହି ଅଭିଯାନ ଅନ୍ତର୍ଗତ ୨୧ ତାରିଖର ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ପାଳନ ଅବସରରେ ପ୍ରତ୍ୟେକ କାର୍ଯ୍ୟକ୍ରମ ସ୍ଥଳମାନଙ୍କରେ କେନ୍ଦ୍ର ସରକାରଙ୍କ ୯ ବର୍ଷର ସଫଳତାକୁ ନେଇ ପ୍ରଦର୍ଶନୀ ଆୟୋଜିତ ହେବ । ଏଥି ସହିତ ୨୩ ତାରିଖ ଡ.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପୁଣ୍ୟତିଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିଜିଟାଲ ରାଲି ମାଧ୍ୟମରେ ଦେଶର ୧୦ ଲକ୍ଷ ବୁଥରେ ସମର୍ଥକ, କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହ ସିଧାସଳଖ କଥାବାର୍ତ୍ତା କରିବେ ବୋଲି ଶ୍ରୀ ତୋମାର ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ରାଜ୍ୟ ସମ୍ପାଦିକା ଶିପ୍ରା ବାଜପେୟୀ, କାର୍ଯ୍ୟକ୍ରମର ରାଜ୍ୟ ସହ-ସଂଯୋଜକ ବିଷ୍ଣୁ ଦାସ, ଜିଲା ଗଣମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନଙ୍କ ସମେତ ପୂର୍ବତନ ଜିଲା ସଭାପତି ଲମ୍ବୋଦର ନାୟକ, ମହିଳା ମୋର୍ଚ୍ଚା ରାଜ୍ୟ ଉପ-ସଭାପତି ସୁଷମା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲା ଉପ-ସଭାପତି କମଳା ବିନ୍ଧାଣୀ, କମଳ ଲୋଚନ ଦାସ ଓ ସାବିତ୍ରୀ ଜେନା, ଜିଲା ସମ୍ପାଦକ ବିଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଗଣମାଧ୍ୟମ ସହ-ସଂଯୋଜକ ରଞ୍ଜିତ ପୁଷ୍ଟି ଓ ଅନୀଲ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

**AFFIDAVIT**

An affidavit before the notary public, Balasore, I, Smt. Sabita Lenka, aged about 40 years, wife of Arun Lenka, of village/ po-Bardhanpur, Ps- Sadar, Disth- Balasore, Odisha do hereby solemnly affirmand state that before my marriage and educational recorded my name was Truptilata Mahakud and also my Postal Life Insurance policy No. R-OR-BN-EA-101618, My name was Truptilata Mahakud but after marriage my name has been changed as Sabita Lenka. Both Truptilata Mahakud and Sabita Lenka is Same & one Person. Henceforth I will be known as Smt. Sabita Lenka in all purpose.

**Smt. Sabita Lenka**

## ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ

ବାଲେଶ୍ୱର, ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ପାଳିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଏବଂ ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ପ୍ରାଧିକରଣ ସମ୍ମିଳନୀ କକ୍ଷରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲା ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷ ଚିନ୍ତାମଣି ପଣ୍ଡା ଅଧ୍ୟକ୍ଷତା କରିବା ସହିତ ଶିଶୁ ଶ୍ରମିକ ନିରୋଧ ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ଶିଶୁ ଶ୍ରମିକ ନିରୋଧ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ଆଇନରେ ଥିବା ବିଭିନ୍ନ ନିୟମ ସହିତ ଉଦ୍ଧାର ହେଉଥିବା ଶିଶୁ ଶ୍ରମିକଙ୍କ ପୁନର୍ବାସ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ପଣ୍ଡା, ଇଣ୍ଟରନ୍ୟାସନାଲ ଜଷ୍ଟିସ ମିଶନର ଡିଭିଜନାଲ ମୁଖ୍ୟ ଅମିତ କୁମାର ନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ବରିଷ୍ଠ ଆଇନଜୀବୀ ଦୀପକ କୁମାର ଦାସ, ଆଇନଜୀବୀ ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଶିଶୁ ଶ୍ରମିକ ନିୟୋଜନ ନିରୋଧ ଆଇନ କାର୍ଯ୍ୟକାରିତାର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଜିଲା ଆଇନସେବା ପ୍ରାଧିକରଣର ସଚିବ ପ୍ରିୟ ରଂଜନ ଓଝା କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବାହାନଗା ରେଳ ଦୁର୍ଘଟଣାରେ ମୃତ ଯାତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ପଞ୍ଚଲିଙ୍ଗେଶ୍ୱର ଯାତ୍ରା କମିଟି

ନୀଳଗିରି, ୧୨/୦୬ (ନି.ପ୍ର): ପଞ୍ଚଲିଙ୍ଗେଶ୍ୱର ଯାତ୍ରାକମିଟି ପକ୍ଷରୁ ବାହାନଗା ରେଳଦୁର୍ଘଟଣାରେ ମୃତ ପ୍ରାୟ୩୦୦ ଯାତ୍ରୀଙ୍କ ଉଦ୍ଦେଶ୍ୟରେ ରବିବାର ସନ୍ଧ୍ୟାରେ ପଞ୍ଚଲିଙ୍ଗେଶ୍ୱର ଛକଠାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି।କମିଟି ସଭାପତି ସୋମନାଥ ନାୟକଙ୍କ ଆହ୍ୱାନକ୍ରମେ ସମ୍ପାଦକ ମାନସ କୁମାର ପଣ୍ଡା, ଉପସଭାପତି ବସନ୍ତ କୁମାର ରାଉଳ, ମନୋରଞ୍ଜନ ଦାସ, ଅଭୟ ପଣ୍ଡା,ପ୍ରକାଶ ପଣ୍ଡା,ବଳରାମ ପଣ୍ଡା, ଲକ୍ଷ୍ମୀଧର ସ,ବେଣୁଧର ଜେନା, ମଞ୍ଜିତ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ ସମେତ ବହୁ ସଦସ୍ୟ ଯୋଗଦାନ କରି ଦୁର୍ଘଟଣାରେ ଦିବଂଗତ ଆତ୍ମାପ୍ରତି ନୀରବ ପ୍ରାର୍ଥନା କରିବାସହିତ କ୍ୟାଣ୍ଡଲ ଜାଳି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏଥିସହ ଦୁର୍ଘଟଣାରେ ଆହତ ସମସ୍ତ ଯାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

ମଙ୍ଗଳବାର, ଜୁନ୍ ୧୩, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉଦଳାରେ ପହଂଚିଲା ଭଂଜସେନାର ପଦଯାତ୍ରା

ଉଦଳା, ୧୨/୦୬ (ନି.ପ୍ର):- ଶିମିଳିପାଳ ସୁରକ୍ଷାର ବାର୍ତା ନେଇ ମୟୂରଭଞ୍ଜର ଜାଗ୍ରତ ପ୍ରହରୀ 'ଭଂଜ ସେନା' ତରଫରୁ ଚାଲିଥିବା ପଦଯାତ୍ରା ଆଜି ଜୁନ ୧୨ ତାରିଖ ସୋମବାର ଦିନ ଉଦଳା ଠାରେ ପହଂଚିଛି । ଏହି ପଦଯାତ୍ରା ଉଦଳା ପହଂଚିବା ପରେ ଏଠାରେ ଏହାକୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭସେନାର କପ୍ତିପଦା ଉପଖଣ୍ଡ ସଭାପତି ରବିନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଠାରେ ଏକ ସାଧାରଣ ସଭା ମଧ୍ୟ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସଭାରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ବରିଷ୍ଠ ରାଜନେତା ଯଜ୍ଞନାରାୟଣ ମହାନ୍ତି ଓ ପ୍ରଭାତ ପରିଡ଼ା, ସାମ୍ବାଦିକ ସନ୍ତୋଷ ବାଛିନି ପ୍ରମୁଖ ବକ୍ତବ୍ୟ ମାଧ୍ୟମରେ ଭସେନାର ଏଭଳି କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହିତ ପଦଯାତ୍ରାରେ ସାମିଲ ଥିବା ସମସ୍ତ ଭାଇ ଭଉଣୀଙ୍କୁ କୃତଜ୍ଞତା ଜଣାଇଥିଲେ । ମୟୂରଭଞ୍ଜର ପରିଚୟ କହିଲେ 'ଶିମିଳିପାଳ'କୁ ବୁଝାଇଥାଏ ତେଣୁ ଏହାର ସୁରକ୍ଷା ପାଇଁ ଆମେ ସମସ୍ତେ ମିଳିମିଶି ଉଦ୍ୟମ କରିବା ବୋଲି ସମ୍ମତି ପ୍ରଦାନ କରିଥିଲେ । ଏହାପରେ ପଦଯାତ୍ରା କପ୍ତିପଦା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା ।



# ୨୫ଲକ୍ଷ ଟଙ୍କାର ମାଟିଚାଲାଣ ଦୁର୍ନୀତି: ଭିଜିଲାନ୍ସ ତଦନ୍ତ ପାଇଁ ଧାରଣାରେ ପୂର୍ବତନ ସରପଞ୍ଚ

ନୀଳଗିରି , ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲ, ପଞ୍ଚାଗଡ ଆର.ଆଇ ଓ ରେମୁଣା ବ୍ଲକ ଅଧିନ ନୂଆଗାଁ ଗ୍ରାମପଞ୍ଚାୟତର ବିଭିନ୍ନ ୱାର୍ଡ଼ରେ ପୋଖରୀ ଖନନ ନାମରେ ୨୫ଲକ୍ଷ ଟଙ୍କାର ମାଟିଚାଲାଣ ହୋଇଥିବା ନେଇ ନୂଆଗାଁ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଅମୂଲ୍ୟ କୁମାର ପରିଡା ଘଟଣାର ଭିଜିଲାନ୍ସ ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିବା ବେଳେ ଧାରଣାରେ ବସିଥିଲେ । ସୂଚନା ଥାଉକି ନୁଆଗାଁ ପଂଞ୍ଚାୟତର ଲକ୍ଷ୍ମଣ ପୋଖରୀ, ଭଣ୍ଡାରିଆ ପୋଖରୀ ଆଦି ଲକ୍ଷ ଲକ୍ଷ ଟଙ୍କାର ଖନନ ମାଟି ଆତ୍ମସାତ ହୋଇଥିବାର ଅଭିଯୋଗ କରିଛନ୍ତି । ଏନେଇ ଅମୂଲ୍ୟ ପରିଡା ଗତ ୬ / ୬ / ୨୩ ରେ ବାଲେଶ୍ୱର ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ରେମୁଣା ତହସିଲଦିର ଓ ବିଡିଓ ଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ମାତ୍ର ଉକ୍ତ ଘଟଣାରେ କୋଣସି ତଦନ୍ତ ନହେବାରୁ ସୋମବାର ଦିନ ନୂଆଗାଁ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ ସକାଳ୭.୩୦ ଘଟିକା ଠାରୁ ଦିବା ୧୨.୩୦ ପର୍ଯ୍ୟନ୍ତ ଧାରଣାରେ ବସିଥିଲେ । ଆଗାମୀ ଦିନରେ ଯଦି ଭିଜିଲାନ୍ସ ତଦନ୍ତ କରାନଯାଏ ତେବେ ରେମୁଣା ତହସିଲ ଓ ରେମୁଣା ବ୍ଲକ କାର୍ଯ୍ୟାଳୟ ଠାରେ ଧାରଣାରେ ବସିବା ସହିତ ନ୍ୟାୟ ନମିଳିଲେ ପରବର୍ତ୍ତୀ ସମୟରେ ମାନ୍ୟବର ରାଜ୍ୟପାଳ ଓଡିଶାଙ୍କ ବାସଭବନ ଆଗରେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି । ସେଥିପାଇଁ ଯେଉଁ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହେବ ପ୍ରଶାସନ ଦାୟୀ ରହିବେ କହିଛନ୍ତି । ଏନେଇ ଶ୍ରୀ ପରିଡା ବାଲେଶ୍ୱର ଉପ-ଜିଲ୍ଲାପାଳ, ରେମୁଣା ତହସିଲଦିର ଓ ବିଡିଓ ସହିତ ୫ଟି ସଚିବ ଓଡିଶା ସରକାର, ସଚିବ ଗ୍ରାମପଞ୍ଚାୟତ ବିଭାଗ, ସଚିବ ରାଜସ୍ୱ ବିଭାଗଙ୍କୁ ଅବଗତି କରିଛନ୍ତି ।




# ସାମାଜିକ ଅନୁଷ୍ଠାନ 'ବିଏଡିସି' ପକ୍ଷରୁ ଶିଶୁ ଅଧିକାର ସୁରକ୍ଷା ସଚେତନତା

ବାଲେଶ୍ୱର, ୧୨/୦୬ (ନି.ପ୍ର): ବଲେଶ୍ୱର ଜିଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ବସ୍ତି ଏରିଆ ଡେଭେଲୋପମେଣ୍ଟ କାଉନସିଲ୍ (ବିଏଡିସି) ପକ୍ଷରୁ ଶିଶୁ ଅଧିକାର ସୁରକ୍ଷା ଓ ନ୍ୟାୟ ପ୍ରଦାନ ଭିତ୍ତିକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିଶୁମାନଙ୍କ ଅଧିକାର ଓ ନ୍ୟାୟ ପ୍ରଦାନ ଆଇନ କାର୍ଯ୍ୟକାରିତା, ବାଲେଶ୍ୱରକୁ ଶିଶୁ ଶ୍ରମିକ ମୁକ୍ତ ଜିଲା ଭାବେ ପ୍ରତିଷ୍ଠା ଉଦ୍ୟମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବିଶେଷ କରି ଶିଶୁ ଚାଲାଣ ଓ ଅପହରଣ, ଶିଶୁ ଯୌନ ନିର୍ଯାତନା, ବାଲ୍ୟ ବିବହ ରୋକିବା ଦିଗରେ ସବୁ ମହଲରୁ ପ୍ରୟାସ ପାଇଁ 'ବିଏଡିସି' କର୍ମକର୍ତ୍ତାମାନେ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଗ୍ରାମଞ୍ଚଳରେ ପିତାମାତା, ମହିଳା ଗୋଷ୍ଠୀ, ଯୁବକ-ଯୁବତୀ ଓ ଛାତ-ଛାତ୍ରୀମାନେ ଯୋଗ ଦେଇଥିଲେ । ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀମାନେ ଯୋଗ ଦେଇ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯାତନାର କାରଣ ଓ ନିରାକରଣ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି ପାଇଁ ପ୍ରାଚୀର ପତ୍ର, ସୂଚନା ପତ୍ର ବଣ୍ଟନ କରାଯିବା ସହିତ ସମସ୍ତ ନିଜ ନିଜ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଭାବେ ନିଶ୍ଚିତ କରାଇବା ନିମନ୍ତେ ଉପସ୍ଥିତ ମହିଳାମାନେ ଶପଥପାଠ କରିଥିଲେ । ଏହିଭଳି କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କୁ ନିଶ୍ଚିତ ସଚେତନ କରିପାରୁଛଇ ବୋଲି ଅନୁଷ୍ଠାନର ସଂପାଦକ ଗୋପାଳ କୃଷ୍ଣ କର ଆଶା ପ୍ରକାଶ କରିଛନ୍ତି ।

# ବରଯାତ୍ରୀ ବୋଲେର ଓଲଟି ୨ ଗୁରୁତର

ଜଳେଶ୍ୱର , ୧୨/୦୬ (ନି.ପ୍ର): ଗତ ରବିବାର ବିଳମ୍ବିତ ରାତିରେ କମର୍ଦ୍ଦା ଥାନା ଅନ୍ତର୍ଗତ ସାତଶୁଳିଆ ଗାଁର ବିରେନ୍ଦ୍ର ସୁରଙ୍କ ପୁଅ ଜଳେଶ୍ୱର ଥାନା ଅନ୍ତର୍ଗତ ସାହାଡାପଡା ଗାଁର ଦିଲ୍ଲିପ ଭୂୟାଁଙ୍କ ଝିଅକୁ ବିବାହ କରିବାକୁ ଆସିଥିଲେ । କିନ୍ତୁ ରାତି ୧୧ଟା ୩୦ରେ ଓଆର ୦୧ଆର୍-୬୧୯୩ ବୋଲେରଟି ବାଣିଦା ଛକଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଓଲଟିଥିଲା । ସେଥିରେ ଥିବା ବ୍ରଜବିହାରୀ ପାତ୍ରଙ୍କ ପରିବାର ସଦସ୍ୟ ମଧ୍ୟରୁ ୨ଜଣ ଗୁରୁତର ହୋଇ ପ୍ରଥମେ ଜିକେ ଭଞ୍ଜର ଡାକ୍ତରଖାନାରେ ଚିକିତ୍ସିତ ହୋଇ ବାଲେଶ୍ୱର ସ୍ଥାନାନ୍ତର କରାଯାଇଥିବା ଜଣାଯାଇଛି ।

# ବସ୍ତାରେ ଅମଲା ସଂଘ ଧାରଣା ଯୋଗୁ ଲୋକେ ହନ୍ତସନ୍ତ

ବସ୍ତା, ୧୨/୦୬ (ନି.ପ୍ର): ସାରା ରାଜ୍ୟରେ ଅମଲା ସଂଘ ମଞ୍ଚ ପକ୍ଷରୁ ୨୨ତାରିଖ ଠାରୁ ଆନ୍ଦୋଳନ ଚାଲୁ ରହିଛି । ଆଜି ବସ୍ତା ବ୍ଲକ ର ବିଭିନ୍ନ କାର୍ଯ୍ୟାଳୟର କର୍ମଚାରୀ ମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି । ବ୍ଲକର କନିଷ୍ଠ ସହାୟକ ବେତନ ଲେଭେଲ ୪ ରୁ ୯କୁ ବୃଦ୍ଧି କରିବା ସହିତ ଗ୍ରେଡ ପେ ୪୨୦୦ ଟଙ୍କାକୁ ବୃଦ୍ଧି କରାଯିବା ଦାବିନେଇ ଆନ୍ଦୋଳନ ତିବ୍ରତର ହେବାରେ ଲାଗିଛି । ମାତ୍ର ସରକାର ଏଥିପ୍ରତି ନଜର ନ ଦେବାରୁ ଆନ୍ଦୋଳନ କାରୀ ତଥା ଅମଲା ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଅପରପକ୍ଷରେ ଡହଡହ ଖରା ରେ ଲୋକେ ବ୍ଲକ ଦପ୍ତରରେ ବିଭିନ୍ନ କାର୍ଯ୍ୟପାଇଁ ଆଶି ନିରାଶ ହୋଇ ଫେରି ଯାଉଥିବା ନଜରକୁ ଆସିଛି । କାର୍ଯ୍ୟାଳୟରେ କର୍ମଚାରୀ ନଥିବାଯୋଗୁ ଅଫିସ କାର୍ଯ୍ୟ ଅଚଳହୋଇପଡିଛି । ତେବେ ସରକାର ଅମଲା ମାନଙ୍କ ଦାବୀ ପୂରଣ କରିବାପାଇଁ ବସ୍ତାରୁ ଅମିତା ଗିରି, ପୂର୍ଣ୍ଣିମା ସୋରେନ, ପ୍ରଭାତ କୁମାର ପଣ୍ଡା, ସୁନିଲ ବାରିକ, ଦିପକ ଜେନା, ପ୍ରଦୀପଧଳ, ଅମରେଶ ବେହେରା, ହିମାଶୁଂ ନାୟକ,ସୁମନ ସାହୁ, ସୀମା ସାହୁ, ସମେତ ସମସ୍ତ କର୍ମଚାରୀ ଧାରଣାରେ ବସିଥିଲେ ।

# ଲଙ୍ଗଳେଶ୍ୱର ୟୁକୋ ବ୍ୟାଙ୍କରୁ ସହଜରେ ସୁବିଧା ମିଳୁନଥିବାରୁ ଅସନ୍ତୋଷ

ଲଙ୍ଗଳେଶ୍ୱର , ୧୨/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଲଙ୍ଗଳେଶ୍ୱର ଠାରେ ଥିବା ଏକ ମାତ୍ର ୟୁକୋ ବ୍ୟାଙ୍କରୁ ପ୍ରାୟ ୧୫ ଟି ପଞ୍ଚାୟତର ହଜାର ହଜାର ସଂଖ୍ୟାରେ ଲୋକ ଙ୍କ ଏକାଉଣ୍ଟ୍ ରହିଛି । ସରକାରୀ ବା ବେସରକାରୀ ସଂସ୍ଥା ରୁ ଉପକୃତ ହେଉଥିବା ଖାତା ଧାରି ମାନେ ପାଉଥିବା ଅର୍ଥ କୁ ଉଠାଇବା ସହିତ ବିଭିନ୍ନ ସଂସ୍ଥା ରୁ ଋଣ ସୁଝିବା ପାଇଁ ବ୍ୟାଙ୍କ କୁ ପ୍ରତିଦିନ ଶହ ଶହ ଲୋକ ଆସିଥାନ୍ତି ।ଏବେ ପ୍ରାୟ ଦୁଇ ମାସ ହେବ ଲୋକ ମାନେ ବ୍ୟାଙ୍କ ରୁ କୌଣସି ସୁବିଧା ପାଇପାରୁ ନାହାନ୍ତି । ରାଜ୍ୟ ସରକାର ଓଡ଼ିଆ ଭାଷାକୁ ବହୁଳ ଭାବରେ ପ୍ରଚାର ପ୍ରସାର ପାଇଁ ସରକାରୀ କିମ୍ବା ବେସରକାରୀ ସଂସ୍ଥାରେ ଲାଗୁଥିବା ବ୍ୟାନର ଓଡ଼ିଆ ରେ ଲେଖା ହେବା ପାଇଁ ନିର୍ଦ୍ଦେଶ ରହିଛି । ମାତ୍ର ୟୁକୋ ବ୍ୟାଙ୍କରେ ଥିବା ଶାଖା ପରିଚାଳକ ଓଡ଼ିଆ ଭାଷା ଜାଣି ନଥିବାରୁ ଲୋକ ମାନଙ୍କ ର ସମସ୍ୟା ସମାଧାନ ହୋଇପାରୁନାହିଁ ଫଳରେ ଖାତା ଧାରି ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଓଡ଼ିଆ କହି ପାରୁଥିବା ଓ ବୁଝି ପାରୁଥିଲା ଶାଖା ପରିଚାଳକ ନିଯୁକ୍ତି ପାଇଁ ପ୍ରତିମା ଜେନା, ତପସ୍ୱିନୀ କର, ମଞ୍ଜୁଲତା ବାରିକ, ଝରଣା ରାଉତ ଶୋକଦେବ ଦାସ, ବାବୁଲି ରଣା , ପ୍ରମୁଖ ଦାବି କରିଛନ୍ତି । ସେହିପରି ଟଙ୍କା ଉଠାଣ ଏବଂ ଜମା କରିବାପାଇଁ ଗୋଟିଏ କାଉଣ୍ଟର ଖୋଲିଥିବାରୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଲୋକେ । ଗୋଟିଏ ଧାଡ଼ି ରେ ଉଭୟ ପୁରୁଷ ଓ ମହିଳା ଛିଡ଼ା ହୋଇ ବିଭିନ୍ନ ସମସ୍ୟା ଭୋଗୁଛନ୍ତି ବୋଲି ମହିଳା ମାନେ ଅଭିଯୋଗ କରିଛନ୍ତି । ମହିଳା ମାନେ ସମସ୍ୟା ସମ୍ପର୍କରେ ଶାଖା ପରିଚାଳକ ଙ୍କୁ ଅଭିଯୋଗ କଲେ ମଧ ଓଡିଆ ଭାଷା ବୁଝି ପାରୁନଥିବାରୁ ସମସ୍ୟା ସମାଧାନ ହୋଇପାରୁନାହିଁ । ପ୍ରଚଣ୍ଡ ଗରମ ହେଉଛି ମାତ୍ର ବ୍ୟାଙ୍କ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଅସନ୍ତୋଷ ପରିଲକ୍ଷିତ ହେଉଛି । ଖବର ପ୍ରକାଶ ପରେ ବ୍ୟାଙ୍କ ପକ୍ଷରୁ କୀ ପଦକ୍ଷେପ ଗ୍ରହଣ କରାଯାଇଛି ଦେଖିବାକୁ ବାକି ରହିଲା ।

# ବୁଦ୍ଧିଜୀବି ସମ୍ମିଳନୀ ନାମରେ ଭାଜପା ଆରମ୍ଭ କଲା ନିର୍ବାଚନ ପ୍ରଚାର

## ବିଜେପି-ବିଜେଡ଼ି ମେଂଟର ପ୍ରଶ୍ନ ଉଠୁନାହିଁ : କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ

ଉଦଳା, ୧୨/୦୬ (ନି.ପ୍ର): ଭାରତୀୟ ଜନତାପାର୍ଟି ତରଫରୁ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୁଦ୍ଧିଜୀବି ସମ୍ମିଳନୀ ସ୍ଥାନୀୟ 'ସନ୍ଧାନ' ଗୃହ ପରିସରରେ ଚଳିତ ଜୁନ ୧୧ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ, କେନ୍ଦ୍ରସରକାରଙ୍କର ଅନୁସୂଚିତ ଜାତି ମୋର୍ଚ୍ଚାର ସାଧାରଣ ସଂପାଦକ ସଂଜୟନିର୍ମଳ, ପୁର୍ବତନ ବିଧାୟକ କାନ୍ଦ୍ରା ସୋରେନ, ଉଦଳା ବିଧାୟକ ଭାସ୍କର ମଢ଼େଇ, ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା, ଭାଜପାର ବରିଷ୍ଠ ନେତା କମଳ ଧଳ ପ୍ରମୁଖ ମଂଚାସୀନ ଅତିଥି ଭାବରେ ଯୋଗ ଦେଇ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାରଙ୍କର ୯ ବର୍ଷ ପୂର୍ତି ଅବସରରେ ଆଜିର ଏହି କାର୍ଯ୍ୟକ୍ରମ ବୋଲି ବ୍ୟକ୍ତ କରିଥିଲେ । କେନ୍ଦ୍ର ସରକାର ସେବା, ସୁଶାସନ ଓ ଗରିବ କଲ୍ୟାଣ କ୍ଷେତ୍ରରେ ସବୁବେଳେ ତତ୍ପର ହୋଇ ଉଠୁଥିବା ବେଳେ ସାଧାରଣ ଲୋକଙ୍କ ପାଖରେ ଏହାର ସୁଫଳ ପହଂଚାଇବା କ୍ଷେତ୍ରରେ ରାଜ୍ୟ ସରକାର ବାଧକ ସାଜୁଛି ବୋଲି ଅତିଥିବୃନ୍ଦ ନିଜ ନିଜର ଭାଷଣ ମାଧ୍ୟମରେ କହିଥିଲେ । ମୋଟାମୋଟି ଭାବରେ ବୁଦ୍ଧିଜୀବି ସମ୍ମିଳନୀ ନାମରେ ଆଜିର କାର୍ଯ୍ୟକ୍ରମଟି ଭାରତୀୟ ଜନତାପାର୍ଟିର ପାର୍ଟି ପ୍ରଚାର କାର୍ଯ୍ୟକ୍ରମ ଥିଲା, ଏହା ବୁଝିବାରେ କୌଣସି ଅସୁବିଧା ନଥିଲା ବୋଲି ଉପସ୍ଥିତ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବାର ଶୁଣିବାକୁ ମିଳିଥିଲା । ଶେଷରେ ଏକ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ଜନତାଙ୍କ ମଧ୍ୟରୁ ଜଣେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୁରି ଭୁରି ପ୍ରଶଂସା କରୁଥିବା ବେଳେ ଆପଣ ମାନେ ନବୀନ ପଟ୍ଟନାୟକ ସରକାରଙ୍କୁ ନିନ୍ଦା କରିବାର କୌଣସି ମାନେ ନାହିଁ ବୋଲି କହିବା ସହିତ ଆସନ୍ତା ନିର୍ବାଚନରେ ପୁଣିଥରେ ବିଜେପି - ବିଜେଡ଼ି ମେଂଟ ହେବାକୁ ଯାଉଛି କି ? ବୋଲି ପ୍ରଶ୍ନ କରିଥିଲେ ଉତରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀଯୁକ୍ତ ଟୁଡୁ ବିଜେପି- ବିଜେଡ଼ି ମେଂଟର ପ୍ରଶ୍ନ ଉଠୁନି ବୋଲି ଉତର ଦେଇଥିଲେ । ଏତିକିବେଳେ ଉପସ୍ଥିତ ଜନତାଙ୍କ ମଧ୍ୟରେ ହାସ୍ୟରୋଳ ଖେଳିଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଭାଜପାର ବରିଷ୍ଠ ନେତା ନିହାର ରଂଜନ ମୋଦି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବିଧାୟକ ଭାସ୍କର ମଢ଼େଇ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।




# ଅଜଣା ଗାଡି ଧକ୍କାରେ ମହିଳା ମୃତ

ଚମ୍ପୁଆ, ୧୨/୦୬ (ନି.ପ୍ର): ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ବାସୁଦେବପୁର ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମହିଳାଙ୍କୁ ଗାଡିଟି ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତ ମହିଳାଙ୍କ ନାମ ସରସ୍ୱତୀ ସର୍ଦ୍ଦାର । ସେ କଣ୍ଡରା ଗ୍ରାମର ବୋଲି ଜଣାପଡିଛି ।

# ଶ୍ରମିକ ଦିବସରେ ବସ୍ତା ଅଞ୍ଚଳରୁ ୬ ବାଳ ଶ୍ରମିକ ଉଦ୍ଧାର

ବସ୍ତା, ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କ ତତ୍ତ୍ୱାବଧାନରେ ସୋମବାର ବସ୍ତା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢାଉ ହୋଇ ଛଅ ଜଣ ବାଳ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ।ଏହାପରେ ସେହି ପିଲାଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ କମିଟି ରେ ହସ୍ତାନ୍ତର କରାଯାଇ ଅଛି । ଏହି ଚଢ଼ାଉରେ ଏଏଲ୍ ଓ ଏସ ଏସ ସାମଲ, ଗୋପାଳ କର, ସେକ୍ରେଟାରୀ ବି ଏ ଡି ସି, ମୁକ୍ତିକାନ୍ତ ପଣ୍ଡା, ଏଲ ପି ଓ, ଡି ସି ପି ଇଉ, ପ୍ରଶାନ୍ତ କୁମାର ରାଉତ,ଜିଲ୍ଲା ମୁଖ୍ୟ, ଚାଇଲ୍ଡ ଲାଇନ, ବାଲେଶ୍ୱର, ଉତ୍ତମ କୁମାର ନାୟକ, ଟିମ୍ ମେମ୍ବର, ଚାଇଲ୍ଡ ଲାଇନ, ମିନତି ପାତ୍ର ଓ ବର୍ଷା ମହାରଣା, ବାଲେଶ୍ୱର ୱାନଷ୍ଟପ୍ ସେଣ୍ଟର, ପାର୍ଥ ସାରଥି ଦାସ ଇତ୍ୟାଦି ସାମିଲ ଥିଲେ ।

# ମେଗା ରକ୍ତଦାନ ଶିବିର: ୩୦୯ ୟୁନିଟ ରକ୍ତ ସଂଗୃହିତ



ବାରିପଦା , ୧୨/୦୬ (ନି.ପ୍ର): ମାରୱାଡି ଯୁବା ମଞ୍ଚ ବାରିପଦା ପ୍ରଗତି ଆନୁକୂଲ୍ୟରେ ସ୍ଥାନୀୟ ହୋଟେଲ ସ୍ୱସ୍ତିକ ଠାରେ ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହେଇ ଯାଇଛି । କେନ୍ଦ୍ରୀୟ ଜଳଶକ୍ତି ଏବଂ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଏହି ଶିବିରକୁ ଉଦଘାଟନ କରି ରକ୍ତଦାନ ର ଆବଶ୍ୟକତା ଏବଂ ଉପକାରିତା ବିଷୟରେ ନିଜର ବକ୍ତବ୍ୟ ରଖି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟତମ ଅତିଥି ଭାବରେ ମୟୁରଭଞ୍ଜ ମହାରାଣୀ ରଶ୍ମୀ ରାଜଲକ୍ଷ୍ମୀ ଭଞ୍ଜଦେଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୁବାମଞ୍ଚର ୪ ଗୋଟି ଆକ୍ସିଜେନ କନସେନଟ୍ରାଟର ର ଶୁଭ ଉଦଘାଟନ କରିବା ସହିତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ରେ ମୋଟ ୩୦୯ ୟୁନିଟ ରକ୍ତ ସଂଗୃହିତ ହୋଇଥିବା ବେଳେ, ୫୩ ଜଣ ମହିଳା, ୭୨ଜଣ ପ୍ରଥମ ରକ୍ତଦାତା, ୨୪ଦମ୍ପତି ରକ୍ତଦାନ କରିଥିଲେ । ମହିଳା ଏବଂ ପ୍ରଥମ ରକ୍ତଦାତା ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ମାନିତ କରାଯାଇଛି । ଆଜିର ଉତ୍ସବରେ ଶାଖା ସଚିବ ଯୋଗେଶ ଶକୁନିଆ, ରକ୍ତଦାନ ସଂଯୋଜକ ସଚିନ ଗୁପ୍ତା, ଶୁଭମ ଅଗ୍ରୱାଲ, ଜିତେନ୍ଦ୍ର କର୍ଣ୍ଣିଲି ସହ ରାଜ୍ୟ ଜୋନ ସମ୍ପାଦକ ରିଷଭ ଅଗ୍ରୱାଲ୍ ୩୦ରୁ ଉର୍ଦ୍ଧ୍ୱ ଶାଖା ସଦସ୍ୟ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ମାରୱାଡି ଯୁବାମଞ୍ଚର ରାଜ୍ୟ ଜନସେବା ନିର୍ଦ୍ଦେଶକ ରାକେଶ ଶାହା ରକ୍ତଦାତା ମାନଙ୍କୁ କୃତଜ୍ଞତା ଜଣାଇ ଥିଲେ ।

## ଜଳେଶ୍ୱର ବ୍ଲକ ଟପ୍ପର ହେଲେ ସାଧୁଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବଳରାମ ଦାସ ଭୂୟାଁ

# ଆଦର୍ଶ କୋଚିଂ ସେଣ୍ଟରର ଶିକ୍ଷକ, କଲେଜର ଅଧ୍ୟକ୍ଷମାନଙ୍କ ପରିଶ୍ରମ ଓ ବାପା ମା'ଙ୍କ ଆଶୀର୍ବାଦ ଯୋଗୁଁ ମୁଁ ଟପ୍ପର ହୋଇପାରିଛି: ବଳରାମ

ଜଳେଶ୍ୱର, ୧୨/୦୬ (ନି.ପ୍ର): ନିକଟରେ ପ୍ରକାଶ ପାଇଥିବା ଯୁକ୍ତଦୁଇ କଳା ପରୀକ୍ଷାରେ ସର୍ବାଧିକ ୬୦୦ରୁ ୫୨୫ ନମ୍ବର ରଖି ଜଳେଶ୍ୱର ବ୍ଲକ୍‌ରେ ଟପ୍ପର ହୋଇଛନ୍ତି ବଳରାମ ଦାସଭୂୟାଁ । ସୂଚନା ଯୋଗ୍ୟ ରାଇବଣିଆ ଥାନା ଅନ୍ତର୍ଗତ ଚମାରଗାଁ ପଞ୍ଚାୟତର ଘୋଳେଇ ଗ୍ରାମର ପଦ୍ମଲୋଚନ ଭୂୟାଁଙ୍କ ପୁଅ ବଳରାମ ତେଘରିଠାରେ ଥିବା ସାଧୁ ଚରଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୨୫ ନମ୍ବର ରଖି ଜଳେଶ୍ୱର ଅଞ୍ଚଳରେ ଟପ୍ପର ହୋଇଛନ୍ତି । ଏଥିରେ ବଳରାମଙ୍କ ପରିବାର ଲୋକେ ପୁଅର ସଫଳତାରେ ଅତ୍ୟନ୍ତ ଖୁସି ଥିବାର ଦେଖା ଯାଇଥିବାବେଳେ କଲେଜର ଅଧକ୍ଷ ମଧ ବଳରାମଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟପକ୍ଷରେ ବଳରାମ ମଧ ତାଙ୍କୁ ସହଯୋଗ କରିଥିବା କଲେଜର ଅଧକ୍ଷ, ପିତାମାତା ଏବଂ ବିଶେଷ କରି ସେ କୋଚିଂ ନେଉଥିବା ଆଦର୍ଶ କୋଚିଂ ସେଣ୍ଟରର ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । କୋଚିଂ ସେଣ୍ଟରର ସାର୍‌ମାନେ ସମସ୍ତ ବିଷୟପ୍ରତି ଦୃଷ୍ଟିଦେଇ ମୋର ସବୁ ଡାଉଟ୍ କ୍ଲିୟର କରିବାକୁ ସଦାସର୍ବାଦା ଚେଷ୍ଟା କରି ମୋତେ ଫୁଲ ଗାଇଡ୍ କରିଥିଲେ । ସେ ଏହାମଧ କହିଛନ୍ତି ଯେ ଯଦି ଜଣେ ପିଲା ଭଲ ମାର୍କ ରଖି ପାରିବ ତା'ହେଲେ ସେଥିରେ ସେ କେବଳ ନିଜେ ନିଜର ମନବଳ ଦୃଢ଼ କରିବା ଦରକାର, ପରିଶ୍ରମ କରିବା ଦରକାର ଯେ ପର୍ଯ୍ୟନ୍ତ ସେ ଲକ୍ଷ୍ୟସ୍ଥଳରେ ନପହଞ୍ଚି ପାରିଛି । ସେ ପଢୁଥିବା କଲେଜର ମୋଟ ୧୬୨ ଜଣ ପରୀକ୍ଷା ଦେଇଥିବାବେଳେ ଫାଷ୍ଟ ଡିଭିଜନ୍‌ରେ ୨୨ଜଣ, ସେକେଣ୍ଡ୍ ଡିଭିଜନ୍‌ରେ ୧୮ଜଣ ଓ ଥାର୍ଡ୍ ଡିଭିଜନ୍‌ରେ ୧୦୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କିନ୍ତୁ ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଲିଜା ଦାସ ୫୨୪ ଅର୍ଥାତ୍ ବଳରାମ ଦାସ ଭୂୟାଁଠାରୁ ୧ ନମ୍ବର କମ୍ ରଖି ଜଳେଶ୍ୱର ବ୍ଲକ୍‌ରେ ଦ୍ୱିତୀୟ ଟପ୍ପର ହୋଇଛନ୍ତି ।



# ଚଳନ୍ତା ୪୦୭ ଗାଡ଼ିରେ ଲାଗିଲା ନିଆଁ : ଅଳ୍ପକେ ବର୍ତିଲେ ଡ୍ରାଇଭର

ଚମ୍ପୁଆ, ୧୨/୦୬ (ନି.ପ୍ର): କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନଂ ଜାତୀୟ ରାଜପଥ ବାସୁଦେବପୁର ବ୍ରିଜ ନିକଟରେ ଏକ ଚଳନ୍ତା ୪୦୭ ଗାଡ଼ିରେ ଲାଗିଲା ନିଆଁ । ତେବେ ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛନ୍ତି ଗାଡିର ଡ୍ରାଇଭର । ସୂଚନା ଅନୁଯାୟୀ, ଆଜି ସକାଳ ସମୟରେ ଏକ ୪୦୭ ଗାଡି ବାସୁଦେବପୁର ବ୍ରିଜକୁ ଅତିକ୍ରମ କରୁଥିବା ସମୟରେ ହଠାତ ଗାଡ଼ିରେ ନିଆଁ ଲାଗି ଯାଇଥିଲା । ଗାଡ଼ିରେ ନିଆଁ ଲାଗିଥିବା ଜାଣି ପାରି ତୁରନ୍ତ ଡ୍ରାଇଭର ଗାଡ଼ି ଅଟକାଇ ବାହାରକୁ ଚାଲି ଆସିଥିଲେ । ଫଳରେ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତି ଯାଇଛନ୍ତି ଡ୍ରାଇଭର ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo